NITIDIN
# ନିତିଦିନ

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 8 PAGES ● ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

SATURDAY
16 MAY 2026
ଶନିବାର
୧୬ ମେ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 ● ISSUE 357 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ ● ସଂଖ୍ୟା ୩୫୭ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର

# ୩ ଟଙ୍କା ବଢ଼ିଲା ପେଟ୍ରୋଲ୍-ଡିଜେଲ୍ ଦର



## କିଲୋଗ୍ରାମ ପିଛା ୨ ଟଙ୍କା ବଢ଼ିଲା ସିଏନ୍‌ଜି

## ଦେଶର ସମସ୍ତ ଫୁଏଲ୍ ଷ୍ଟେସନ୍‌ରେ ଅସମ୍ଭାଳ ଭିଡ଼

**ନୂଆଦିଲ୍ଲୀ, ୧୫।୫/ଏଜେନ୍ସି:**

ଆଶଙ୍କା ସତ ସାବ୍ୟସ୍ତ ହୋଇଛି । ୫ ରାଜ୍ୟରେ ବିଧାନସଭା ନିର୍ବାଚନ ପରେ ଦେଶରେ ପେଟ୍ରୋଲ୍-ଡିଜେଲ୍ ଦର ମହଙ୍ଗା ହେବ ବୋଲି ଯେଉଁ ଆଶଙ୍କା କରାଯାଉଥିଲା, ଆଜି ଏହାର ସ୍ପଷ୍ଟ ଚିତ୍ର ଦେଖିବାକୁ ମିଳିଛି । ଆଜି ୧୫ ମେ' ରୁ ଏହି ନୂଆ ତଥା ବର୍ଦ୍ଧିତ ମୂଲ୍ୟ ଲାଗୁ ହୋଇଛି । ପ୍ରାୟ ୨ ବର୍ଷ ପରେ ଦରରେ ଏହିଭଳି ବୃଦ୍ଧି କରାଯାଇଛି । ଗୁରୁବାର ବିଳମ୍ବିତ ରାତିରୁ ଦେଶବ୍ୟାପୀ ପେଟ୍ରୋଲ ଏବଂ ଡିଜେଲ ଲିଟର ପିଛା ୩-୩ ଟଙ୍କା ଲେଖାଏ ମହଙ୍ଗା ହୋଇଯାଇଛି । ସେହିପରି ଦେଶର ପ୍ରମୁଖ ସହରଗୁଡ଼ିକରେ ସିଏନ୍‌ଜି ମଧ୍ୟ କିଲୋଗ୍ରାମ୍ ପିଛା ୨ ଟଙ୍କା ମହଙ୍ଗା ହୋଇଛି । ପଶ୍ଚିମ ଏସିଆ ସଙ୍କଟ ଓ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍' ବନ୍ଦ ହେବା କାରଣରୁ ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ୍ ପିଛା ୧୦୦ ଡଲାର ପାର୍ କରିଯିବା ପରେ କମ୍ପାନୀଗୁଡ଼ିକ ଏହି ପଦକ୍ଷେପ ନେବାକୁ ବାଧ ହୋଇଛନ୍ତି ।

ଆଜିର ଏହି ବର୍ଦ୍ଧିତ ପେଟ୍ରୋଲ-ଡିଜେଲ୍ ଦର ଯୋଗୁ ଦେଶର ରାଜଧାନୀ ନୂଆଦିଲ୍ଲୀରେ ଏବେ ପେଟ୍ରୋଲ ଲିଟର ପିଛା ୯୭.୭୭ ଟଙ୍କା ଏବଂ ଡିଜେଲର ମୂଲ୍ୟ ଲିଟର ପିଛା ୯୦.୬୭ ଟଙ୍କା ହୋଇଯାଇଛି । ସେହିପରି ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ପେଟ୍ରୋଲ ମୂଲ୍ୟ ୧୦୪.୩୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଦର ଲିଟର ପିଛା ୧୦୬.୬୮ ଏବଂ ଡିଜେଲ ୯୩.୧୪ ଟଙ୍କା ହୋଇଯାଇଛି । କୋଲକାତାରେ ବି ସେହିଭଳି ପେଟ୍ରୋଲ ଲିଟର ପ୍ରତି ୧୦୮.୭୪ ଏବଂ ଡିଜେଲ ମୂଲ୍ୟ ୯୫.୧୩ ଟଙ୍କା ହୋଇଛି । ଚେନ୍ନାଇ ସହରରେ ମଧ୍ୟ ପେଟ୍ରୋଲ ମୂଲ୍ୟ ୧୦୩.୬୭ ଏବଂ ଡିଜେଲ ମୂଲ୍ୟ ୯୫.୨୫ଟଙ୍କାରେ ପହଞ୍ଚିଯାଇଛି ।

ମଧ୍ୟପ୍ରାଚ୍ୟ ସଂକଟ ମଧ୍ୟରେ ଦେଶର ତୈଳ କମ୍ପାନୀଗୁଡ଼ିକୁ ଏବେ ପେଟ୍ରୋଲ-ଡିଜେଲ୍ ଉପରେ ଲିଟର ପିଛା ୧୪ରୁ ୪୨ଟଙ୍କା ଲେଖାଏ କ୍ଷତି ସହିବାକୁ ପଡୁଛି ବୋଲି କୁହାଯାଇଆସୁଥିଲା । ମୋଟାମୋଟି ତୈଳ କମ୍ପାନୀଗୁଡ଼ିକୁ ପ୍ରତି ମାସରେ ୩୦ ହଜାର କୋଟି ଟଙ୍କାର କ୍ଷତି ସହିବାକୁ ପଡୁଥିଲା । ସରକାରଙ୍କ ପକ୍ଷରୁ ମଧ୍ୟ ଏନେଇ ସୂଚନା ଦିଆଯାଇଥିଲା । ସୂଚନା ଅନୁଯାୟୀ, ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ଉଚ୍ଚ ମୂଲ୍ୟ ଯୋଗୁଁ ଇଣ୍ଡିଆନ୍ ଓଏଲ୍, ଭାରତ ପେଟ୍ରୋଲିୟମ୍ ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ ଭଳି ସରକାରୀ ତୈଳ କମ୍ପାନୀଗୁଡ଼ିକ ପ୍ରବଳ କ୍ଷତିରେ ଚାଲୁଥିଲେ । ପେଟ୍ରୋଲିୟମ୍ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମାଙ୍କ ଅନୁସାରେ, ଏହି କମ୍ପାନୀଗୁଡ଼ିକୁ ପେଟ୍ରୋଲ, ଡିଜେଲ ଏବଂ ଏଲ୍‌ପିଜି ବିକ୍ରି ଉପରେ ପ୍ରତି ମାସରେ ପ୍ରାୟ ୩୦,୦୦୦ କୋଟି ଟଙ୍କାର କ୍ଷତି ସହିବାକୁ ପଡୁଛି । ଅନ୍ୟପକ୍ଷେ ନୂଆ ଦର ▶▶ ୬

**ତେଲ କରୁଛି କଳବଳ**
▶ ସ୍ୱତନ୍ତ୍ର ପୃଷ୍ଠା-୩

# ଜୁନ୍ ୨୧ରେ ନିଟ୍ ପୁନଃ ପରୀକ୍ଷା

## ଛାତ୍ରଛାତ୍ରୀଙ୍କ ପରିଶ୍ରମ ପ୍ରତି ସରକାର ସମ୍ବେଦନଶୀଳ: ଧର୍ମେନ୍ଦ୍ର





**ନୂଆଦିଲ୍ଲୀ, ୧୫।୫/ଏଜେନ୍ସି:**

ଆସନ୍ତା ଜୁନ୍ ୨୧ରେ ପୁଣି ଥରେ ହେବ ନିଟ୍ ୟୁଜି ପରୀକ୍ଷା । ଏନ୍‌ଟିଏ ବା ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି ଏହି ନୂଆ ତାରିଖ ଘୋଷଣା କରିଛି । ମେ' ୩ ତାରିଖରେ ଅନୁଷ୍ଠିତ ହୋଇଥିବା ଏହି ପରୀକ୍ଷା ପ୍ରଶ୍ନ ପତ୍ର ଲିକ୍ ଯୋଗୁଁ ବାତିଲ କରାଯାଇଥିଲା । ଏହି ପରୀକ୍ଷାରେ ୨୨ ଲକ୍ଷ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ, ତେଣୁ ବର୍ତ୍ତମାନ ସମସ୍ତ ପ୍ରାର୍ଥୀଙ୍କୁ ପୁନର୍ବାର ପରୀକ୍ଷା ଦେବାକୁ ପଡ଼ିବ । ବର୍ତ୍ତମାନ ଜୁନ୍ ୨୧ରେ ଛାତ୍ରଛାତ୍ରୀ ପୁଣି ନିଟ୍ ପରୀକ୍ଷା ଦେବେ । ସବୁଠାରୁ ବଡ଼ କଥା ହେଲା ଯେ ପୁନଃ ପରୀକ୍ଷା ପାଇଁ ପିଲାମାନଙ୍କୁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ । ପୂର୍ବରୁ ଦେଇଥିବା ଫି' ଫେରସ୍ତ କରାଯିବ ଏବଂ ଏହି ପରୀକ୍ଷା ସମ୍ପୂର୍ଣ୍ଣ ମାଗଣା ହେବ । ପରୀକ୍ଷାର୍ଥୀମାନେ ପୁଣି ଥରେ ନିଜ ପସନ୍ଦର ପରୀକ୍ଷା ସହର ବାଛିପାରିବେ । ଏଥିପାଇଁ ଏନ୍‌ଟିଏ ପକ୍ଷରୁ ଏକ ସପ୍ତାହ ସମୟ ଦିଆଯିବ । ପରୀକ୍ଷା ସମୟକୁ ୧୫ ମିନିଟ୍ ବୃଦ୍ଧି କରାଯାଇଛି । ପୂର୍ବରୁ ପରୀକ୍ଷା ଅପରାହ୍ନ ୨ଟାରୁ ୫ଟା ପର୍ଯ୍ୟନ୍ତ ଥିବାବେଳେ ଏବେ ଏହା ୫ଟା ୧୫ ପର୍ଯ୍ୟନ୍ତ ଚାଲିବ । ପରୀକ୍ଷାର୍ଥୀଙ୍କ ଗମନାଗମନ ସୁବିଧା ପାଇଁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ ସହ ଆଲୋଚନା କରିବେ । ସମସ୍ତ ପରୀକ୍ଷାର୍ଥୀଙ୍କୁ ଜୁନ୍ ୧୪ ସୁଦ୍ଧା ଆଡମିଟ୍ କାର୍ଡ ପ୍ରଦାନ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ।

ଶୁକ୍ରବାର ନୂଆଦିଲ୍ଲୀ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ ଛାତ୍ରଛାତ୍ରୀଙ୍କ ପରିଶ୍ରମ ପ୍ରତି ସରକାର ସମ୍ବେଦନଶୀଳ । ରାଷ୍ଟ୍ରୀୟ ସ୍ୱାର୍ଥ ତଥା ମେଧାବୀ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ସମ୍ପୂର୍ଣ୍ଣ ଅଧିକାର ଦେବା ପାଇଁ ପଦକ୍ଷେପ ▶▶ ୬

**ଆସନ୍ତା ବର୍ଷ ଠାରୁ ଓଏମ୍‌ଆର ପରିବର୍ତ୍ତେ ସିବିଟି ମୋଡ୍‌ରେ ପରୀକ୍ଷା**

**ପୁନର୍ବାର ପରୀକ୍ଷା ପାଇଁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ**

**ପୂର୍ବରୁ ଦିଆଯାଇଥିବା ପରୀକ୍ଷା ଫି' ଫେରସ୍ତ କରାଯିବ**

**ପୁନଃ ପରୀକ୍ଷା ସମ୍ପୂର୍ଣ୍ଣ ମାଗଣା ହେବ**

**ପରୀକ୍ଷା ସମୟ ୧୫ ମିନିଟ୍ ବୃଦ୍ଧି**

# ମହଙ୍ଗା ଭତ୍ତା ୨ ପ୍ରତିଶତ ବଢ଼ିଲା

**ଘୋଷଣା କଲେ ମୁଖ୍ୟମନ୍ତ୍ରୀ**
**୫୮ ରୁ ୬୦ ପ୍ରତିଶତକୁ ବୃଦ୍ଧି**



**ଭୁବନେଶ୍ୱର, ୧୫।୫/ଏନ୍‌ଏନ୍‌ଏସ୍:**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ଦୁଇ ପ୍ରତିଶତ ବୃଦ୍ଧି ବିଷୟ ଘୋଷଣା କରିଛନ୍ତି । ଏହା ଫଳରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୫୮ ପ୍ରତିଶତରୁ ୬୦ ପ୍ରତିଶତକୁ ବୃଦ୍ଧି ପାଇଛି । ଏହା ୨୦୨୬ ଜାନୁଆରୀ ପହିଲାରୁ ପିଛିଲା ଭାବରେ ଲାଗୁ ହେବ । ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ଚଳିତ ମେ ମାସ ଦରମାରେ ନଗଦ ଆକାରରେ ମିଳିବ । ଏହା ସହିତ ପେନ୍‌ସନ ଭୋଗୀ ମାନଙ୍କ ଟି.ଆଇରେ ମଧ୍ୟ ଦୁଇ ପ୍ରତିଶତ ବୃଦ୍ଧି କରାଯାଇଛି । ସେମାନେ ମଧ୍ୟ ଅନୁରୂପ ଭାବେ ମେ ମାସ ପେନ୍‌ସନରେ ଏହି ବର୍ଦ୍ଧିତ ଟି.ଆଇ ପାଇବେ । ଏହା ଦ୍ୱାରା ରାଜ୍ୟର ପ୍ରାୟ ୮.୫ ଲକ୍ଷ ସରକାରୀ କର୍ମଚାରୀ ଓ ପେନ୍‌ସନଭୋଗୀ ଉପକୃତ ହେବେ ।

# ସଅଳ ଆସିବ ମୌସୁମୀ !

## ୨୬ରେ କେରଳମ୍ ଛୁଇଁପାରେ

**ଭୁବନେଶ୍ୱର, ୧୫।୫/ଏନ୍‌ଏନ୍‌ଏସ୍:**

ଗ୍ରୀଷ୍ମ ପ୍ରବାହ ଓ ପ୍ରଚଣ୍ଡ ଖରା ମଧ୍ୟରେ ଏକ ଆଶ୍ୱସ୍ତିକର ଖବର ସାମନାକୁ ଆସିଛି । ତାହା ହେଉଛି ଏଥର ସଅଳ ଆସୁଛି ମୌସୁମୀ । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ବଙ୍ଗୋପସାଗର, ଆଣ୍ଡାମାନ ସାଗର ଓ ଆଣ୍ଡାମାନ-ନିକୋବର ଦ୍ୱୀପପୁଞ୍ଜର କିଛି ଅଞ୍ଚଳକୁ ମୌସୁମୀ ବାୟୁ ପ୍ରବେଶ କରିବାର ସମ୍ଭାବନା ରହିଛି । ମେ' ୨୬ ତାରିଖରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କେରଳମ୍ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ସ୍ୱାଭାବିକ ସମୟ ଅର୍ଥାତ୍ ଜୁନ୍ ୧ ତାରିଖର ପ୍ରାୟ ୬ ଦିନ ପୂର୍ବରୁ ଏଥର ମୌସୁମୀ ଭାରତରେ ପ୍ରବେଶ କରିବାକୁ ଯାଉଛି ।



ପାଣିପାଗ ବିଭାଗ ସୂଚନା ଅନୁସାରେ, ଏହି ଆକଳନରେ ପ୍ଲସ୍ କିମ୍ବା ମାଇନସ୍ ୪ ଦିନର ତ୍ରୁଟି ମାର୍ଜିନ୍ ରହିଥାଏ, ଯାହାର ଅର୍ଥ ମେ' ୨୨ ରୁ ୩୦ ତାରିଖ ମଧ୍ୟରେ ମୌସୁମୀ କେରଳମରେ ପହଞ୍ଚିବା ନିଶ୍ଚିତ । ଭାରତୀୟ ପାଣିପାଗ ବିଭାଗ ▶▶ ୬

# ୧୮ ଓ ୨୫ରେ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ବନ୍ଦ

**ଭୁବନେଶ୍ୱର, ୧୫।୫/ଏନ୍‌ଏନ୍‌ଏସ୍:**

ଆସନ୍ତା ମେ' ୧୮ ଓ ୨୫ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ । ପ୍ରଚଣ୍ଡ ରୌଦ୍ର ତାପ ଯୋଗୁଁ ଆସନ୍ତା ସୋମବାର ମେ' ୧୮ତାରିଖ ଓ ପରବର୍ତ୍ତୀ ସୋମବାର ମେ' ୨୫ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ । ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ଡଲାର ତୁଳନାରେ ପୁଣି ୨୯ ପଇସା ହ୍ରାସ

# ୧ ଡଲାର୍ = ୯୫.୯୩ ଟଙ୍କା

**ନୂଆଦିଲ୍ଲୀ, ୧୫।୫/ଏଜେନ୍ସି:**

ଆନ୍ତଃବ୍ୟାଙ୍କ ବୈଦେଶିକ ମୁଦ୍ରା ବିନିମୟ ବଜାରରେ ଆଜି ଭାରତୀୟ ଟଙ୍କା, ଡଲାର ତୁଳନାରେ ୨୯ ପଇସା ହ୍ରାସ ପାଇ ୯୫.୯୩କୁ ଖସି ଆସିଛି । ଡଲାର ତୁଳନାରେ ଏହା ଟଙ୍କାର ସର୍ବକାଳୀନ ରେକର୍ଡସ୍ତରର ହ୍ରାସ ଭାବେ ବିବେଚନା କରାଯାଉଛି । ପ୍ରକାଶ, ଇତିହାସରେ ପ୍ରଥମ ଥର ପାଇଁ ଟଙ୍କା ମୂଲ୍ୟ ଆଜି ଦିନର କାରବାର (ଇଣ୍ଟ୍ରାଡେ ଟ୍ରେଡିଂ) ସମୟରେ କିଛି ସମୟ ପାଇଁ ହେଲେ ମଧ୍ୟ ୯୬.୧୪ ଟଙ୍କାର ସର୍ବନିମ୍ନ ସୀମା ମଧ୍ୟ ପାର୍ କରିଯାଇଥିଲା । ତେବେ ପରବର୍ତ୍ତୀ ସମୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ



(ଆର୍‌ବିଆଇ) ର ସମ୍ଭାବ୍ୟ ହସ୍ତକ୍ଷେପ ଯୋଗୁଁ ଏଥିରେ ସାମାନ୍ୟ ସୁଧାର ଆସିଥିଲା ଏବଂ ଟଙ୍କା ୯୫.୯୩ (ପ୍ରୋଭିଜନାଲ୍) ସ୍ତରରେ ବନ୍ଦ ହୋଇଥିଲା । ତଥାପି ଏହା ଏପର୍ଯ୍ୟନ୍ତର ▶▶ ୬

**ତୈଳ ସଙ୍କଟ**

# ସୁପ୍ରିମ୍‌କୋର୍ଟରେ ସପ୍ତାହକୁ ଦୁଇ ଦିନ ଭର୍ଚୁଆଲ୍ ଶୁଣାଣି

**ନୂଆଦିଲ୍ଲୀ, ୧୫।୫/ଏନ୍‌ଏନ୍‌ଏସ୍:**

ସୁପ୍ରିମକୋର୍ଟରେ ସପ୍ତାହକୁ ଦୁଇ ଦିନ ସମ୍ପୂର୍ଣ୍ଣ ଭାବେ ଭର୍ଚୁଆଲ୍ ଶୁଣାଣି କରାଯିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ତୈଳ ସଂରକ୍ଷଣ ଅପିଲ୍ ପରେ ଏହି ନିଷ୍ପତ୍ତି ନିଆଯାଇଛି । ଏହି ନିୟମ ଅନୁଯାୟୀ ସୋମବାର ଏବଂ ଶୁକ୍ରବାର ଦିନ ଭିଡିଓ କନଫରେନ୍ସିଂ ମାଧ୍ୟମରେ ମାମଲାଗୁଡ଼ିକର ଶୁଣାଣି ହେବ । ଅନ୍ୟପଟେ ମଙ୍ଗଳବାର, ବୁଧବାର ଏବଂ ଗୁରୁବାର ଦିନ ଓକିଲ ଏବଂ ଆବେଦନକାରୀଙ୍କ ପାଖରେ ବିକଳ୍ପ ରହିବ ଯେ ସେମାନେ ଫିଜିକାଲ ଭାବେ କିମ୍ବା ଭର୍ଚୁଆଲ୍ ମାଧ୍ୟମରେ କୋର୍ଟରେ ହାଜର ହେବେ । କୋର୍ଟ ଆହୁରି ମଧ୍ୟ କହିଛନ୍ତି ଯେ ବିଚାରପତି ମାନେ ସର୍ବସମ୍ମତି କ୍ରମେ



ନିଷ୍ପତ୍ତି ନେଇଛନ୍ତି କି, ଇନ୍ଧନର ସଠିକ୍ ବ୍ୟବହାର ପାଇଁ ସେମାନେ 'କାର୍ ପୁଲିଂ'କୁ ପ୍ରୋତ୍ସାହନ ଦେବେ ।

ଏହା ବ୍ୟତୀତ, ସପ୍ତାହକୁ ଦୁଇ ଦିନ ସମସ୍ତ ରେଜିଷ୍ଟ୍ରି ଶାଖା କିମ୍ବା ସେକ୍ସନର ୫୦ ପ୍ରତିଶତ କର୍ମଚାରୀଙ୍କୁ 'ୱାର୍କ ଫ୍ରମ୍ ହୋମ୍' ପାଇଁ ଅନୁମତି ମିଳିବ । ଏଥିପାଇଁ ଏକ ସାପ୍ତାହିକ ରୋଷ୍ଟର ପ୍ରସ୍ତୁତ କରାଯିବ, ଯେପରି କୋର୍ଟର କାର୍ଯ୍ୟଧାରା ପ୍ରଭାବିତ ନହୁଏ । ନିଷ୍ପତ୍ତିରେ ଆହୁରି କୁହାଯାଇଛି ଯେ, ରେଜିଷ୍ଟ୍ରି ଅଧିକାରୀମାନେ କାମର ଆବଶ୍ୟକତା ଅନୁଯାୟୀ ୱାର୍କ ଫ୍ରମ୍ ହୋମ୍ ବ୍ୟବସ୍ଥାକୁ ବନ୍ଦ କିମ୍ବା ପରିବର୍ତ୍ତନ କରି ପାରିବେ । ଯଦି ସେମାନଙ୍କୁ ଲାଗେ ଯେ କୌଣସି ନିର୍ଦ୍ଦିଷ୍ଟ ଶାଖାରେ ଅଫିସରୁ କାମ କରିବା ଜରୁରୀ, ତେବେ ସେହି ଅନୁଯାୟୀ ନିଷ୍ପତ୍ତି ନିଆଯାଇ ପାରିବ ।

# ବଢ଼ିଲା ଘରୋଇ ବସ୍ ଭଡ଼ା

**ସାଧାରଣ ଓ ଏକ୍ସପ୍ରେସ୍ ବସ୍ ଭଡ଼ା ୨ ପଇସା ବୃଦ୍ଧି**

**ଡିଲକ୍ସ, ଏସି ଡିଲକ୍ସ ଓ ସୁପର ଡିଲକ୍ସ ୪ରୁ ୬ ପଇସା ବଢ଼ିଲା**

**ଆଜିଠୁ ଲାଗୁ ହେବ ବର୍ଦ୍ଧିତ ଦର**



**ଭୁବନେଶ୍ୱର, ୧୫।୫/ଏନ୍‌ଏନ୍‌ଏସ୍:**

ସାଧାରଣ ଜନତାଙ୍କ ପକେଟ୍‌କୁ ପୁଣି ଝଟ୍‌କା । କାରଣ ପେଟ୍ରୋଲ୍, ଡିଜେଲ୍ ଦର ପରେ ରାଜ୍ୟରେ ଘରୋଇ ବସ୍ ଭଡ଼ା ବଢ଼ିଛି । ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଆଜି ପ୍ରକାଶ ପାଇଥିବା ନିର୍ଦ୍ଦେଶନାମା ଅନୁସାରେ, ସାଧାରଣ ଓ ଏକ୍ସପ୍ରେସ୍ ବସ୍ ଭଡ଼ା ୨ ପଇସା ବଢ଼ିଥିବା ବେଳେ ଡିଲକ୍ସ, ଏସି ଡିଲକ୍ସ ▶▶ ୬

# ରାଜ୍ୟରେ ୯୪.୬୧% ଭୋଟର୍‌ଙ୍କ ସରିଛି ମ୍ୟାପିଂ

**ଭୁବନେଶ୍ୱର, ୧୫।୫/ଏନ୍‌ଏନ୍‌ଏସ୍:**

ଓଡ଼ିଶାରେ ଆରମ୍ଭ ହେବ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ୍‌ଆଇଆର । ଆସନ୍ତା ୩୦ ତାରିଖରୁ ଘର ଘର ବୁଲି ତଥ୍ୟ ସଂଗ୍ରହ କରିବେ ବୁଥ ସ୍ତରୀୟ ଅଧିକାରୀ ବା ବିଏଲଓ । ତେବେ ବୁଧବାର ସୁଦ୍ଧା ୩ କୋଟି ୧୬ ଲକ୍ଷ ୭ ହଜାର ୪୧୬ ଜଣଙ୍କର ମ୍ୟାପିଂ ହୋଇଛି । ଅର୍ଥାତ ୨୦୨୫ ଭୋଟର ତାଲିକା ସହ ୨୦୦୨ ତାଲିକାର ମେଳ କରାଯାଇଛି । ଅର୍ଥାତ ଏବେ ସୁଦ୍ଧା ରାଜ୍ୟରେ ୯୪.୬୧ % ଭୋଟରଙ୍କର ମ୍ୟାପିଂ ସରିଛି । ବଳକା ୧୮ ଲକ୍ଷ ୭ ହଜାର ୪୫୨ ଜଣଙ୍କର ମ୍ୟାପିଂ ହୋଇନାହିଁ । ଶୁକ୍ରବାର ଆୟୋଜିତ



ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର.ଏସ ଗୋପାଳନ ଏହି ସୂଚନା ଦେଇଛନ୍ତି ।

ରାଜ୍ୟ ମୁଖ୍ୟ ନିର୍ବାଚନ ଶ୍ରୀ ଗୋପାଳନ କହିଛନ୍ତି ଯେ ଓଡ଼ିଶାର ୩ କୋଟି ୩୪ ଲକ୍ଷ ୧୪ ହଜାର ୮୬୮ ଭୋଟର ଅଛନ୍ତି । ସେମାନଙ୍କ ମଧ୍ୟରୁ ୧ କୋଟି ୬୮ ଲକ୍ଷ ୮୮ ହଜାର ୧୩୫ ଜଣ ପୁରୁଷ, ୧ କୋଟି ୬୫ ଲକ୍ଷ ୧୪ ହଜାର ୨୬୧ ଜଣ ମହିଳା ଓ ୩୦୯୦ ଜଣ ତୃତୀୟ ଲିଙ୍ଗ ଭୋଟର ଅଛନ୍ତି । ବୁଧବାର ସୁଦ୍ଧା ୩ କୋଟି ୧୬ ଲକ୍ଷ ୭ ହଜାର ୪୧୬ ଜଣଙ୍କର ମ୍ୟାପିଂ ହୋଇଛି । ଅର୍ଥାତ ୨୦୨୫ ଭୋଟର ତାଲିକା ସହ ୨୦୦୨ ତାଲିକାର ମେଳ କରାଯାଇଛି । ଅର୍ଥାତ ଏବେ ସୁଦ୍ଧା ରାଜ୍ୟରେ ୯୪.୬୧ % ଭୋଟରଙ୍କର ମ୍ୟାପିଂ ସରିଛି । ଆଉ କିଛିଙ୍କର ବୟସ, ତାରିଖ, ନାଁ, ଗାଁ'ରେ ଛୋଟ ଛୋଟ ଭୁଲ ରହିଛି । ଏବେ ବି ୧୮ ଲକ୍ଷ ୭ ହଜାର ୪୫୨ ଜଣଙ୍କର ମ୍ୟାପିଂ ହୋଇପାରିନାହିଁ । ମ୍ୟାପିଂରେ ଭୁବନେଶ୍ୱର ସବୁଠାରୁ ପଛରେ ରହିଛି । ଭୁବନେଶ୍ୱରରେ ଭୋଟର ତାଲିକା ମ୍ୟାପିଂ ହାର ଏବେ ସୁଦ୍ଧା ୮୦.୪୨% ରହିଛି । ରାଜ୍ୟରେ ହେବାକୁ ଥିବା ଏସଆଇଆର ▶▶ ୬

**୧୮ ଲକ୍ଷ ୭ ହଜାର ୪୫୨ ଜଣଙ୍କ ମ୍ୟାପିଂ ହୋଇନି**

**ଏସ୍‌ଆଇଆର ଶେଷ ବେଳକୁ ରହିବ ୪୫,୨୫୫ ବୁଥ୍**

## ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପର ଉନ୍ନତି ପାଇଁ ଅର୍ଥ ବାଧକ ହେବନି

# ରାଜ୍ୟରେ ସ୍ୱତନ୍ତ୍ର ଚଳଚ୍ଚିତ୍ର ନୀତି ଖୁବ୍‌ଶୀଘ୍ର: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୫।୫/ଏନ୍‌ଏନ୍‌ଏସ୍:**

ପରିବର୍ତ୍ତନର ସନ୍ଧିକ୍ଷଣରେ ଏବେ ଓଡ଼ିଆ ଚଳଚ୍ଚିତ୍ର । ଓଡ଼ିଆ ସିନେମା ଜଗତରେ ନୂତନ ଯୁଗର ଆରମ୍ଭ ହୋଇଛି । ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପର ଉନ୍ନତି ପାଇଁ ଅର୍ଥ ବାଧକ ହେବନାହିଁ । ତେଣୁ ରାଜ୍ୟ ସରକାର ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପର ପୁନରୁଦ୍ଧାର ଏବଂ ଏହାର ଉନ୍ନତି ସହ ଖୁବଶୀଘ୍ର ସ୍ୱତନ୍ତ୍ର ଚଳଚ୍ଚିତ୍ର ନୀତି ଆଣିବାକୁ ଯାଉଛନ୍ତି



**ପରିବର୍ତ୍ତନର ସନ୍ଧିକ୍ଷଣରେ ଓଡ଼ିଆ ଚଳଚ୍ଚିତ୍ର**

**ନକଲ ନହେଁ ଓଡ଼ିଆ ସିନେମାକୁ ନିଜସ୍ୱ ସ୍ୱର ଖୋଜିବାକୁ ହେବ**

ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି ।

ଶୁକ୍ରବାର ସଂସ୍କୃତି ଭବନ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଆଲୋଚନା ଚକ୍ରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଚଳଚ୍ଚିତ୍ର ଜଗତର ବିଶିଷ୍ଟ ବ୍ୟକ୍ତି ତଥା କଳାକାରମାନଙ୍କ ସହ ଓଡ଼ିଆ ସିନେମାର ବର୍ତ୍ତମାନର ସ୍ଥିତି ଓ ଭବିଷ୍ୟତ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ▶▶ ୬

# ବସ୍, ଟ୍ରକ୍ ପାଇଁ ସ୍ୱତନ୍ତ୍ର ତେଲ ଟାଙ୍କି

## ସ୍ୱାଭାବିକ ରହିବ ପବ୍ଲିକ୍ ଟ୍ରାନ୍ସପୋର୍ଟ ସେବା

**କଟକ, ୧୫।୫/ଏନ୍‌ଏନ୍‌ଏସ୍:**

ପବ୍ଲିକ ଟ୍ରାନ୍ସପୋର୍ଟ ସେବାର ସୁଚାରୁ ପରିଚାଳନା ପାଇଁ ରାଜ୍ୟ ପରିବହନ ପ୍ରାଧିକରଣ କାର୍ଯ୍ୟାଳୟରେ ପରିବହନ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଟ୍ରକ ମାଲିକ ସଂଘ, ବସ୍ ମାଲିକ ସଂଘ ଏବଂ ପ୍ରମୁଖ ତୈଳ କମ୍ପାନୀର ପ୍ରତିନିଧି ତଥା ରାଜ୍ୟ ସଂଯୋଜକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶକ୍ରମେ ଅନୁଷ୍ଠିତ ଏହି ବୈଠକରେ ବସ୍ ଓ ଟ୍ରକ ମାଲିକମାନେ ପର୍ଯ୍ୟାପ୍ତ ଇନ୍ଧନ ପାଉନଥିବା ଅଭିଯୋଗ କରିଥିଲେ । ଏହି ଅଭିଯୋଗକୁ ଆଧାର କରି ପବ୍ଲିକ୍ ଟ୍ରାନ୍ସପୋର୍ଟ ସେବାରେ କୌଣସି ବିଘ୍ନ ନଉପୁଜେ ସେଥିପାଇଁ ଏହି ବୈଠକରେ ଅନେକ ସ୍ୱଳ୍ପକାଳୀନ ନିଷ୍ପତ୍ତି ନିଆଯାଇଛି, ଯେଉଁଥିରେ ପ୍ରତି ଜିଲ୍ଲାରେ ବସ୍ ଏବଂ ଟ୍ରକ୍ ପାଇଁ ସ୍ୱତନ୍ତ୍ର ପେଟ୍ରୋଲ ପମ୍ପ ସଂରକ୍ଷିତ ରଖିବା ସହ ଗାଡ଼ି ମାଲିକମାନେ ପୂର୍ବରୁ ବ୍ୟବହାର କରୁଥିବା ତେଲ ଟାଙ୍କିର ଏକ ସୂଚୀ ପ୍ରଦାନ କରିବେ ଏବଂ ଚିହ୍ନଟ ହୋଇଥିବା ସେହି ନିର୍ଦ୍ଦିଷ୍ଟ ଆଉଟ୍‌ଲେଟ୍ ଗୁଡ଼ିକରେ ସର୍ବଦା ▶▶ ୬

## ଛତ୍ରପୁରରେ ଫ୍ଲାଇ ଓଭର ବ୍ରିଜ୍‌ର ଭିତ୍ତିପ୍ରସ୍ତର ସ୍ଥାପନ

**ଛତ୍ରପୁର,୧୫।୫/ଏନ୍‌ଏନ୍‌ଏସ୍:** ଛତ୍ରପୁର ସହର ନିକଟ ୧୬ ନଂର ଜାତୀୟ ରାଜପଥରେ ୩ଟି ଫ୍ଲାଇ ଓଭର ବ୍ରିଜ୍ ନିର୍ମାଣ ପାଇଁ ଆଜି ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଛି। ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ନିକଟରେ ଫ୍ଲାଇଓଭର ବ୍ରିଜ୍ ପ୍ରକଳ୍ପ ନିର୍ମାଣ ପାଇଁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ



ଉପସ୍ଥିତ ଥିଲେ। ଲୋକଙ୍କ ବହୁଦିନର ଦାବି ପୂରଣ ହେବାକୁ ଯାଉଛି। ଏହାଦ୍ୱାରା ଜାତୀୟ ରାଜପଥରେ ଘଟୁଥିବା ଦୁର୍ଘଟଣା ଓ ମୃତାହତ ଶୂନ ହେବ ବୋଲି ମନ୍ତ୍ରୀ ଓ ବିଧାୟକ କହିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡା, ଉପ ଜିଲ୍ଲାପାଳ ଶୁଭାଶିଷ ବରାଳ, ତହସିଲଦାର ଦିବ୍ୟା ମହାନ୍ତି, ବିଡିଓ ସମ୍ବିତ୍ ସଂଗ୍ରାମ ଜିତ୍ ସାହୁ, ଏସଡିପିଓ ଚନ୍ଦନ ଘଡେଇ ଓ ଥାନାଧିକାରୀ ସବ୍ୟସାଚୀ ମଲ୍ଲ, ଜାତୀୟ ରାଜପଥ ଇନ୍‌ଚାର୍ଜ ମହେନ୍ଦ୍ର ପରମାର, ପ୍ରୋଜେକ୍ଟ ମ୍ୟାନେଜର ବିଶବ ସୂର୍ଯ୍ୟବଂଶୀ ଓ ଅଧିକାରୀ ସଞ୍ଜୟ କୁମାର ନାୟକଙ୍କ ସମେତ ବହୁ ବିଜେପି ବରିଷ୍ଠ ନେତା ଓ ଯୁବନେତା ଉପସ୍ଥିତ ଥିଲେ। ଏହି ଓଭର ବ୍ରିଜ୍ ନିର୍ମାଣ ପାଇଁ ୬୨.୫ କୋଟି ଅଟକଳ ହୋଇଥିବା ଜଣାଯାଇଛି। ପ୍ରକଳ୍ପ ନିର୍ମାଣ ହେଲେ ସହରବାସୀ ବିଶେଷ ଭାବେ ଉପକୃତ ହେବେ ବୋଲି ଆଶା ସଞ୍ଚାର ହୋଇଛି।

## ଓଡ଼ିଶା ରାଜନୀତିରେ ନୂଆ ବିକଳ୍ପ ହେବ ଓଡ଼ିଶା ଜନତା କଂଗ୍ରେସ: ମୋକିମ୍




**ଫୁଲବାଣୀ,୧୫।୫/ଏନ୍‌ଏନ୍‌ଏସ୍:** ରାଜ୍ୟ ରାଜନୀତିରେ ତୃତୀୟ ବିକଳ୍ପ ଭାବେ ଓଡିଶା ଜନତା କଂଗ୍ରେସ ଉଭା ହୋଇ ରାଜ୍ୟର ସମସ୍ୟା ଉପରେ ସ୍ୱର ଉଠାଇବ ବୋଲି କହିଛନ୍ତି ଦଳ ସଭାପତି ମହମ୍ମଦ ମୋକିମ । କଂଗ୍ରେସ ଦଳର ଅଧିକାଂଶ କର୍ମୀ ଓ ନେତା ଆମ ସହିତ ଯୋଡି ହେଉଛନ୍ତି। ରାଜ୍ୟରେ କଂଗ୍ରେସ ଉପରେ ଲୋକଙ୍କ ଭରସା ତୁଟିଥିବା ବେଳେ ବିଜେଡି ଧିରେ ଧିରେ ଲୋପ ପାଇବାକୁ ବସିଲାଣି । ତେଣୁ ଆଗାମୀ ଦିନରେ ଓଡିଶା ଜନତା କଂଗ୍ରେସ ରାଜ୍ୟର ସ୍ୱର ହେବେ ବୋଲି ଶ୍ରୀ ମୋକିମ କହିଛନ୍ତି । କନ୍ଧମାଳ ଜିଲ୍ଲାକୁ ଦୁଇଦିନିଆ ଗସ୍ତରେ ଆସି ଶ୍ରୀ ମୋକିମ କର୍ମୀ ଓ ନେତାଙ୍କୁ ଭେଟିବା ସହିତ ଫୁଲବାଣୀ ଠାରେ ଏକ ବୈଠକ କରିଛନ୍ତି। ଆଗାମୀ ଜୁନ ୬ ତାରିଖରେ ଦାରିଙ୍ଗିବାଡ଼ି ଠାରେ ଜିଲ୍ଲାର ସମସ୍ତ ବ୍ଲକର କର୍ମକର୍ତ୍ତାଙ୍କୁ ନେଇ ଏକ ମହା ସମାବେଶ କରାଯିବା ପାଇଁ ଆଜିର ବୈଠକରେ ନିଷ୍ପତ୍ତି ନିଆଯାଇଛି। କନ୍ଧମାଳ ଜିଲ୍ଲାରେ ପ୍ରଗତି ପାଇଁ ଅନେକ ସୁଯୋଗ ଥିଲେ ମଧ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଜିଲ୍ଲା ଆଜି ବି ପଛୁଆ ରହିଛି। ତେଣୁ ଦଳ କନ୍ଧମାଳ ଜିଲ୍ଲା ଉପରେ ବିଶେଷ ଫୋକସ କରିବ ବୋଲି ଏ ଅବସରରେ କହିଛନ୍ତି ଶ୍ରୀ ମୋକିମ। ଆଗାମୀ ତ୍ରିସ୍ତରୀୟ ପଂଚାୟତ ଓ ପୌର ନିର୍ବାଚନରେ ଓଡିଶା ଜନତା କଂଗ୍ରେସର ପ୍ରାର୍ଥୀମାନେ କିପରି ଜିତିବେ ସେ ନେଇ ତୃଣମୂଳ ସ୍ତରରୁ ଲୋକଙ୍କୁ ଯୋଡିବା ପାଇଁ ରଣନୀତି ପ୍ରସ୍ତୁତ କରାଯାଉଛି । ଆୟୋଜିତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସାଇବାଣୀ କହଁର, ଶୁଭେନ୍ଦୁ ମଲ୍ଲିକ, ବୀରେନ୍ଦ୍ର ପ୍ରଧାନ, ଧର୍ମେନ୍ଦ୍ର ପ୍ରଧାନ, ଅମରେନ୍ଦ୍ର କହଁର, କାଳୀପ୍ରସାଦ ମଲ୍ଲିକ ଓ ଅନୁଗ୍ରହ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ୱାରେଣ୍ଟି ଧରପଗଡ଼, ୨ ଗିରଫ

**ବୁଗୁଡା,୧୫।୫/ଏନ୍‌ଏନ୍‌ଏସ୍:** ରାଜ୍ୟ ପୁଲିସ୍ ଡିଜିଙ୍କ ନିର୍ଦ୍ଦେଶ କ୍ରମେ ଗତ ୫ ତାରିଖଠାରୁ ୱାରେଣ୍ଟି ଧରପଗଡ ଅଭିଯାନ ଚାଲିଥିବା ବେଳେ ଶୁକ୍ରବାର ଦିନ ବୁଗୁଡା ପୁଲିସ ୨ ଜଣ ୱାରେଣ୍ଟିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ସୂତ୍ରରୁ ପ୍ରକାଶ। ଗିରଫ ୱାରେଣ୍ଟିମାନେ ହେଲେ ବୁଗୁଡା ଥାନା ଅନ୍ତର୍ଗତ କାନସୁକା ଗ୍ରାମର ସନ୍ତୋଷ କୁମାର ଭୂୟାଁ (୨୯) ଓ ଘୋଡାପଡା ଗ୍ରାମର ନିଳାଦ୍ରୀ ନାଇକ (୪୬)। ପ୍ରକାଶ ଯେ, ଏକ ଗଣ୍ଡଗୋଳ ଘଟଣାରେ ଜଡିତ ସନ୍ତୋଷଙ୍କ ବିରୁଦ୍ଧରେ ଜିଆର୍ କେସ୍ ନଂ ୧୨୦/୨୦୧୧ରେ ଏକ ମାମଲା ରହିଥିଲା। ସେହିପରି ହତ୍ୟା ଉଦ୍ୟମ ଘଟଣାରେ ସମ୍ପୃକ୍ତ ନିଳାଦ୍ରୀଙ୍କ ବିରୁଦ୍ଧରେ ଏସଟି କେସ୍ ନଂ ୧୫୩/୨୦୨୩ରେ ଏକ ମାମଲା ରହିଥିଲା । ଉକ୍ତ ୱାରେଣ୍ଟି ଧରପଗଡ ଅଭିଯାନରେ ଏସଆଇ ଜ୍ୟୋତିଶ୍ରୀ ସାହୁଙ୍କ ସମେତ ଅନ୍ୟ ପୁଲିସ କର୍ମଚାରୀମାନେ ସାମିଲ ଥିଲେ।

## ଏମ୍‌ବିବିଏସ୍ ଛାତ୍ରଛାତ୍ରୀଙ୍କୁ ଷ୍ଟେଟ୍‌ବ୍ୟାଙ୍କ୍ ପକ୍ଷରୁ ଟାବ୍‌ଲେଟ୍ ବଣ୍ଟନ

**ଫୁଲବାଣୀ,୧୫।୫/ଏନ୍‌ଏନ୍‌ଏସ୍:** ଭାରତୀୟ ଷ୍ଟେଟବ୍ୟାଙ୍କ ପକ୍ଷରୁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗର ଛାତ୍ର ଛାତ୍ରୀଙ୍କୁ ଟାବଲେଟ ପ୍ରଦାନ କରାଯାଇଛି । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ସରକାରୀ ମେଡିକାଲ କଲେଜର ପ୍ରଥମ ବର୍ଷ ଏମବିବିଏସ ଛାତ୍ରୀ ଶୁଭେଚ୍ଛା ମିତ୍ର ଏବଂ ରାଣୀ ହେମ୍ବ୍ରମଙ୍କୁ ଫୁଲବାଣୀ ରିଜିଓନାଲ୍ ମ୍ୟାନେଜର ପ୍ରକାଶ ଗ୍ରହାଚାର୍ଯ୍ୟ ଟାବଲେଟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମେଡ଼ିକାଲ କଲେଜ ଡିନ୍ ଏବଂ ପ୍ରିନ୍ସିପାଲ୍ ପ୍ରଫେସର ଡା. ଦେବ ପ୍ରସାଦ ମହାନ୍ତି ଏବଂ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ନରେନ୍ଦ୍ର ବେହେରା ଉପସ୍ଥିତ ଥିଲେ। ଏ ଅବସରରେ ମେଡିକାଲ୍ କ୍ୟାମ୍ପସରେ ଏସବିଆଇର ନୂତନ ଶାଖା ଖୋଲିବା ନେଇ ଆଲୋଚନା କରାଯାଇଥିଲା।



ଆସନ୍ତା ଆର୍ଥିକ ବର୍ଷରେ ମଧ କନ୍ଧମାଳ ଜିଲ୍ଲାର ଅବହେଳିତ ଏବଂ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ ସିଏସଆର କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଯୋଜନା କରାଯାଇଛି। ସୂଚନାଯୋଗ୍ୟ, ଚିଫ୍ ଜେନେରାଲ୍ ମ୍ୟାନେଜର ରନ୍ ତେଜା ଦିନକର ଆକେଲାଙ୍କ ନେତୃତ୍ୱରେ ରାଜ୍ୟରେ ବିଭିନ୍ନ ସରକାରୀ ମେଡିକାଲ୍ କଲେଜ୍‌ର ପ୍ରଥମ ବର୍ଷର ୪୦ ଜଣ ଆର୍ଥିକ ଦୁର୍ବଳ ପ୍ରତିଭାଶାଳୀ ଛାତ୍ରଛାତ୍ରୀଙ୍କୁ ଟ୍ୟାବ୍ ବଣ୍ଟନ କରାଯାଇଛି।

### ଜୋର୍ ଧରିଲା ବ୍ରହ୍ମପୁରରେ ପୂର୍ଣ୍ଣାଙ୍ଗ ବିମାନବନ୍ଦର ଦାବି

# ଗଣସଙ୍ଗଠନଙ୍କ ପକ୍ଷରୁ ପଦଯାତ୍ରା, ପ୍ରତିବାଦ ସଭା

**ବ୍ରହ୍ମପୁର,୧୫।୫/ଏନ୍‌ଏନ୍‌ଏସ୍:** ରଙ୍ଗେଇଲୁଣ୍ଡା ବିମାନବନ୍ଦର କାମକୁ ଶୀଘ୍ର ସମାପ୍ତ କରିବା ସହ ବ୍ରହ୍ମପୁରରେ ପୂର୍ଣ୍ଣାଙ୍ଗ ଗ୍ରୀନଫିଲ୍ଡ ବିମାନବନ୍ଦର ସ୍ଥାପନ ଦାବିରେ ପୁଣିଥରେ ଆନ୍ଦୋଳନ ଜୋର ଧରିଛି। ଆଜି ଓଡ଼ିଶା ଡେଭଲପମେଣ୍ଟ ଫୋରମ୍ ଓ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଗଣସଂଗଠନ ପକ୍ଷରୁ ଖଲ୍ଲିକୋଟ କଲେଜ ଷ୍ଟାଡିୟମ୍‌ଠାରୁ ପୁରୁଣା ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ପଦଯାତ୍ରା କରାଯାଇଥିଲା। ପରେ ଆୟୋଜିତ ପ୍ରତିବାଦ ସଭାରେ ଏହି ଦାବିକୁ ତୀବ୍ର ଭାବେ ଉଠାଯାଇଥିଲା। ଏହି ଅବସରରେ ଫୋରମ୍ କାର୍ଯ୍ୟକର୍ତ୍ତାମାନେ ଖଲ୍ଲିକୋଟ କଲେଜ ଛକରେ ପଥପ୍ରାନ୍ତ ସଭା ଓ ପ୍ରଦର୍ଶନ କରି ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ଓଡ଼ିଶା ଡେଭଲପମେଣ୍ଟ ଫୋରମ୍ ପକ୍ଷରୁ ଉପରୋକ୍ତ ଦାବି ନେଇ ପୂର୍ବରୁ ଦକ୍ଷିଣାଞ୍ଚଳ ଆର୍‌ଡିସି, ଗଞ୍ଜାମ ଜିଲ୍ଲାପାଳ, ବ୍ରହ୍ମପୁର ଉପଜିଲ୍ଲାପାଳ ଓ ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟରଙ୍କୁ ବାରମ୍ବାର




ଅନୁରୋଧ କରାଯାଇଥିଲେ ମଧ ରଙ୍ଗେଇଲୁଣ୍ଡା ବିମାନବନ୍ଦର କାମରେ ଆଶାଜନକ ପ୍ରଗତି ଦେଖିବାକୁ ମିଳୁନାହିଁ। ସ୍ଥାନୀୟ ବିଡିଓଙ୍କ ଅବହେଳା ଓ ଅସହଯୋଗ କାରଣରୁ ବିମାନବନ୍ଦର ଅଞ୍ଚଳରେ ଥିବା ୨୦ଟି ପରିବାରକୁ ଦୁଇ ବର୍ଷ ହେଉଥିଲେ ମଧ ସ୍ଥାନାନ୍ତର କରାଯାଇପାରିନାହିଁ। ଫୋରମ୍ ଅଭିଯୋଗ କରିଛି ଯେ, ଜିଲ୍ଲା ପ୍ରଶାସନ ଓ ରାଜ୍ୟ ପରିବହନ ବିଭାଗର ଅବହେଳା କାରଣରୁ ଦକ୍ଷିଣ ଓଡ଼ିଶାର ପ୍ରମୁଖ ସହର ବ୍ରହ୍ମପୁରରେ ପୂର୍ଣ୍ଣାଙ୍ଗ ବିମାନବନ୍ଦରର ସ୍ୱପ୍ନ ଏପର୍ଯ୍ୟନ୍ତ ସାକାର ହୋଇପାରୁନାହିଁ। ଗତ ବର୍ଷ ଦକ୍ଷିଣାଞ୍ଚଳ ଆର୍‌ଡିସିଙ୍କ ଅଧକ୍ଷତାରେ ଆୟୋଜିତ ସମୀକ୍ଷା ବୈଠକରେ ସମ୍ପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଧାରିତ ସମୟସୀମା ମଧରେ କାମ ସାରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ରନୱେ ସମ୍ପ୍ରସାରଣ, ବିମାନବନ୍ଦର ଅଞ୍ଚଳର ଘର ସ୍ଥାନାନ୍ତର, ଆଲୋକୀକରଣ ଓ ଏଟିସି ଟାୱାର ନିର୍ମାଣ ଭଳି ଅନେକ କାର୍ଯ୍ୟ ୨୦୨୪ ଡିସେମ୍ବର ସୁଦ୍ଧା ସାରିବା ପାଇଁ କୁହାଯାଇଥିଲା। କିନ୍ତୁ ଏପର୍ଯ୍ୟନ୍ତ ତାହା ପୂରଣ ହୋଇନାହିଁ। ଫୋରମ୍ କାର୍ଯ୍ୟକର୍ତ୍ତାମାନେ କହିଥିଲେ ଯେ, ରଙ୍ଗେଇଲୁଣ୍ଡା ବିମାନବନ୍ଦର ଗଞ୍ଜାମ ଜିଲ୍ଲାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପମାନଙ୍କ ମଧ୍ୟରୁ ଗୋଟିଏ। ବିଭିନ୍ନ ବିଭାଗର ଅବହେଳା ଯୋଗୁ କାର୍ଯ୍ୟ ବିଳମ୍ବିତ ହେଉଥିବା ଯୋଗୁ କାର୍ଯ୍ୟକର୍ତ୍ତା ମାନେ ଚିନ୍ତା ବ୍ୟକ୍ତ କରିଥିଲେ । ଆଉ କେତେଦିନ ପର୍ଯ୍ୟନ୍ତ ବ୍ରହ୍ମପୁର ପୂର୍ଣ୍ଣାଙ୍ଗ ବିମାନବନ୍ଦର ନାଁରେ ଗଞ୍ଜାମବାସୀଙ୍କୁ କେବଳ ଲଲିପପ ଦିଆଯିବ ବୋଲି ସେମାନେ ପ୍ରଶ୍ନ ଉଠାଇଥିଲେ। ସଭାରେ ବ୍ରହ୍ମପୁରରୁ ତୁରନ୍ତ ନିୟମିତ ସ୍କେଡ୍ୟୁଲ୍ ବିମାନ ସେବା ଆରମ୍ଭ କରିବା, ଅନଲାଇନ୍ ଟିକେଟ ବୁକିଂ ବ୍ୟବସ୍ଥା କରିବା ଏବଂ କଲକାତା, ହାଇଦ୍ରାବାଦ, ବିଶାଖାପାଟଣମ, ଦିଲ୍ଲୀ, ବେଙ୍ଗାଲୁରୁ, ମୁମ୍ବାଇ, ଚେନ୍ନାଇ ଓ ଅହମଦାବାଦ ଭଳି ପ୍ରମୁଖ ସହରକୁ ବିମାନ ସଂଯୋଗ ଦେବାକୁ ଦାବି କରାଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶା ଡେଭଲପମେଣ୍ଟ ଫୋରମ୍ ସଚିବ ଭି. ସୋମେଶ୍ୱର ରାଓ, ପ୍ରୀତିଶ ପାଣିଗ୍ରାହୀ, ଲକ୍ଷ୍ମୀନାରାୟଣ ପାଢ଼ୀ, ପ୍ରବୀଣ ପଟ୍ଟନାୟକ, ସହ-ସଚିବ ମାନସ ରଞ୍ଜନ ପାତ୍ର, ପ୍ରଗତିଶୀଳ ଉତ୍କଳ ସମାଜର ରାଜ୍ୟ ସମ୍ପାଦକ ସରୋଜ ରଞ୍ଜନ ପଟ୍ଟନାୟକ, ସନ୍ତୋଷ କୁମାର ସାହୁ, ରମେଶ ଚନ୍ଦ୍ର ସାହୁ, ପ୍ରକାଶ ଭଜାନୀ, ସୋସାର ସଭାପତି ଏନ୍. ନୀଳମାଧବ ପାତ୍ର, ହରି ଲାଫିଂ ଯୋଗ କ୍ଲବର ସଦସ୍ୟ ଜେ. ସୂର୍ଯ୍ୟନାରାୟଣ, ବି. ଓ୍ୱେଙ୍କଟ, ଏସ୍. ସତ୍ୟନାରାୟଣ, ଏସ୍. ନାଗେଶ୍ୱର, ଭି. ପଦ୍ମନାଭ ରାଓ, ମନୋଜ ପାତ୍ର, ମୋହନ ରାଓ, ଅଙ୍କନେୟୁଲି, ଭାଗିତାଘି ପାତ୍ର, ପ୍ରଦୀପ ପାତ୍ର, ନ୍ୟାଚୁରାଲ, କୋଟା ମାଧବ, ବଦ୍ରି ସୁବୁଦ୍ଧି, ସବ୍ୟସାଚୀ ପଣ୍ଡା, ମହାରଣା ବାବୁ ଓ ବାଗାରୀ, ପ୍ରଶାନ୍ତ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### 'ସାବିତ୍ରୀ ଯୋଗାଡ଼' ବଣ୍ଟନ କାର୍ଯ୍ୟକ୍ରମରେ ସାମିଲ ହେଲେ ଶତାଧିକ ମହିଳା

## 'ନାରୀ ସଶକ୍ତିକରଣ କ୍ଷେତ୍ରରେ ଓଡ଼ିଶାର ଭୂମିକା ସମଗ୍ର ବିଶ୍ୱରେ ଅଦ୍ୱିତୀୟ'

**ରଙ୍ଗେଇଲୁଣ୍ଡା,୧୫।୫/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ଗୋଳନ୍ଥରା ସ୍ଥିତ ଇଶାଣେଶ୍ୱର ମନ୍ଦିରଠାରେ ପବିତ୍ର ସାବିତ୍ରୀ ଅମାବାସ୍ୟା ଉପଲକ୍ଷେ ମହିଳାମାନଙ୍କୁ 'ସାବିତ୍ରୀ ଯୋଗାଡ଼-୨୦୨୬' ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ସ୍ୱାମୀ ଓ ସ୍ତ୍ରୀ'ର ପବିତ୍ର ସମ୍ପର୍କର ପର୍ବ 'ସାବିତ୍ରୀ ବ୍ରତ'ର ଶୁଭ ଅବସରରେ ଉପସ୍ଥିତ ଶତାଧିକ ମା' ଏବଂ ଭଉଣୀ ମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ପରମ୍ପରା ଯୁକ୍ତ ନାରୀ ସଶକ୍ତିକରଣ କ୍ଷେତ୍ରରେ ଓଡ଼ିଶାର ଭୂମିକା ସମଗ୍ର ବିଶ୍ୱରେ ଅଦ୍ୱିତୀୟ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ବାଣିଜ୍ୟ ଓ ପରିବହନ ଏବଂ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଆସ୍କା ସାଂସଦ ଅନିତା ଶୁଭଦର୍ଶିନୀ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ରାଜ୍ୟ ମହିଳା କମିଶନ ଅଧକ୍ଷା ଶୋଭନା ମହାନ୍ତି ପ୍ରମୁଖ ଯୋଗଦେଇ ନାରୀ ସମ୍ମାନ, ପାରିବାରିକ ମୂଲ୍ୟବୋଧ ଓ ସନାତନ ପରମ୍ପରାର ଗୌରବମୟ ଐତିହ୍ୟ ବିଷୟରେ କହିଥିଲେ। ଉପସ୍ଥିତ ସମସ୍ତ ସାବିତ୍ରୀ ଭଉଣୀ ମାନଙ୍କ ଶୁଖ ଏବଂ ସମୃଦ୍ଧି କାମନା କରିଥିଲେ । ଏହି ଅବସରରେ ୧୨୦୦ ରୁ ଉର୍ଦ୍ଧ ସାବିତ୍ରୀ ଭଉଣୀମାନଙ୍କ




ମଙ୍ଗଳ ପାଇଁ 'ସାବିତ୍ରୀ ଯୋଗାଡ଼' ପ୍ରଦାନ କରାଯାଇଥିଲା । ଗଞ୍ଜାମ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧକ୍ଷା ଲଳିତା ପ୍ରଧାନ, ଗଞ୍ଜାମ ବ୍ଲକ୍ ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, କର୍ପୋରେଟର ସାବିତ୍ରୀ ନାୟକ, ସବିତା ସାହୁ, ବିଜେପି ଗଞ୍ଜାମ ଜିଲ୍ଲା ସଭାପତି ସରୋଜ ସାବତ, ଘୁମୁସର(ଆସ୍କା) ସାଙ୍ଗଠନିକ ଜିଲ୍ଲା ସଭାପତି ବିଜୟ କୁମାର ସ୍ୱାଇଁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି, ମହନ୍ତ ଚିନ୍ମୟାନନ୍ଦ ଦାସ, ଗୋଳନ୍ଥରା ମଣ୍ଡଳ ସଭାନେତ୍ରୀ କାଜଲ୍ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ବିଜେପି ଗଞ୍ଜାମ ଜିଲ୍ଲା ଉପସଭାପତି ଗଙ୍ଗାଧର ଶତପଥୀ ଏବଂ ବରିଷ୍ଠ ନାରୀନେତ୍ରୀ ତଥା ପୂର୍ବତନ ଡୁରା ସରପଞ୍ଚ ମମତାମୟୀ ରଣା ମଞ୍ଚ ପରିଚାଳନା କରିଥିଲେ । ବିଜେପି ନେତ୍ରୀ ମଧୁସ୍ମିତା ଠାକୁର୍ ଅତିଥି ସ୍ୱାଗତ କରିଥିଲେ। ଆଭାସୀ ମାଧମରେ ଓଡ଼ିଶା ସରକାରଙ୍କ ରାଜସ୍ୱ ମନ୍ତ୍ରୀ ଯୋଗ ଦେଇ ଏଭଳି ଅନନ୍ୟ ଢ଼ଙ୍ଗରେ ପାଳିତ ହେଉଥିବା 'ସାବିତ୍ରୀ ଯୋଗାଡ଼' ଉତ୍ସବକୁ ପ୍ରଶଂସା କରିଥିଲେ। ମାନ୍ୟବର ମନ୍ତ୍ରୀ ଶ୍ରୀ ବିଭୁତି ଭୂଷଣ ଜେନାଙ୍କୁ ଧନ୍ୟବାଦ ଜଣାଇଥିଲେ । କାଶୀ ସୁମେରୁ ପୀଠାଧିଶ୍ୱର ଜଗତଗୁରୁ ଶଙ୍କରାଚାର୍ଯ୍ୟ ମଧ ଆଭାସୀ ମଧ୍ୟରେ ଯୋଡ଼ି ହୋଇଥିଲେ। ବରିଷ୍ଠ ବିଜେପି ନେତା ରାଜେଶ କୁମାର ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ଗୌରୀ ଶଙ୍କର ସାମନ୍ତରା, ଜିଲ୍ଲା ଉପସଭାପତି ପ୍ରଭାତ କିରଣ ଷଡ଼ଙ୍ଗୀ, ବରିଷ୍ଠ ନେତା ସୁନିଲ କୁମାର ସାହୁ, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ବି. ସୋମନାଥ ପାତ୍ର, ଏସ୍. ରାଣୀ, ଯୁବନେତା ସୁନିଲ ପାତ୍ର, ସଞ୍ଜୟ କୁମାର ଦାସ, ଆଲୋକ କୁମାର ସାହୁ, କମଲ୍ ପାତ୍ର, ଗୋପିନାଥ ମହାରଣା, ଅଜିତ ଦଳେଇ, ଗୌତମ ବେହେରା, ବିକ୍ରମ ଦାସ ପ୍ରମୁଖଙ୍କ ସମେତ ଗୋପାଳପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ସମସ୍ତ ମଣ୍ଡଳ ସଭାପତି ଏବଂ ବହୁ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ ।

# ବୁଗୁଡ଼ାରେ ପେଟ୍ରୋଲ୍ ଓ ଡିଜେଲ୍ ସଙ୍କଟ

**ବୁଗୁଡ଼ା,୧୫।୫/ଏନ୍‌ଏନ୍‌ଏସ୍:** ସଂପ୍ରତି ବୁଗୁଡ଼ାରେ ଘରୋଇ ଗ୍ୟାସ ଯୋଗାଣରେ ସାମାନ୍ୟ ସୁଧାର ଆସିଥିବା ବେଳେ ପେଟ୍ରୋଲ ଓ ଡିଜେଲ ସଙ୍କଟ ବଳବତ୍ତର ରହିଛି । ବୁଗୁଡାରେ ରହିଥିବା ତିନୋଟି ପେଟ୍ରୋଲ ପମ୍ପ ମଧ୍ୟରୁ ଇଣ୍ଡିଆନ୍ ଅଏଲ ପମ୍ପରେ କେବଳ କିଛିମାତ୍ରାରେ ସ୍ପିଡ୍ ପେଟ୍ରୋଲ ଉପଲବ୍ଧ ରହିଛି ଏବଂ ନାଏରା ପେଟ୍ରୋଲ ପମ୍ପ ପେଟ୍ରୋଲ ଓ ଡିଜେଲ ଅଭାବରୁ ବନ୍ଦ ରହିଥିବା ବେଳେ ଷୋଳମଇଲିସ୍ଥିତ ପେଟ୍ରୋଲ ପମ୍ପଟି ଖୋଲା ରହିଥିଲେ ହେଁ ସେଠାରେ ବଡ କଷ୍ଟରେ ଗୋଟିଏ ବାଇକକୁ କେବଳ ଦୁଇଶହ ଟଙ୍କାର ପେଟ୍ରୋଲ ଏବଂ କାରକୁ ପାଞ୍ଚଶହ ଟଙ୍କାର ଡିଜେଲ ମିଳୁଛି। ଫଳରେ ସେହି ପେଟ୍ରୋଲ ପମ୍ପରେ ଗାଡି ଚାଳକଙ୍କ ନାହିଁ ନଥିବା ଭିଡ ଜମୁଛି ଏବଂ ବହୁ ବିଳମ୍ବରେ ମାତ୍ର ଦୁଇଶହ ଟଙ୍କାର ପେଟ୍ରୋଲ କିମ୍ବା ପାଞ୍ଚଶହ ଟଙ୍କାର ଡିଜେଲ ପକାଇ ଫେରିବାକୁ ପଡୁଛି। ଅନ୍ୟପକ୍ଷରେ ପମ୍ପରେ ପେଟ୍ରୋଲ ଅଭାବରୁ



ବୁଗୁଡ଼ାର ବିଭିନ୍ନ ଦୋକାନରେ ଦିନରେ ପେଟ୍ରୋଲ ଲିଟର ପ୍ରତି ୧୨୦ରୁ ୧୩୦ ଟଙ୍କାରେ ଏବଂ ରାତିରେ ଲୋକଙ୍କ ଅସୁବିଧା ସମୟରେ ୧୫୦ ଟଙ୍କାରେ ବିକ୍ରି ହେଉଥିବା ଦେଖିବାକୁ ମିଳିଥିଲା ବେଳେ ସମ୍ପ୍ରତି ସେଥିରୁ କେତେକ ଦୋକାନଗୁଡ଼ିକରେ ଏବେ ବିକ୍ରି ପାଇଁ ପେଟ୍ରୋଲ ନାହିଁ। ପେଟ୍ରୋଲ ସଙ୍କଟ ଯୋଗୁଁ ଲୋକେ ବାଇକରେ ଦୂରସ୍ଥାନକୁ ଯାଇପାରୁନାହାଁନ୍ତି। ସେହିପରି ବିଭିନ୍ନ କୋରିୟର୍ ସଂସ୍ଥାର ଡେଲିଭର ସେବା ମଧ ବାଧାପ୍ରାପ୍ତ ହେଉଛି । ପେଟ୍ରୋଲ ସଙ୍କଟ ଯୋଗୁଁ ସୃଷ୍ଟ ସମସ୍ୟାକୁ ନେଇ ଲୋକେ ଚିନ୍ତିତ ଥିବାବେଳେ ଯଥାଶୀଘ୍ର ପେଟ୍ରୋଲ ପମ୍ପଗୁଡିକରେ ପେଟ୍ରୋଲ ଓ ଡିଜେଲ ଉପଲବ୍ଧ ହେବା ନେଇ ପେଟ୍ରୋଲ ପମ୍ପ କର୍ତ୍ତୃପକ୍ଷଗଣ ଆଶ୍ୱାସନା ଦେଉଥିବା ଜଣାଯାଇଛି। ତେବେ ଏହି ପେଟ୍ରୋଲ ଓ ଡିଜେଲ ସମସ୍ୟା ଦୂରୀକରଣ ନିମନ୍ତେ ପ୍ରଶାସନିକ ପଦକ୍ଷେପ ଜରୁରୀ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

### ଚିକିତ୍ସା ଲାଗି ଅର୍ଥ ସାଜିଛି ବାଧକ

## ସ୍ୱାମୀଙ୍କ ସୁସ୍ଥତା ପାଇଁ ପ୍ରାର୍ଥନା କରୁଛନ୍ତି ସ୍ତ୍ରୀ

**ଆସିକା,୧୫।୫/ଏନ୍‌ଏନ୍‌ଏସ୍:** ଆସନ୍ତାକାଲି ଅର୍ଥାତ୍ ଶନିବାର ହିନ୍ଦୁ ସଂପ୍ରଦାୟର ଘରେ ଘରେ ସଧବା ମହିଳାମାନେ ନିଜ ସ୍ୱାମୀଙ୍କ ମଙ୍ଗଳ ଓ ଦୀର୍ଘାୟୁ କାମନା କରି ନିଷ୍ଠାର ସହ ଉପବାସ କରି ସାବିତ୍ରୀ ବ୍ରତ ପାଳନ କରିବା ପାଇଁ ବ୍ୟାପକ ପ୍ରସ୍ତୁତି ଚଳାଇଛନ୍ତି। ଦିନେ ସାବିତ୍ରୀ ସ୍ୱାମୀ ସତ୍ୟବାନ୍‌ଙ୍କ ପାଇଁ ଯମ ସହ ଲଢିଥିଲେ, ଆଉ ଆସିକା ପୌର ପରିଷଦ ଅଧୀନସ୍ଥ ୧୬ ନମ୍ବର ୱାର୍ଡର ଲଛମନପଲ୍ଲୀ ଗ୍ରାମର ଅନ୍ୟ ଜଣେ ସାବିତ୍ରୀ ନିଜ ସ୍ୱାମୀଙ୍କୁ ସୁସ୍ଥ କରିବା ପାଇଁ ଦୀର୍ଘ ପ୍ରାୟ ୩ ବର୍ଷରୁ ଉର୍ଦ୍ଧ୍ୱ ଦିନ ହେଲା ଅଭାବ, ଅନାଟନ ତଥା ଦୁଃଖକଷ୍ଟ ଭିତରେ ସେବା ଓ ସଂଘର୍ଷ ଜାରି ରଖିଥିବା ଜଣାପଡିଛି । ଆଖିର ଲୁହ ଓ ମନର କୋହକୁ ଚାପିରଖି ସ୍ତ୍ରୀ ନିଲୁ ନାହାକ ନିରନ୍ତର ଭାବେ ସ୍ୱାସ୍ଥ୍ୟ ରୋଗାକ୍ରାନ୍ତ ସ୍ୱାମୀ ଦଣ୍ଡପାଣି ନାହାକଙ୍କୁ ସୁସ୍ଥ କରିବା ପାଇଁ ଠାକୁରଙ୍କୁ ଗୁହାରି କରିଚାଲିଥିବା ଦେଖିବାକୁ ମିଳୁଛି । ଦିନେ ଠାକୁର ତାଙ୍କ ଗୁହାରି ନିଶ୍ଚୟ ଶୁଣିବେ ଏହି ବିଶ୍ୱାସରେ ସେ ଆସନ୍ତାକାଲି ଅର୍ଥାତ୍ ଶନିବାର ନିଷ୍ଠାର ସହ ସାବିତ୍ରୀ ବ୍ରତ ପାଳନ କରି ସ୍ୱାମୀ ଦଣ୍ଡପାଣି ନାହାକଙ୍କ ମଙ୍ଗଳ ମନାସିବା ସହ ଆଶୁ ଆରୋଗ୍ୟ ପାଇଁ ଗୁହାରି କରିବାକୁ ପ୍ରସ୍ତୁତ ହେଉଥିବା ଜଣାପଡିଛି। ଅସହାୟା ସ୍ତ୍ରୀ ନିଲୁ ନାହାକ ନିଜ ସ୍ୱାମୀ ଦଣ୍ଡପାଣି ନାହାକଙ୍କ ଜୀବନରକ୍ଷା ପାଇଁ ସରକାରୀ ସହାୟତାକୁ ଚାହିଁ



ବସିଛନ୍ତି। ଆସିକା ପୌର ପରିଷଦ ଅଧିନସ୍ଥ ୧୬ ନମ୍ବର ୱାର୍ଡର ଲଛମନପଲ୍ଲୀ ଗ୍ରାମର ବାସିନ୍ଦା ଦଣ୍ଡପାଣି ନାହାକଙ୍କ ଚିକିତ୍ସା ଲାଗି ଅର୍ଥ ସାଜିଛି ପ୍ରତିବନ୍ଧକ। ଯାତ୍ରୀବାହୀ ଘରୋଇ ବସ୍‌ରେ ହେଲପର୍ ଭାବେ କାମ କରୁଥିବା ଦଣ୍ଡପାଣି ନାହାକ ଅନେକ ସ୍ୱପ୍ନ ଦେଖିଥିଲେ। ହେଲେ ତାଙ୍କ ସବୁ ସ୍ୱପ୍ନ ଧୂଳିସାତ୍ ହୋଇଯାଇଛି । ଗତ ଅଢେଇ ବର୍ଷ ତଳେ ଲଛମନପଲ୍ଲୀ ଗ୍ରାମର ବସ୍ ହେଲପର୍ ଦଣ୍ଡପାଣି ନାହାକ କୌଣସି ରୋଗରେ ଆକ୍ରାନ୍ତ ହୋଇ ଅକର୍ମଣ୍ୟ ହୋଇପଡିଥିବା ବେଳେ ବର୍ତ୍ତମାନ ଅର୍ଥାଭାବରୁ ଚିକିତ୍ସା ସେବା ପାଇ ନପାରି ନିଜ ଘରେ ଶଯ୍ୟାସାୟୀ ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଦଣ୍ଡପାଣି ନାହାକ, ସ୍ତ୍ରୀ ନିଲୁ ନାହାକ ଓ ପୁତ୍ର ବିକାଶ ନାହାକ ଏବଂ କନ୍ୟା ବୈଷ୍ଣବୀ ନାହାକଙ୍କୁ ନେଇ ତାଙ୍କର ପରିବାର। ଦଣ୍ଡପାଣି ନାହାକଙ୍କ ସମ୍ପୂର୍ଣ୍ଣ ସୁସ୍ଥ ଲାଗି ଲକ୍ଷଲକ୍ଷ ଟଙ୍କା ଆବଶ୍ୟକ ହେଉଥିବା ବେଳେ ଏତେ ଟଙ୍କା ଯୋଗାଡ କରିବା ପରିବାରଙ୍କ ପାଖରେ ଅସମ୍ଭବ। ଘରେ ଯାହା କିଛି ସଞ୍ଚିତ ଅର୍ଥ ଥିଲା ସେହି ଟଙ୍କା ଦଣ୍ଡପାଣି ନାହାକଙ୍କ ଚିକିତ୍ସାରେ ସରିଗଲା। ଦୁଇଓଳି ଦୁଇମୁଠା ଖାଇବାକୁ ସମ୍ବଳ ନଥିବା ବେଳେ କେଉଁ ପରିସ୍ଥିତିରେ କିପରି ସ୍ୱାମୀ ଦଣ୍ଡପାଣି ନାହାକଙ୍କ ଚିକିତ୍ସା କରାଇବେ ସେ ନେଇ ସ୍ତ୍ରୀ ନିଲୁ ନାହାକ ଉପାୟ ଶୂନ୍ୟ ହୋଇପଡିଛନ୍ତି। ଏପରି ପରିସ୍ଥିତିରେ ତୁରନ୍ତ ସରକାରୀ ସହାୟତା ପାଇଁ ପରିବାରବର୍ଗଙ୍କ ପକ୍ଷରୁ ଆକୁଳ ନିବେଦନ କରାଯାଇଛି । ସରକାର ତାଙ୍କ ଯନ୍ତ୍ରଣାକୁ ଲାଘବ କରିବା ସହ ପରିବାରର ଦୁଃଖ ବୁଝିବେ ଓ ମାଗଣାରେ ତାଙ୍କୁ ଚିକିତ୍ସାସେବା ଯୋଗାଇବେ ବୋଲି ପରିବାର ଆଶା ବାନ୍ଧିଛନ୍ତି। ନହେଲେ ଉଜୁଡିଯିବ ତାଙ୍କ ସଂସାର ବୋଲି ସ୍ତ୍ରୀ ନିଲୁ ନାହାକ ଦୁଃଖଭରା କଣ୍ଠରେ କହିଛନ୍ତି।

## ଗୋପାଳପୁର ପୋର୍ଟ ମଜଦୂର ସଂଘର ପ୍ରଥମ ବାର୍ଷିକ ସମ୍ମିଳନୀ

**ଛତ୍ରପୁର,୧୫।୫/ଏନ୍‌ଏନ୍‌ଏସ୍:** ଛତ୍ରପୁର ବ୍ଲକ ଆର୍ଯ୍ୟପଲ୍ଲୀ କଲ୍ୟାଣ ମଣ୍ଡପରେ ଗୋପାଳପୁର ପୋର୍ଟ ମଜଦୂର ସଂଘର ପ୍ରଥମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଅର୍ଜୁନ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଭାରତୀୟ ମଜଦୂର ସଂଘର ରାଜ୍ୟ ସଂଗଠନ ଲକ୍ଷ୍ମଣ ଦାସ, ରାଜ୍ୟ ସମ୍ପାଦକ ସତ୍ୟବ୍ରତ ପରିଡା, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଜିଲ୍ଲା ସଂଗଠନ ସମ୍ପାଦକ ଗୋପାଳ କୃଷ୍ଣ ସ୍ୱାଇଁ, ବରିଷ୍ଠ କାର୍ଯ୍ୟକର୍ତ୍ତା ଲିଙ୍ଗରାଜ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସଂଘର ସାଧାରଣ ସମ୍ପାଦକ ଜି. ଡାଲେୟା ବାର୍ଷିକ ବିବରଣୀ ପାଠ କରିଥିଲେ । ବିଧାୟକ ଶ୍ରୀ ନାୟକ ନିଜ ଅଭିଭାଷଣରେ କହିଥିଲେ ଯେ, ପୋର୍ଟରେ ଜାହାଜ ଲାଗୁନଥିବା ଏବଂ ଟ୍ରେନ ଆସୁନଥିବା ଯୋଗୁଁ ଶ୍ରମିକମାନଙ୍କୁ କାମ ଯୋଗାଣରେ ହେଉଥିବା ସମସ୍ୟାର ଶୀଘ୍ର ସମାଧାନ କରିବାରେ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଲକ୍ଷ୍ମଣ ଭାଇ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଶୁଣିଥିଲେ । ସମସ୍ୟାର ସ୍ଥାୟୀ ସମାଧାନ ଲାଗି ପୋର୍ଟର ସମସ୍ତ ଶ୍ରମିକଙ୍କୁ ସଂଗଠିତ ହୋଇ ଆଗକୁ ଆସିବାକୁ ଆହ୍ୱାନ କରିଥିଲେ। ଏହି ଅବସରରେ ସଂଘର ନୂତନ କମିଟି ଚୟନ କରାଯାଇଥିଲା । ସଂଘର ସଭାପତି ଭାବେ ଅର୍ଜୁନ ବେହେରା, କାର୍ଯ୍ୟକାରୀ ସଭାପତି ଜି. ଜଗନ୍ନାଥ, ଉପସଭାପତି ଏନ୍. ଦୀନବନ୍ଧୁ, ସାଧାରଣ ସମ୍ପାଦକ ଜି. ଡାଲେୟା, ଯୁଗ୍ମ ସମ୍ପାଦକ ଏସ୍. ସୀମାଞ୍ଚଳ, ଏ. କୁର୍ଲୋୟା, କୋଷାଧକ୍ଷ ଏନ୍. ନାଲୁଡାଙ୍କ ସମେତ ୬ ଜଣ କାର୍ଯ୍ୟକାରୀ ସଦସ୍ୟ ଚୟନ ହୋଇଥିଲେ।

## ନିଖୋଜ ବୃଦ୍ଧଙ୍କ ମୃତଦେହ ପୋଖରୀରୁ ଉଦ୍ଧାର

**ସାନଖେମୁଣ୍ଡି,୧୫।୫/ଏନ୍‌ଏନ୍‌ଏସ୍:** ସାନଖେମୁଣ୍ଡି ବ୍ଲକ ଗୌତମୀ ଗ୍ରାମ ପୋଖରୀରେ ବୁଡ଼ିଯାଇ ଜଣେ ବୃଦ୍ଧ ମୃତ୍ୟୁବରଣ କରିଛନ୍ତି। ମୃତକ ଜଣକ ହେଲେ ଗୌତମୀ ଗ୍ରାମ ଗୋଲା ସାହିର ଡି. କର୍ମା ପାତ୍ର(୮୫)। ଗୁରୁବାର ମଧାହ୍ନରେ ସେ ପୋଖରୀକୁ ଗାଧୋଇବା ପାଇଁ ଯାଇ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ମଧ ତାଙ୍କ ସନ୍ଧାନ ମିଳିନଥିଲା। ଗତକାଲି ଅପରାହ୍ନ ପ୍ରାୟ ସାଢେ ୩ ଟାରେ ତାଙ୍କ ମୃତଦେହ ଭାସୁଥିବା କିଛି ଗ୍ରାମବାସୀ ଦେଖିଥିଲେ। ପୂର୍ବତନ ସରପଞ୍ଚ ସୁଶାନ୍ତ ସ୍ୱାଇଁ ଏବଂ ଗ୍ରାମର କିଛି ଯୁବକ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଆଡ଼ପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଚେତା ନ ଫେରିବାରୁ ପରିବାର ଲୋକେ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବ୍ରହ୍ମପୁର ସଦର ଥାନା ପୁଲିସ ଟିମ୍ ବଡ଼ ଡାକ୍ତରଖାନାରେ ପହଞ୍ଚି ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ଜବତ କରିଛନ୍ତି। ଶୁକ୍ରବାର ସକାଳେ ତାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ କହିଛି।



# ସାବିତ୍ରୀ ଅମାବାସ୍ୟା ପାଇଁ ଫଳଦର ଆକାଶଛୁଆଁ

**ଆସିକା,୧୫।୫/ଏନ୍‌ଏନ୍‌ଏସ୍:** ଆସନ୍ତାକାଲି ଅର୍ଥାତ ଶନିବାର ପାଳିତ ହେବ ପବିତ୍ର ସାବିତ୍ରୀ ଅମାବାସ୍ୟା। ଏହି ସାବିତ୍ରୀ ଓଷାରେ ବିଶେଷ କରି ଆବଶ୍ୟକ ପଡୁଥିବା ଆମ୍ବ, ପଣସ, ତାଳ, ନଡିଆ, କଦଳୀ, ଖଜୁରି କୋଳି, କାକୁଡି ପ୍ରଭୃତି ବିଭିନ୍ନ ଫଳମୂଳ କିଣିବା ପାଇଁ ଶୁକ୍ରବାର ଆସିକା ସହର ତଥା ଏହାର ଆଖପାଖ ଅଞ୍ଚଳର ବିଭିନ୍ନ ଫଳମୂଳ ବ୍ୟବସାୟ ପ୍ରତିଷ୍ଠାନ ଗୁଡିକରେ ଗ୍ରାହକଙ୍କ ପ୍ରବଳ ଭିଡ ଜମିଥିଲା। ଗଞ୍ଜାମ ଜିଲ୍ଲାର ଅନ୍ୟତମ ବ୍ୟବସାୟିକ ପେଣ୍ଠସ୍ଥଳୀ ରୂପେ ପରିଚିତ ଆସିକା ସହର ବର୍ତ୍ତମାନ ସାବିତ୍ରୀ ବ୍ରତ ବେପାରରେ ମସ୍‌ଗୁଲ। ଆସନ୍ତାକାଲି ଅର୍ଥାତ୍ ଶନିବାର ଦିନ ସାବିତ୍ରୀ ବ୍ରତ ଓଡିଆ ଘରର ପ୍ରତ୍ୟେକ ସ୍ତ୍ରୀଲୋକ ଏହି



ବ୍ରତ ପାଳନ କରିବାର କାର୍ଯ୍ୟକ୍ରମ ରହିଛି। ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ମହିଳାମାନେ ଏହି ବ୍ରତ କାହିଁ କେଉଁ କାଳରୁ ପାଳନ କରିଆସୁଛନ୍ତି । ତେବେ ବର୍ତ୍ତମାନ ବିଭିନ୍ନ ସାମଗ୍ରୀ ଦର ବୃଦ୍ଧି ଘଟିଥିବାରୁ ମଧବିତ୍ତ ଶ୍ରେଣୀର ସାବିତ୍ରୀମାନଙ୍କ ପାଇଁ ବିଭିନ୍ନ ସାମଗ୍ରୀ କ୍ରୟ କରିବା ଅଧିକ ବାଧୁଛି। ବଜାରରେ ଶାଢୀ, ଚୁଡି, ଫଳଠୁ ଫୁଲ ଯାଏଁ ସବୁ ମହଙ୍ଗା। ଆସିକା ବସ୍‌ଷ୍ଟାଣ୍ଡ କଳିଙ୍ଗରୋଡ୍, ଲକ୍ଷ୍ମୀବଜାର ସମେତ ପ୍ରମୁଖ ସ୍ଥାନମାନଙ୍କରେ ଥିବା ଶାଢୀଦୋକାନ ଗୁଡିକରେ ଗ୍ରାହକଙ୍କ ଭିଡ ଜମୁଛି। ସେହିଭଳି ସାବିତ୍ରୀ ବ୍ରତରେ ଭୋଗ ପାଇଁ ଆବଶ୍ୟକ ପଡୁଥିବା ଫଳମୂଳର ଦାମ ମଧ ସାଧାରଣ ଦିନଠାରୁ ଅଧିକ ରହିଛି। ଦର ଯେତେ ଅଧିକ ରହିଲେ ମଧ ଗ୍ରାହକମାନେ ତାହା କ୍ରୟ କରିବାକୁ ଏକ ପ୍ରକାର ବାଧ ହୋଇଥିଲେ । ଆମ୍ବ, ସପୁରୀ, ସେଓ, ପଣସ, ନଡିଆ, କଦଳୀ, ଲିଚୁ, କାକୁଡି, ଖଜୁରୀକୋଳି, ଅଙ୍ଗୁରକୋଳି ସମେତ ଅନ୍ୟାନ୍ୟ ଫଳର ଦର ଆକାଶଛୁଆଁ ହୋଇଛି। ଧନୀକ ଶ୍ରେଣୀର ସାଧାରଣ ଜନତା ଝିଅଘରକୁ ଭାର ଦେବା ପାଇଁ ପେଟିପେଟି ଫଳମୂଳ କ୍ରୟ କରୁଥିବା ବେଳେ ଗରିବ ତଥା ମଧବିତ୍ତ ଶ୍ରେଣୀର ସାଧାରଣ ଜନତା ନିଜ କ୍ଷମତା ଅନୁସାରେ ଫଳମୂଳ ସାମଗ୍ରୀ କ୍ରୟ କରୁଛନ୍ତି। ପୂର୍ବବର୍ଷ ମାନଙ୍କ ଭଳି ଚଳିତ ବର୍ଷ ମଧ ପବିତ୍ର ସାବିତ୍ରୀ ବ୍ରତ ପାଇଁ ଆବଶ୍ୟକ ପଡୁଥିବା ଶଙ୍ଖା, ସିନ୍ଦୁର, ନାଲି ଚୁଡି, କଳା ଚୁଡି, ବ୍ରତ, କଳାମାଳି, ତୁଳ, କାଠପାନିଆ, ଛୋଟ ଦର୍ପଣ ସମେତ ଅନ୍ୟାନ ଫଳମୂଳ ଓ ପୂଜା ସାମଗ୍ରୀ ଦର ଉଚ୍ଚା ରହିଥିଲା। ସ୍ୱାମୀଙ୍କ ମଙ୍ଗଳ ଓ ଦୀର୍ଘାୟୁ କାମନା କରି ହିନ୍ଦୁ ସମ୍ପ୍ରଦାୟର ବିବାହିତା ମହିଳା ମାନେ ବର୍ଷକୁ ଥରେ ନିଷ୍ଠାର ସହ ରହି ସାବିତ୍ରୀ ବ୍ରତ ପାଳନ କରିଥାନ୍ତି।







# ତେଲ କରୁଛି କଲବଲ

ରାଜ୍ୟରେ ପେଟ୍ରୋଲ୍ ପମ୍ପଗୁଡ଼ିକରେ ସ୍ଥିତି ସଙ୍ଗୀନ। ନା' ଅଛି ପେଟ୍ରୋଲ୍ ନା ଅଛି ଡିଜେଲ୍। ପେଟ୍ରୋଲ୍ ପମ୍ପ ଆଗରେ ଘଣ୍ଟା ଘଣ୍ଟା ଧରି ଲୋକମାନେ ଲମ୍ବା ଲାଇନ୍‌ରେ ରହୁଛନ୍ତି। ତେଲ ପାଇଁ ଲୋକେ ଏବେ କଲବଲ। ତେଲ ଟାଙ୍କିରେ ଅସମ୍ଭାଳ ଭିଡ଼। ବାଇକ୍, କାର୍, ସ୍କୁଟରର ଲମ୍ବା ଧାଡ଼ି। ରାଜଧାନୀ ଭୁବନେଶ୍ୱରରେ ଗତକାଲି ଯେମିତି ଦିନରେ ସ୍ଥିତି ଥିଲା ରାତିରେ ବି ସେମିତି। ଭୁବନେଶ୍ୱର ଚନ୍ଦ୍ରଶେଖରପୁର ପେଟ୍ରୋଲ୍ ପମ୍ପରେ ରାତି ତମାମ ଲୋକେ ଧାଡ଼ିରେ ଛିଡ଼ା ହୋଇ ପେଟ୍ରୋଲ୍ ପକାଇଛନ୍ତି। ଘଣ୍ଟା ଘଣ୍ଟା ଧରି ଶତାଧିକ ବାଇକ୍ ଓ କାର୍ ମୁଖ୍ୟ ରାସ୍ତା ଯାଏଁ ଅପେକ୍ଷା କରି ରହିଥିଲେ। ରସୁଲଗଡ଼ରେ ତ ସ୍ଥିତି ଆହୁରି ଖରାପ। ରାତିରେ ଖୋଲା ଯାଉଥିବା କିଛି ଟାଙ୍କି ବନ୍ଦ ହେବା ପରେ ରାତି ସାରା ଲୋକେ ସେମିତି ଧାଡ଼ିରେ ଛିଡ଼ା ହୋଇଥିଲେ। ସକାଳ ହେଲେ ତେଲ ପକାଇବା ପାଇଁ। ଅଟୋ ଚାଳକ, ଅନଲାଇନ୍ ବାଇକ୍‌ରେ ଭଡ଼ା ନେଉଥିବା ବ୍ୟକ୍ତିଙ୍କ ସମସ୍ୟା ଅଧିକ ବଢ଼ିଛି। ତେଲ ସରିଯିବା ଗୁଜବ ଓ କିଛି ପେଟ୍ରୋଲ୍ ପମ୍ପ ବନ୍ଦ ହେବା ପରେ ଏମିତି ସ୍ଥିତି ଉପୁଜିଛି।



## କେଉଁଠି ଛାନିଆ, କେଉଁଠି ଆତଙ୍କ




**ଭୁବନେଶ୍ୱର,୧୫।୫/ଏନ୍‌ଏନ୍‌ଏସ୍:** ସଂଗୀନ-ସାଂଘାତିକ-ଅସମ୍ଭାଳ। କେଉଁଠି ଛାନିଆ, କେଉଁଠି ଆତଙ୍କ। ଅଧରାତି ହେଉ କି ଉଦୁଉଦିଆ ଖରାବେଳ। କିଲୋମିଟର କିଲୋମିଟର ଯାଏଁ ଲମ୍ବିଛି ଲୋକଙ୍କ ଲମ୍ବା ଧାଡ଼ି। ରାଜଧାନୀରୁ ରାଉରକେଲା ଯାଏଁ ତୈଳ ସଂକଟର ସଂଗୀନ ଚିତ୍ର ଭିତରେ ସବୁକୁ ବଳିଯାଇଛି ଶ୍ରୀକ୍ଷେତ୍ର ପୁରୀ। ଯିଏ ଯାହା ପାଇଲା, ହାତରେ ଯାହା ପଡ଼ିଲା ଟେକିନେଇ ଆସିଛନ୍ତି ପେଟ୍ରୋଲ୍ ପାଇଁ। ପ୍ଲାଷ୍ଟିକ୍ ବୋତଲ ତ ବୋତଲ, ମାଳମାଳ ଟିଣ ଓ ବାଲଟି ଧରି ବି ପାଇଁ ଲାଇନରେ ଲୋକେ। ଜାର-ଜାରକିନ ଏପରିକି ପାଣି ବୁହା କେନ୍ ଭର୍ତ୍ତି କରି ପେଟ୍ରୋଲ୍ ଟେକିନେଇଛନ୍ତି। ଆଗକୁ ତେଲ ନ ମିଳିବା ଆଶଙ୍କାରେ ଲୋକେ ଏମିତି ପେଟ୍ରୋଲ-ଡିଜେଲ୍ ବୋହିଲେ ଯେ, ଶେଷରେ ପୋଲିସ ଆସି ତାଗିଦ୍ କରିବାକୁ ପଡ଼ିଥିଲା।

## ରାଜଧାନୀରେ ଅଣାୟତ୍ତ ସ୍ଥିତି

**ଭୁବନେଶ୍ୱର,୧୫।୫/ଏନ୍‌ଏନ୍‌ଏସ୍:** ତୈଳ ସଙ୍କଟକୁ ନେଇ ରାଜଧାନୀ ଭୁବନେଶ୍ୱରରେ ଗୁରୁବାରଠୁ ଲାଗିରହିଛି ଅଣାୟତ୍ତ ସ୍ଥିତି। ଚନ୍ଦ୍ରଶେଖରପୁର ପେଟ୍ରୋଲ ପମ୍ପରେ ରାତି ସାଢ଼େ ୧୨ଟାରେ ବି ତେଲ ପକେଇବାକୁ ଅପେକ୍ଷା କରିଥିଲେ ଶହଶହ ଗାଡ଼ି। କେବଳ ଏଇ ଗୋଟିଏ ନୁହେଁ, ସ୍ମାର୍ଟସିଟିର ସବୁ ପେଟ୍ରୋଲ ପମ୍ପର ଅବସ୍ଥା ଏମିତି। ଛିଡ଼ା ହେବା ତ ଛାଡ଼ନ୍ତୁ, ସୋରିଷ ବୁଣିବାକୁ ଜାଗା ନାହିଁ। କେଉଁଠି ଟାଙ୍କି ବନ୍ଦ ଆଉ କେଉଠି ରାତିଦିନ ମେଳା ଭଳି ଗହଳି ଲଗାଇଛନ୍ତି ଗ୍ରାହକ। ରାସ୍ତା ଉପରେ ବି ଧାଡ଼ି କରି ନିଜ ପାଳିକୁ ଅପେକ୍ଷା କରୁଛନ୍ତି। ଭିଡ଼ ଏଭଳି ହେଉଛି ଯେ, ପୋଲିସ ମୁତୟନ ହେବାକୁ ବାଧ୍ୟ ହେଲେଣି। ତଥାପି ଘଣ୍ଟା ଘଣ୍ଟା ଅପେକ୍ଷା କଲେ ବି ତେଲ ଠୋପେ ମିଳୁନି। ବାଲେଶ୍ୱର, କେନ୍ଦ୍ରାପଡ଼ା, ଜୟପୁର, ରାଉରକେଲାରେ ଟାଙ୍କିରେ ବି ସମାନ ଅବସ୍ଥା। ଅଧିକାଂଶ ପମ୍ପରେ ନିର୍ଦ୍ଦିଷ୍ଟ ପରିମାଣର ତେଲ ଦିଆଯିବାକୁ ନେଇ ଅସନ୍ତୋଷ ବଢ଼ିଛି।



# 'ରାଜ୍ୟରେ ପେଟ୍ରୋଲ୍, ଡିଜେଲ୍‌ର ଅଭାବ ନାହିଁ'

**ଭୁବନେଶ୍ୱର,୧୫।୫/ଏନ୍‌ଏନ୍‌ଏସ୍:** ରାଜ୍ୟରେ ପେଟ୍ରୋଲ୍ ଓ ଡିଜେଲ୍‌ର କୌଣସି ଅଭାବ ନାହିଁ। ପର୍ଯ୍ୟାପ୍ତ ପରିମାଣର ତେଲ ଅଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ୧୩ ଦିନର ଆବଶ୍ୟକତା ପୂରଣ କରିବା ଭଳି ତେଲ ରାଜ୍ୟରେ ମହଜୁଦ ଅଛି। ତେଣୁ ଅଯଥାରେ ଆତଙ୍କିତ ହୋଇ ତେଲ ନ କିଣିବାକୁ ସେ ଲୋକମାନଙ୍କୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ ତେଲ ସରିଯିବା ଭୟରେ ଲୋକମାନେ ଛାନିଆ ହୋଇପଡ଼ିଛନ୍ତି। ୧୦୦ ଟଙ୍କାରେ ତେଲ କିଣୁଥିବା ଲୋକମାନେ ୫୦୦ ଟଙ୍କାରେ ତେଲ ପକାଉଛନ୍ତି। ଦୁଇ ଦିନ ଭିତରେ ତେଲ ଚାହିଦା ଆବଶ୍ୟକତାଠାରୁ ୫୦ ପ୍ରତିଶତ ଅଧିକ ବଢ଼ିଯାଇଛି। ଯେତିକି ତେଲ ଦରକାର କେବଳ ସେତିକି କିଣିବାକୁ ସେ ଲୋକମାନଙ୍କୁ ପରାମର୍ଶ ଦେଇଛନ୍ତି। ଜାରକିନ୍ ଓ ଟିଣ ଡବାରେ ତେଲ ନେଇ ଘରେ ମହଜୁଦ ରଖନ୍ତୁ ନାହିଁ ବୋଲି ସେ ଲୋକମାନଙ୍କୁ ଅପିଲ କରିଛନ୍ତି। ପେଟ୍ରୋଲ ପମ୍ପରେ ହେଉଥିବା ଭିଡ଼ ସମ୍ପର୍କରେ ସେ କହିଛନ୍ତି ଯେ ହଠାତ୍ ?ଭିଡ଼ ବଢ଼ିଯାଉଥିବାରୁ ପେଟ୍ରୋଲ ପମ୍ପ ମାଲିକମାନେ ସବୁ ଗ୍ରାହକଙ୍କୁ ତେଲ ଦେବା ପାଇଁ ଅଳ୍ପ ଅଳ୍ପ ତେଲ ଦେଉଛନ୍ତି। ଅଭାବ ପାଇଁ ପରିମାଣ କମ୍ କରାଯାଉନାହିଁ। ସରକାରଙ୍କ ତରଫରୁ ପେଟ୍ରୋଲ ପମ୍ପମାନଙ୍କୁ ଏନେଇ କୌଣସି ନିର୍ଦ୍ଦେଶ ଦିଆଯାଇନାହିଁ।

ଅନ୍ୟପକ୍ଷରେ ରାଜ୍ୟରେ ପ୍ରାକୃତିକ ତୈଳ ଜନସାଧାରଣ ମାନଙ୍କ ପାଇଁ ଉପଲବ୍ଧ କରିବା ପାଇଁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଗୁରୁତ୍ୱାରୋପ କରିଛି। ଏହି ଉଦ୍ଦେଶ୍ୟରେ ମନ୍ତ୍ରୀ ଶ୍ରୀ ପାତ୍ରଙ୍କ ଅଧ୍ୟକ୍ଷତାରେ ତୈଳ କମ୍ପାନୀର ପ୍ରତିନିଧିମାନଙ୍କ ସହ ଏକ ବୈଠକ



ଲୋକସେବାଭବନ ସ୍ଥିତ ମନ୍ତ୍ରୀଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ଯୋଗାଣ ଶୃଙ୍ଖଳକୁ ସ୍ଥିର ରଖିବା ସହ ଜନସାଧାରଣଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେବା ପାଇଁ ସେ ପରାମର୍ଶ ଦେଇଛନ୍ତି। ବର୍ତ୍ତମାନ ରାଜ୍ୟରେ ପେଟ୍ରୋଲ ଓ ଡିଜେଲ ପ୍ରଚୁର ପରିମାଣରେ ଉପଲବ୍ଧ ରହିଛି। ରାଜ୍ୟରେ ତେଲ ଯୋଗାଣ ସ୍ୱାଭାବିକ ଥିବାବେଳେ କେତେକ ସ୍ଥାନରେ ପେଟ୍ରୋଲ୍ ପମ୍ପରେ ତେଲ ଅଭାବର ଖବର ପ୍ରତି ବିଶେଷ ଗୁରୁତ୍ୱ ଦେବା ସହ ଏହି ସମସ୍ୟାର ତ୍ୱରିତ ସମାଧାନ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବା ନେଇ ପ୍ରତିନିଧିମାନେ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଇଣ୍ଡିଆନ୍ ଅଏଲ୍‌ର ରାଜ୍ୟ ମୁଖ୍ୟ କମଲ ସିଲ୍, ଏଚ୍‌ପିସିଏଲ୍‌ର ଆଶିଷ ପାଣ୍ଡେ, ବିପିସିଏଲ୍‌ର ଦୀପକ ଅଗ୍ରୱାଲଙ୍କ ସମେତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



## ଆକ୍ସନ ମୋଡରେ ପ୍ରଶାସନ

**ଭୁବନେଶ୍ୱର,୧୫।୫/ଏନ୍‌ଏନ୍‌ଏସ୍:** ତୈଳ ଅଭାବର ଉତ୍କଟ ରୂପ ଭିତରେ ଆକ୍ସନ ମୋଡକୁ ଆସିଛି ପ୍ରଶାସନ। ଇନ୍ଧନ ସଂକଟ ପରିଚାଳନା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଗଠିତ ଜିଲ୍ଲାସ୍ତରୀୟ ଟିମ୍ ବିଭିନ୍ନ ସ୍ଥାନରେ ଧରପଗଡ଼ ଆରମ୍ଭ କରିଛି। କଟକର ପେଟ୍ରୋଲ୍ ଟାଙ୍କି ଉପରେ ଚଡଉ କରି ଷ୍ଟକ୍ ଯାଞ୍ଚ ସହିତ ଗୁଜବ ନ କରିବାକୁ କଡ଼ା ତାଗିଦ କରାଯାଇଛି। ଜଗତସିଂହପୁର ଏବଂ ଭଦ୍ରକରେ ବି ପମ୍ପ ଉପରେ ରେଡ୍ କରି ଟାଙ୍କି କର୍ତ୍ତୃପକ୍ଷ ଜାରି କରିଥିବା କଟକଣା ହଟାଇଛି ଜିଲ୍ଲା ପ୍ରଶାସନ। ଏଥିସହିତ ଗ୍ରାହକଙ୍କ ସହ ଆଲୋଚନା କରି ଆତଙ୍କିତ ନ ହେବାକୁ ପରାମର୍ଶ ଦିଆଯାଇଛି। ସେପଟେ ସର୍ବନିମ୍ନ ଡିଜେଲ୍ ଓ ପେଟ୍ରୋଲ ରିଜର୍ଭ ଷ୍ଟକ୍ ରଖିବାକୁ ଟାଙ୍କି ମାଲିକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କେନ୍ଦୁଝର ଜିଲ୍ଲାପାଳ।

## ତୈଳ ସଙ୍କଟ: ଇଭି ସୋ'ରୁମରେ ଭିଡ଼

**ଭୁବନେଶ୍ୱର,୧୫।୫/ଏନ୍‌ଏନ୍‌ଏସ୍:** ରାଜ୍ୟରେ ପେଟ୍ରୋଲ୍ ଓ ଡିଜେଲ୍ ସଙ୍କଟ ଦେଖାଦେବା ପରେ ଏବେ ଇଲେକ୍ଟ୍ରିକ୍ ଯାନ ବଜାରରେ ଅଚାନକ ଭାବେ ଚାହିଦା ବଢ଼ିଯାଇଛି। ବିଶେଷକରି ଇଭି ସ୍କୁଟର ସୋରୁମ୍‌ଗୁଡ଼ିକରେ ଲୋକଙ୍କ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳୁଛି। ତେଲ ଅଭାବ, ଲମ୍ବା ଲାଇନ୍ ଏବଂ ବଢୁଥିବା ଦରକୁ ନେଇ ଚିନ୍ତିତ ଲୋକମାନେ ଏବେ ବଡ଼ ସଂଖ୍ୟାରେ ଇଲେକ୍ଟ୍ରିକ୍ ଯାନ ଦିଗକୁ ମୁହାଁଇଛନ୍ତି। ସହରର ବିଭିନ୍ନ ଇଭି ସୋରୁମ ଆଗରେ ଲମ୍ବା ଲାଇନ୍ ଲାଗୁଛି। କେହି ନୂଆ ସ୍କୁଟର ବୁକ୍ କରିବାକୁ ଆସୁଛନ୍ତି, ତ କେହି ଟେଷ୍ଟ ଡ୍ରାଇଭ୍ ପାଇଁ ଅପେକ୍ଷା କରୁଛନ୍ତି। କିଛି ସୋରୁମରେ ତ ଏତେ ଭିଡ଼ ହେଉଛି ଯେ, କର୍ମଚାରୀମାନେ ଗ୍ରାହକଙ୍କୁ ସମ୍ଭାଳିବାରେ ନାକେଦମ୍ ହେଉଛନ୍ତି। ପେଟ୍ରୋଲ-ଡିଜେଲ ସଙ୍କଟ ଯେଉଁଠି ସାଧାରଣ ଲୋକଙ୍କୁ ଅସୁବିଧାରେ ପକାଇଛି, ସେଠି ଏହା ଇଭି ଶିଳ୍ପ ପାଇଁ ଏକ ବଡ଼ ସୁଯୋଗ ହୋଇ ଉଭା ହୋଇଛି। ଅନେକଙ୍କ ମତରେ, ଏହି ପରିସ୍ଥିତି ଲୋକଙ୍କ ଯାତାୟାତ ଚିନ୍ତାଧାରାକୁ ବଦଳାଇଦେବ ଏବଂ ଆଗାମୀ ଦିନରେ ରାସ୍ତାରେ ଇଲେକ୍ଟ୍ରିକ୍ ଯାନର ସଂଖ୍ୟା ଅଧିକ ଦେଖିବାକୁ ମିଳିବ।

## ଗାଡ଼ି ବନ୍ଦ, ରୋଜଗାର ବନ୍ଦ

**ଭୁବନେଶ୍ୱର,୧୫।୫/ଏନ୍‌ଏନ୍‌ଏସ୍:** ଫୁଡ୍ ଡେଲିଭରୀ ପାଇଁ ତେଲ ପକେଇବାକୁ ଟାଙ୍କିରେ ଘଣ୍ଟା ଘଣ୍ଟା ଧରି ଛିଡ଼ା ହେଉଛନ୍ତି ଡେଲିଭରୀ ବଏ। ତା ପୁଣି ଶହେ କି ୨୦୦ ଟଙ୍କାର ତେଲ ମିଳୁଛି। ଦୁଇଟି ଅର୍ଡର ଡେଲିଭରି ଦେବା ବେଳକୁ ସେତକ ଖତମ। ଆଉ ତାପରେ ଗାଡ଼ି ବନ୍ଦ, ରୋଜଗାର ବନ୍ଦ। ଅର୍ଡର୍ ଆସୁଛି ହେଲେ କ୍ୟାନସଲ୍ କରିବାକୁ ବାଧ୍ୟ ହେଉଛନ୍ତି। ତୈଳ ସଂକଟରେ ସାଂଘାତିକ ଭାବେ ପ୍ରଭାବିତ ହୋଇଛନ୍ତି ରାଜଧାନୀ ଭୁବନେଶ୍ୱର ସମେତ ବିଭିନ୍ନ ସ୍ଥାନରେ କାମ କରୁଥିବା ଡେଲିଭରୀ ବଏ। ଟାଙ୍କି ଜାମ୍ ଯୋଗୁଁ ନା ତେଲ ପକାଇପାରୁଛନ୍ତି ନା ଡେଲିଭରୀ ଦେଇପାରୁଛନ୍ତି। ରାତି ଅନିଦ୍ରା ହୋଇ ପେଟ୍ରୋଲ୍ ପକାଇଲେ ବି ଦିନରେ ଦୁଇରୁ ତିନି ଘଣ୍ଟା କାମ କଲେ ସରିଯାଉଛି। ସୁବିଧାରେ ତେଲ ମିଳୁନଥିବାରୁ ଅନେକ ଦୁଇଦିନ ହେଲା ହାତବାନ୍ଧି ବସିଛନ୍ତି।

ସମାନ ଅବସ୍ଥା ଅନଲାଇନ୍ ଅଟୋ ଓ ବାଇକ୍ ରାଇଡରଙ୍କର। ଗୋଟିଏ ପଟେ ତୈଳ ଅଭାବ ଆଉ ଗୋଟିଏ ପଟେ ଡିଜେଲ୍ ଓ ସିଏମଜି ଦରବୃଦ୍ଧି ଯୋଗୁ ହନ୍ତସନ୍ତ ହେଉଛନ୍ତି ଚାଳକ। ଟାଙ୍କିରେ ଘଣ୍ଟା ଘଣ୍ଟା ଅପେକ୍ଷା କରୁଥିବାରୁ ଠିକ୍ ଭାବେ ବେପାର



କରିପାରୁନାହାନ୍ତି। ଅଧା ପରିମାଣର ରାଇଡ୍ କରିବା ମଧ୍ୟ ସମ୍ଭବ ହେଉନି। ଅନଲାଇନ୍ ଅଟୋ ଡ୍ରାଇଭରଙ୍କର ଅଭିଯୋଗ ଅନୁସାରେ, ବାରମ୍ବାର ତୈଳ ଦର ବଢୁଥିଲେ ବି କମ୍ପାନୀ ଫେୟାର୍ ବୃଦ୍ଧି କରୁନି। ୭ ବର୍ଷ ତଳୁ ଭଡ଼ା ରେଟ୍ ଯାହା ଥିଲା ଆଜି ବି ସେୟା। ଏକ୍ସଟ୍ରା ମନି ଦେବାକୁ ଗ୍ରାହକ କୁନ୍ଥୁକୁନ୍ଥୁ। ଏଭଳି ସ୍ଥିତିରେ ପେଟ ପୋଡ଼ିଯାଉଛି ବୋଲି କ୍ଷୋଭ ପ୍ରକାଶ କରିଛନ୍ତି।

### ଦୈନିକ ୪୪.୭୦ ଲକ୍ଷ ଲିଟର ତୈଳ ଆବଶ୍ୟକ

## 'ଆଜି ସୁଦ୍ଧା ସମସ୍ୟାର ସମାଧାନ ହେବ'

**ଭୁବନେଶ୍ୱର,୧୫।୫/ଏନ୍‌ଏନ୍‌ଏସ୍:** ତେଲ ପାଇଁ ରାଜଧାନୀର ବିଭିନ୍ନ ପେଟ୍ରୋଲ ପମ୍ପରେ ଲମ୍ବା ଲାଇନ୍ ଲାଗିଛି। ମାଳମାଳ ଗାଡ଼ି ସହ ଲୋକଙ୍କ ଭିଡ଼ ଯୋଗୁଁ ଗାଡ଼ି ଚଳାଚଳ ମଧ୍ୟ ପ୍ରଭାବିତ ହେଉଛି। ଭୁବନେଶ୍ୱରର ବିଭିନ୍ନ ପେଟ୍ରୋଲ୍ ପମ୍ପରେ ଏପରି ପରିସ୍ଥିତି ଦେଖିବାକୁ ମିଳୁଛି। କେତେକ ସ୍ଥାନରେ ପେଟ୍ରୋଲ ପମ୍ପ ବନ୍ଦ ହୋଇଯାଇଥିବା ଶୁଣିବାକୁ ମିଳିଛି। ତେବେ ରାଜ୍ୟରେ ଦୈନିକ ୪୪ଲକ୍ଷ ୭୦ହଜାର ଲିଟର ପେଟ୍ରୋଲ ଆବଶ୍ୟକ ରହିଥିବା ବେଳେ ବର୍ତ୍ତମାନ ୧୩ଦିନ ପର୍ଯ୍ୟନ୍ତ ତୈଳ ମହଜୁଦ ରହିଛି ବୋଲି ଉତ୍କଳ ପେଟ୍ରୋଲିୟମ୍ ଡିଲର ସଂଘର ସାଧାରଣ ସମ୍ପାଦକ ସଞ୍ଜୟ ଲାଠ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ, ରାଜ୍ୟର ଡିପୋଗୁଡ଼ିକରେ ପର୍ଯ୍ୟାପ୍ତ ତେଲ ମହଜୁଦ ରହିଛି। କିନ୍ତୁ ମାର୍କେଟର ଚାହିଦା ଅନୁସାରେ ତେଲ ସମୟରେ ପହଞ୍ଚିପାରୁନଥିବାରୁ ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି। ଲୋକେ ଆବଶ୍ୟକତାଠାରୁ ଅଧିକ ତେଲ କିଣିବା ଆରମ୍ଭ କରିଦେଇଥିବାରୁ ପେଟ୍ରୋଲ ପମ୍ପଗୁଡ଼ିକରେ ଅସ୍ୱାଭାବିକ ଭାବରେ ବିକ୍ରି ବଢ଼ିଯାଇଛି। ଗତ ଚାରିଦିନ ଧରି ସାଧାରଣ ଦିନଠାରୁ ଅଧିକ ତେଲ ବିକ୍ରି ହୋଇଛି। ଫଳରେ ଷ୍ଟକ୍ ଶୀଘ୍ର ସରିଯାଉଛି ଏବଂ ଲୋକଙ୍କ ଭୟ ଆହୁରି ବଢୁଛି। ସବୁଠୁ ବଡ଼ କଥା ହେଲା, ଯେତେ ତେଲ ବିକ୍ରି ହେଉଛି ସେହି



ଅନୁପାତରେ ତେଲ ପୁନର୍ବାର ପହଞ୍ଚିପାରୁନାହିଁ। ତେଲ ସରିଯିବା ଓ ନୂଆ ଷ୍ଟକ୍ ପହଞ୍ଚିବା ମଧ୍ୟରେ ଥିବା ବ୍ୟବଧାନ ଏହି ସମସ୍ୟାକୁ ଆହୁରି ଗୁରୁତର କରିଛି। ଅପରପକ୍ଷେ ଆସନ୍ତାକାଲି ଅର୍ଥାତ ଶନିବାର ସନ୍ଧ୍ୟା ସୁଦ୍ଧା ସମସ୍ୟାର ସମ୍ଭାଧାନ ହେବ ବୋଲି ଆଜି ଅନୁଷ୍ଠିତ ହୋଇଥିବା ବିଭିନ୍ନ ତୈଳ କମ୍ପାନୀର ବୈଠକରୁ ସ୍ପଷ୍ଟ ହୋଇଥିବା ଶ୍ରୀ ଲାଠ୍ କହିଛନ୍ତି। ତେବେ ଲୋକମାନେ ଅଜଥା ଅଧିକ ତୈଳ ନକିଣିବା ସହ ଭୟଭୀତ ହେବାର ଆବଶ୍ୟକତା ନାହିଁ ବୋଲି ଶ୍ରୀ ଲାଠ ସୂଚନା ଦେଇଛନ୍ତି।

**ତୈଳ ବିପଣନ କମ୍ପାନୀର ସ୍ପଷ୍ଟୀକରଣ**

## ସାରା ଓଡ଼ିଶାରେ ଜାରି ରହିଛି ବାଧାମୁକ୍ତ ଯୋଗାଣ

**ଭୁବନେଶ୍ୱର,୧୫।୫/ଏନ୍‌ଏନ୍‌ଏସ୍:** ସାରା ଓଡ଼ିଶାରେ ଯଥେଷ୍ଟ ପରିମାଣରେ ପେଟ୍ରୋଲ, ଡିଜେଲ ଏବଂ ଏଲପିଜି ମହଜୁଦ ଥିବା ତୈଳ ବିପଣନ କମ୍ପାନୀଗୁଡ଼ିକ ପକ୍ଷରୁ ସ୍ପଷ୍ଟ କରାଯାଇଛି। ରାଜ୍ୟର କେତେକ ଖୁଚୁରା ବିକ୍ରୟ କେନ୍ଦ୍ର ବା ପେଟ୍ରୋଲ୍ ପମ୍ପରେ ପେଟ୍ରୋଲ ଏବଂ ଡିଜେଲ ମିଳୁନଥିବା ସମ୍ପର୍କରେ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଉପରେ ଏହି ସ୍ପଷ୍ଟୀକରଣ ଦିଆଯାଇଛି। ରାଜ୍ୟରେ ତୈଳ ଯୋଗାଣ ସ୍ଥିତି ସ୍ୱାଭାବିକ ଓ ସ୍ଥିର ରହିଛି। ଯଥାଶୀଘ୍ର ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ଲାଗି ତୈଳ ବିପଣନ କମ୍ପାନୀଗୁଡ଼ିକ ସମ୍ପୃକ୍ତ ଖୁଚୁରା ବିକ୍ରୟ କେନ୍ଦ୍ରଗୁଡ଼ିକୁ ଦ୍ରୁତ ଗତିରେ ପେଟ୍ରୋଲ ଓ ଡିଜେଲ୍ ଯୋଗାଣ କରି ସକ୍ରିୟ ପଦକ୍ଷେପ ନେଇଛନ୍ତି। ଇନଭେଣ୍ଟରୀ ସ୍ତରରେ ସକ୍ରିୟ ଭାବେ କ୍ରମାଗତ ଅନୁଧ୍ୟାନ କରାଯାଉଛି। ଯେଉଁସବୁ ଖୁଚୁରା ବିକ୍ରୟ କେନ୍ଦ୍ରରେ ତେଲ ଶେଷ ହୋଇ ଯାଇଥିବା ସମ୍ପର୍କରେ ରିପୋର୍ଟ କରାଯାଇଛି ସେଠାରେ ତୁରନ୍ତ ଷ୍ଟକ୍ ଯୋଗାଇ ଦେବା ପାଇଁ ପ୍ରାଥମିକତା ଆଧାରରେ ଯୋଗାଣ ଜାରି ରହିଛି। ପାଇକାରୀ ଉପଭୋକ୍ତାମାନଙ୍କୁ ସେମାନଙ୍କର ଇନ୍ଧନ ଆବଶ୍ୟକତା ପୂରଣ କରିବା ଲାଗି ଖୁଚୁରା ବିକ୍ରୟ କେନ୍ଦ୍ର ପରିବର୍ତ୍ତେ ସିଧାସଳଖ ତୈଳ ବିପଣନ କମ୍ପାନୀ ଠାରୁ ତୈଳ କିଣିବା ଲାଗି ପରାମର୍ଶ ଦିଆଯାଇଛି। କାରଣ ଅଧିକ




ପରିମାଣରେ ପେଟ୍ରୋଲିୟମ ଉତ୍ପାଦ ବିକ୍ରି କରିବା ଲାଗି ପେଟ୍ରୋଲ୍ ପମ୍ପଗୁଡ଼ିକ ପାଖରେ ଅଧିକାର ନାହିଁ। ସାରା ଓଡ଼ିଶାରେ ଇଣ୍ଡିଆନ୍ ଅଏଲର ସମସ୍ତ ଯୋଗାଣ ସ୍ଥାନ ଏବଂ ଖୁଚୁରା ବିକ୍ରୟ କେନ୍ଦ୍ରରେ ପର୍ଯ୍ୟାପ୍ତ ପରିମାଣର ପେଟ୍ରୋଲ ଏବଂ ଡିଜେଲ ଗଚ୍ଛିତ ରଖାଯାଇଥିବା କମ୍ପାନୀ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଚିନ୍ତାର କୌଣସି କାରଣ ନାହିଁ ବୋଲି ଜନସାଧାରଣଙ୍କୁ ଇଣ୍ଡିଆନ୍ ଅଏଲ ପକ୍ଷରୁ ଆଶ୍ୱସ୍ତ କରାଯାଇଛି। ଗ୍ରାହକମାନଙ୍କୁ ଆତଙ୍କିତ ହୋଇ ତେଲ କିଣିବାରୁ ନିବୃତ୍ତ ରହିବାକୁ ପରାମର୍ଶ ଦିଆଯାଇଛି। ଇନ୍ଧନ ଉପଲବ୍ଧତା ସମ୍ପର୍କରେ ସଠିକ୍ ଓ ପ୍ରାମାଣିକ ସୂଚନା ପାଇଁ ନାଗରିକମାନଙ୍କୁ କେବଳ ଇଣ୍ଡିଆନ୍ ଅଏଲ୍‌ର ଅଧିକୃତ ଯୋଗାଯୋଗ ଉପରେ ଭରସା କରିବାକୁ ଅନୁରୋଧ କରାଯାଇଛି।







## ବିଏମ୍‌ସି ପକ୍ଷରୁ ଅସ୍ଥାୟୀ ଶୀତଳ ଆଶ୍ରୟସ୍ଥଳ ଉଦ୍‌ଘାଟିତ

**ଭୁବନେଶ୍ୱର,୧୫।୫/ଏନ୍‌ଏନ୍‌ଏସ୍:** ରାଜ୍ୟରେ ଜାରି ରହିଥିବା ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସାଧାରଣ ଜନତା ଓ ପଥଚାରୀଙ୍କ ସୁବିଧା ନିମନ୍ତେ କଳ୍ପନା ଛକ ଏବଂ ଫାୟାର ଷ୍ଟେସନ ନିକଟରେ ଦୁଇଟି ଅସ୍ଥାୟୀ ଶୀତଳ ଆଶ୍ରୟସ୍ଥଳ ଆଜି ଉଦଘାଟିତ ହୋଇଯାଇଛି। ମେୟର୍ ସୁଲୋଚନା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଦୁଇଟି ଶୀତଳ ଆଶ୍ରୟସ୍ଥଳର ଶୁଭ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର୍ ମଞ୍ଜୁଲତା କହଁର, ଅତିରିକ୍ତ କମିଶନର୍ କୈଳାସ ଚନ୍ଦ୍ର ଦାସ, ଜୋନାଲ କମିଶନର ଆଶନୀ ଏ.ଏଲ୍ ଏବଂ ପରିମଳ ଉପାୟୁକ୍ତ ଏନ୍. ଗଣେଶ ବାବୁ ପ୍ରମୁଖ ଉପସ୍ଥିତ ଥିଲେ। ଭୁବନେଶ୍ୱର ରାଜ୍ୟର ରାଜଧାନୀ ହୋଇଥିବାରୁ ଏଠାକୁ ବିଭିନ୍ନ କାର୍ଯ୍ୟରେ ଦୈନିକ ହଜାର ହଜାର ଲୋକ ଆସୁଛନ୍ତି ଏବଂ ପ୍ରମୁଖ ବସ୍ ରହଣି ସ୍ଥାନଗୁଡ଼ିକରେ ବୃଦ୍ଧ, ବୃଦ୍ଧା ଓ ଶିଶୁମାନେ ବସକୁ ଅପେକ୍ଷା କରି ରହୁଛନ୍ତି। ଖରାରେ ଦୀର୍ଘ ସମୟ ରହିବା ଦ୍ୱାରା ଅଂଶୁଘାତ ହେବାର ଆଶଙ୍କା ଥିବାରୁ, ଏହାକୁ ଏଡ଼ାଇବା ଏବଂ ପଥଚାରୀଙ୍କୁ ପ୍ରବଳ ତାତିରୁ ସାମୟିକ ଆଶ୍ୱସ୍ତି ପ୍ରଦାନ କରିବା ଉଦ୍ଦେଶ୍ୟରେ ବିଏମସି ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଏହି ଦୁଇଟି ଶୀତଳ ଆଶ୍ରୟସ୍ଥଳ ବର୍ତ୍ତମାନ ପରୀକ୍ଷାମୂଳକ ଭାବେ ଆରମ୍ଭ କରାଯାଇଛି ଏବଂ ଆଗାମୀ ଦିନରେ ଆବଶ୍ୟକତା ଅନୁଯାୟୀ ସହରର ଅନ୍ୟ ସ୍ଥାନଗୁଡ଼ିକରେ ମଧ୍ୟ ଅଧିକ ଆଶ୍ରୟସ୍ଥଳ ନିର୍ମାଣ କରାଯିବ ବୋଲି ମେୟର ସୂଚନା ଦେଇଛନ୍ତି। ପରିବେଶ ସୁରକ୍ଷାକୁ ବିଶେଷ ଗୁରୁତ୍ୱ ଦେଇ ଏହି ଆଶ୍ରୟସ୍ଥଳଗୁଡ଼ିକରେ ଏୟାର କଣ୍ଡିସନର୍ ବ୍ୟବହାର ନକରି ସମ୍ପୂର୍ଣ୍ଣ ପାରମ୍ପାରିକ ଢଙ୍ଗରେ ନିର୍ମାଣ କରାଯାଇଛି। ଏହି ଅସ୍ଥାୟୀ ଘରଗୁଡ଼ିକର ଭିତର ପାର୍ଶ୍ୱରେ ପରିବେଶ ଅନୁକୂଳ ବେଣାଚେରର ପଟି ଲଗାଯିବା ସହ ଉପରେ ସିଲିଂ ଫ୍ୟାନ୍ ବ୍ୟବସ୍ଥା କରାଯାଇଛି। ବେଣାଚେରକୁ ସତେଜ ଓ ଓଦା ରଖିବା ପାଇଁ ପ୍ରତି ଘଣ୍ଟାରେ ସେଥିରେ ପାଣି ଦେବା ନିମନ୍ତେ ସ୍ୱତନ୍ତ୍ର ଭାବେ କର୍ମଚାରୀ ନିୟୋଜିତ ହୋଇଛନ୍ତି। ବେଣାଚେରର ପ୍ରାକୃତିକ ଶୀତଳ ବାୟୁ ଶ୍ୱାସକ୍ରିୟା ପାଇଁ ବେଶ ସହାୟକ ହେବା ସହ ଗ୍ରୀଷ୍ମ ତାପରୁ ପ୍ରକୃତ ଆଶ୍ୱସ୍ତି ପ୍ରଦାନ କରିବ ବୋଲି ବିଏମସି କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି।

# ପାଠ୍ୟପୁସ୍ତକ ଓ ପରୀକ୍ଷା ପରିଧି ବାହାରେ ଶିକ୍ଷାର ଆବଶ୍ୟକତା ଅଧିକ: ରାଜ୍ୟପାଳ




**ଭୁବନେଶ୍ୱର,୧୫।୫/ଏନ୍‌ଏନ୍‌ଏସ୍:** ଏକ କ୍ରମାଗତ ପରିବର୍ତ୍ତନଶୀଳ ବିଶ୍ୱରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜିଜ୍ଞାସା, ସୃଜନଶୀଳତା, ନବସୃଜନ ଏବଂ ସୂକ୍ଷ୍ମ ଚିନ୍ତାଧାରା ପୋଷଣ କରିବା ପାଇଁ ପାଠ୍ୟପୁସ୍ତକ ଓ ପରୀକ୍ଷାର ପରିଧି ବାହାରେ ଶିକ୍ଷାର ଆବଶ୍ୟକତା ରହିଛି ବୋଲି ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ପ୍ରକାଶ କରିଛନ୍ତି। ଶୁକ୍ରବାର କନକ ନ୍ୟୁଜ୍ ଦ୍ୱାରା ଆୟୋଜିତ ବାର୍ଷିକ ଶିକ୍ଷା ସମ୍ମିଳନୀ 'ଉତ୍କର୍ଷ'ର ଅଷ୍ଟମ ସଂସ୍କରଣ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା ଉପରେ ବିଶେଷ ଗୁରୁତ୍ୱାରୋପ କରିଛନ୍ତି।

ଏହି ଅବସରରେ ସେ କହିଥିଲେ ଯେ ଶିକ୍ଷା ଯୁବ ପିଢ଼ିଙ୍କ ମଧ୍ୟରେ ଉତ୍କର୍ଷତାର ଭାବନା ଗଠନ କରିବାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଛାତ୍ରଛାତ୍ରୀମାନେ କେବଳ ଦକ୍ଷ ବୃତ୍ତିଧାରୀ ଭାବରେ ନୁହେଁ, ବରଂ ସହାନୁଭୂତି, ନୀତି ଏବଂ ସାମାଜିକ ପ୍ରତିବଦ୍ଧତା ଦ୍ୱାରା ପରିଚାଳିତ ଦାୟିତ୍ୱବାନ ନାଗରିକ ଭାବରେ ଉଭା ହେବା ଉଚିତ। ପ୍ରକୃତ ଉତ୍କର୍ଷତା କେବଳ ଶିକ୍ଷାଗତ କିମ୍ବା ବୃତ୍ତିଗତ ସଫଳତା ମଧ୍ୟରେ ସୀମିତ ନୁହେଁ, ବରଂ ଏହା ଚରିତ୍ର, ସାଧୁତା, ଶୃଙ୍ଖଳା, କରୁଣା ଏବଂ ଜ୍ଞାନର ନିରନ୍ତର ଅନୁସନ୍ଧାନରେ ପ୍ରତିଫଳିତ ହୋଇଥାଏ। ଜାତୀୟ ଶିକ୍ଷା ନୀତି ୨୦୨୦ର ଗୁରୁତ୍ୱ ଉପରେ ଆଲୋକପାତ କରି ସେ କହିଥିଲେ ଯେ ଏହା ବହୁମୁଖୀ ଏବଂ ଦକ୍ଷତା-ଭିତ୍ତିକ ଶିକ୍ଷାକୁ ପ୍ରୋତ୍ସାହିତ କରି ଶିକ୍ଷାଗତ ସଂସ୍କାରକୁ ମାର୍ଗଦର୍ଶନ କରୁଛି। ପ୍ରଯୁକ୍ତିବିଦ୍ୟା ସମାଜକୁ ପରିବର୍ତ୍ତନ କରୁଥିବା ବେଳେ ମାନବିକ ମୂଲ୍ୟବୋଧ ପ୍ରଗତିର କେନ୍ଦ୍ରବିନ୍ଦୁ ହେବା ଆବଶ୍ୟକ। ଶିକ୍ଷକ, ନୀତି ନିର୍ଦ୍ଧାରକ, ଅଭିଭାବକ, ଗଣମାଧ୍ୟମ ଏବଂ ଛାତ୍ରଛାତ୍ରୀମାନେ ମିଳିତ ଭାବେ କାର୍ଯ୍ୟ କରି ପ୍ରତ୍ୟେକ ପିଲାଙ୍କ ପାଇଁ ଗୁଣାତ୍ମକ ଶିକ୍ଷା, ସମାନ ସୁଯୋଗ ଓ ସାମଗ୍ରିକ ବିକାଶ ସୁନିଶ୍ଚିତ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଏହି ସମାରୋହରେ ରାଜ୍ୟପାଳ ସମାଜରେ ବଢୁଥିବା ନିଶା ଦ୍ରବ୍ୟ ସେବନ ଉପରେ ଗଭୀର ଚିନ୍ତା ପ୍ରକାଶ କରିବା ସହ ଏହାକୁ ରୋକିବାରେ ବିଶ୍ୱବିଦ୍ୟାଳୟଗୁଡ଼ିକର ପ୍ରମୁଖ ଭୂମିକା ରହିଛି ବୋଲି କହିଥିଲେ। ନିଶା ସଚେତନତା ଉପରେ ଲୋକଭବନ ଦ୍ୱାରା ଆୟୋଜିତ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରସ୍ତୁତି ପ୍ରତିଯୋଗିତାରୁ ଚୟନ ହୋଇଥିବା ୧୦ଟି କ୍ଷୁଦ୍ର ଚଳଚ୍ଚିତ୍ର ସମ୍ପର୍କରେ ସୂଚନା ଦେଇ ସେ କହିଥିଲେ ଯେ ଏହି ଚଳଚ୍ଚିତ୍ରଗୁଡ଼ିକୁ ସାର୍ବଜନୀନ ସ୍ଥାନ ଓ ରାସ୍ତା ପାର୍ଶ୍ୱରେ ପ୍ରଦର୍ଶନ କରି ଜନସାଧାରଣଙ୍କୁ ସଚେତନ କରିବା ପାଇଁ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କୁ ବିହିତ ପଦକ୍ଷେପ ନେବା ନିମନ୍ତେ ଦାୟିତ୍ୱ ଦିଆଯିବ। ଗଣମାଧ୍ୟମ ସଂସ୍ଥାଗୁଡ଼ିକ ମଧ୍ୟ ଏହି ଚଳଚ୍ଚିତ୍ରଗୁଡ଼ିକୁ ବ୍ୟାପକ ଭାବେ ପ୍ରସାରଣ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏତଦବ୍ୟତୀତ ଦେଶର ଆର୍ଥିକ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଅର୍ଥନୈତିକ ଆତ୍ମସୁରକ୍ଷା' ଆହ୍ୱାନକୁ ଅନୁସରଣ କରିବାକୁ ସେ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଶିକ୍ଷା ଓ ସାମାଜିକ ପ୍ରଗତିକୁ ନିରନ୍ତର ପ୍ରୋତ୍ସାହିତ କରିବା ଦିଗରେ ସମ୍ବାଦ, କନକ ନ୍ୟୁଜ୍ ଏବଂ ରେଡିଓ ଚକଲେଟ୍ ଅନୁଷ୍ଠାନର ଉଦ୍ୟମକୁ ରାଜ୍ୟପାଳ ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ଇଷ୍ଟର୍ଣ୍ଣ ମିଡିଆ ଲିମିଟେଡର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ସୌମ୍ୟରଞ୍ଜନ ପଟ୍ଟନାୟକ ନିଜର ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ସମ୍ବାଦ ଏବଂ କନକ ନ୍ୟୁଜ୍‌ର ସମ୍ପାଦିକା ତନୟା ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# 'ନୀଳ ଅର୍ଥନୀତି'ର ବିକାଶ ପାଇଁ ରୋଡ୍‌ମ୍ୟାପ୍ ପ୍ରସ୍ତୁତ

**ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ**

**ଗଠନ ହେବ ସ୍ୱତନ୍ତ୍ର ଟାସ୍କଫୋର୍ସ**



**ଭୁବନେଶ୍ୱର,୧୫।୫/ଏନ୍‌ଏନ୍‌ଏସ୍:** ଓଡ଼ିଶାରେ ଥିବା ବିସ୍ତୀର୍ଣ୍ଣ ସମୁଦ୍ର ସମ୍ପଦର ସଦୁପଯୋଗ କରି ନିରନ୍ତର ଅଭିବୃଦ୍ଧି ହାସଲ କରିବା ଲକ୍ଷ୍ୟରେ 'ନୀଳ ଅର୍ଥନୀତି' (ବ୍ଲୁ ଇକୋନୋମି) କ୍ଷେତ୍ରର ବିକାଶ ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ବୈଠକ ଗତ ସୋମବାର ଦିନ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଶାସନ ସଚିବ ମନୋଜ ଅହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ 'ବ୍ଲୁ ଇକୋନୋମି ଗ୍ଲୋବାଲ ସମିଟ୍-୨୦୨୬'ର ସୁପାରିଶଗୁଡ଼ିକ ଆଧାରରେ ରାଜ୍ୟର ଏକ ସମନ୍ୱିତ ବ୍ଲୁ ଇକୋନୋମି ରୋଡମ୍ୟାପ୍ ପ୍ରସ୍ତୁତି ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଓଡ଼ିଶାର ପ୍ରଗତି ପାଇଁ ବଙ୍ଗୋପସାଗରର ୫୭୫ କିଲୋମିଟର ସୁଦୀର୍ଘ ବେଳାଭୂମି ଏକ ପ୍ରମୁଖ ଇଞ୍ଜିନ ସଦୃଶ ହୋଇଥିବାରୁ ଏହି ସାମୁଦ୍ରିକ ସମ୍ପଦର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ଓ ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେଇ ନିରନ୍ତର ଆର୍ଥିକ ଅଭିବୃଦ୍ଧି, ରୋଜଗାର ସୃଷ୍ଟି ଏବଂ ଉପକୂଳ ଅଞ୍ଚଳର ବିକାଶ କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ ଅଟେ। ରାଜ୍ୟରେ ଏହି ପଦକ୍ଷେପକୁ ଆଗକୁ ନେବା ପାଇଁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗକୁ 'ନୋଡାଲ ବିଭାଗ' ଭାବେ ମନୋନୀତ କରାଯାଇଛି। ସରକାରଙ୍କ ବିଭିନ୍ନ ବିଭାଗର ସାମୂହିକ ପ୍ରୟାସରେ ଏହି ସମନ୍ୱିତ ଯୋଜନା କାର୍ଯ୍ୟକାରୀ ହେବ। ବୈଠକରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ପ୍ରେମଚନ୍ଦ୍ର ଚୌଧୁରୀ ରାଜ୍ୟରେ ନିଆଯିବାକୁ ଥିବା ପଦକ୍ଷେପ ସମ୍ପର୍କରେ ଏକ ଭେଦମୂଳକ ଉପସ୍ଥାପନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ସମେତ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଜଳସମ୍ପଦ, ଶକ୍ତି, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ବାଣିଜ୍ୟ ଓ ପରିବହନ ଏବଂ ପର୍ଯ୍ୟଟନ ଆଦି ବିଭାଗଗୁଡ଼ିକର ସମ୍ମିଳିତ ପ୍ରୟାସରେ ଏକ କନଭରଜେନ୍ସ ଫ୍ରେମୱାର୍କ ସ୍ଥାପନ କରାଯିବ। ଏଥିରେ ଭୁବନେଶ୍ୱର ସିଟି ନଲେଜ ଇନୋଭେସନ କ୍ଲଷ୍ଟର ନଲେଜ ପାର୍ଟନର ଭାବେ ସହଯୋଗ କରିବ। ମୁଖ୍ୟ ଶାସନ ସଚିବ ସମନ୍ୱିତ ଯୋଜନା ଓ ଭାଗିଦାରୀ ଆଧାରରେ ଏକ ବ୍ୟାପକ ରୋଡମ୍ୟାପ୍ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଛନ୍ତି।

ଏହି ନୀଳ ଅର୍ଥନୀତି ପ୍ରୟାସର ନିରୀକ୍ଷଣ ଓ ସମନ୍ୱୟ ପାଇଁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର 'ଟାସ୍କ ଫୋର୍ସ' ଗଠନ କରାଯିବ ଏବଂ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗକୁ ଆନ୍ତଃ-ବିଭାଗୀୟ ସମନ୍ୱୟ ରକ୍ଷା କରି ଚୂଡ଼ାନ୍ତ ପ୍ରସ୍ତାବ ରାଜ୍ୟ ସରକାରଙ୍କ ଅନୁମୋଦନ ପାଇଁ ପଠାଇବାକୁ କୁହାଯାଇଛି। ଏହା ସହିତ ରାଜ୍ୟରେ ଏକ 'ନୀଳ ଅର୍ଥନୀତି ହବ୍' ସ୍ଥାପନ ପ୍ରସ୍ତାବ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଏଥିରେ ଚିଙ୍ଗୁଡ଼ି ଚାଷର ବୈଜ୍ଞାନିକ ବିକାଶ, ରପ୍ତାନି ଓ ଆୟ ବୃଦ୍ଧି ତଥା ଉପକୂଳରେ ରୋଜଗାର ସୃଷ୍ଟି ଲକ୍ଷ୍ୟରେ 'ଓଡ଼ିଶା ଶ୍ରୀମ୍ପ ମିଶନ', ଗଭୀର ସମୁଦ୍ରରେ ମାଛ ଧରିବା, କୃତ୍ରିମ ପ୍ରବାଳ ସୃଷ୍ଟି, ସମୁଦ୍ର ଆଧାରିତ ମାଛ ଚାଷ, ସି-ୱିଡ୍ ଚାଷ ଏବଂ ମତ୍ସ୍ୟଜୀବୀଙ୍କୁ ପାଣିପାଗ ଓ ସମୁଦ୍ର ସୂଚନା ପ୍ରଦାନ ପାଇଁ 'ଫିସର ଫ୍ରେଣ୍ଡ୍' ମୋବାଇଲ ଆପ୍ ବ୍ୟବହାର ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଏହା ବ୍ୟତୀତ ଧାମରା, ପାରାଦୀପ, ଚାନ୍ଦିପୁର ଏବଂ ଅସ୍ତରଙ୍ଗଠାରେ ମାଛଧରା ବନ୍ଦରର ଆଧୁନିକୀକରଣ, ଫିସ୍ ଲ୍ୟାଣ୍ଡିଂ ସେଣ୍ଟର, ହାଇଜେନିକ ହୋଲସେଲ ମାର୍କେଟ, ସମନ୍ୱିତ ଆକ୍ୱା ପାର୍କ ଏବଂ ଉଚ୍ଚ ମୂଲ୍ୟଯୁକ୍ତ ପ୍ରଜାତିର ମାଛ ଓ କଙ୍କଡ଼ା ହ୍ୟାଚେରୀ ସ୍ଥାପନ ସମ୍ପର୍କିତ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ଉପରେ ଆଲୋଚନା ହୋଇଥିଲା। ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ ନୀଳ ଅର୍ଥନୀତିର ବିକାଶ ରାଜ୍ୟ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଏହା ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ। ଏଥିପାଇଁ ସମସ୍ତ ସମ୍ପୃକ୍ତ ବିଭାଗରୁ ଜଣେ ଜଣେ 'ନୋଡାଲ ଅଧିକାରୀ' ମନୋନୀତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଆରୁମୁଗମ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସାବିତ୍ରୀ ଓ ରଜ ପାଇଁ ଓର୍‌ମାସ୍‌ର ସ୍ୱତନ୍ତ୍ର ହ୍ୟାଣ୍ଡଲୁମ୍ ଷ୍ଟୋର୍ ଉଦ୍‌ଘାଟିତ

**ଭୁବନେଶ୍ୱର,୧୫।୫/ଏନ୍‌ଏନ୍‌ଏସ୍:** ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନସ୍ଥ ଓଡ଼ିଶା ଗ୍ରାମୀଣ ବିକାଶ ଏବଂ ମାର୍କେଟିଂ ସୋସାଇଟି (ଓରମାସ) ପକ୍ଷରୁ ଆଗାମୀ ସାବିତ୍ରୀ ବ୍ରତ ଓ ରଜ ପର୍ବକୁ ଦୃଷ୍ଟିରେ ରଖି ଜନସାଧାରଣଙ୍କ ପାଇଁ ଏକ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ଉତ୍କଳ କନିକା ଗ୍ୟାଲେରିଆଠାରେ ଓରମାସ ପକ୍ଷରୁ ଆୟୋଜିତ 'ସାବିତ୍ରୀ-କମ୍-ରଜ ମହୋତ୍ସବ ହ୍ୟାଣ୍ଡଲୁମ୍ ପ୍ରଦର୍ଶନୀ ଓ ବିକ୍ରୟ ମେଳା-୨୦୨୬' ଆଜି ଉଦ୍‌ଘାଟିତ ହୋଇଯାଇଛି। ଏହି ସ୍ୱତନ୍ତ୍ର ପପ୍-ଅପ୍ ହ୍ୟାଣ୍ଡଲୁମ୍ ଷ୍ଟୋର ଓ ପ୍ରଦର୍ଶନୀ ଆସନ୍ତା ଜୁନ୍ ୧୪ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏହି ଷ୍ଟୋରକୁ ଉଦ୍‌ଘାଟନ କରି ଓରମାସର ସିଇଓ ମୋନିକା ପ୍ରିୟଦର୍ଶିନୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଯେ, ଗ୍ରାମୀଣ ବୁଣାକାର, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ହସ୍ତତନ୍ତ ଶିଳ୍ପୀମାନଙ୍କୁ ସିଧାସଳଖ ବଜାର ସୁବିଧା ଯୋଗାଇବା ସହ ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ପରମ୍ପରାକୁ ଲୋକମାନଙ୍କ ନିକଟରେ ପହଞ୍ଚାଇବାରେ ଏହି ମେଳା ବେଶ୍ ସହାୟକ ହେବ। ଚଳିତ ସାବିତ୍ରୀ ଓ ରଜ ଅବସରରେ ଗ୍ରାହକମାନେ ଏଠାରୁ ଓଡ଼ିଶାର ବିଭିନ୍ନ ପାରମ୍ପାରିକ ହ୍ୟାଣ୍ଡଲୁମ୍ ପୋଷାକ କ୍ରୟ କରିପାରିବେ। ଏହି ସ୍ୱତନ୍ତ୍ର ପ୍ରଦର୍ଶନୀରେ ସମ୍ବଲପୁରୀ, ବୋମକାଇ, କୋଟପାଡ଼, ହାବସପୁରୀ, ପଟ୍ଟଚିତ୍ର, ଇକତ୍, ମାଣିଆବନ୍ଧ ଏବଂ ଟସର ଭଳି ବିଭିନ୍ନ ପ୍ରକାରର ଆକର୍ଷଣୀୟ ଶାଢ଼ୀ ପ୍ରଦର୍ଶିତ ହୋଇଛି। ଏହାସହିତ ଦୁପଟ୍ଟା, ହ୍ୟାଣ୍ଡଲୁମ୍ ସୁଟ୍, ରେଡିମେଡ୍ କୁର୍ତ୍ତି ଏବଂ ରୁମାଲ ମଧ୍ୟ ଗ୍ରାହକଙ୍କ ପାଇଁ ଉପଲବ୍ଧ ରହିଛି।

ଏହି ସ୍ୱତନ୍ତ୍ର ମେଳାରେ ଓଡ଼ିଶାର ସୋନପୁର, ଖୋର୍ଦ୍ଧା, କଟକ, କଳାହାଣ୍ଡି, ଯାଜପୁର, ବରଗଡ଼, ସମ୍ବଲପୁର, କୋରାପୁଟ, ବୌଦ୍ଧ, ବଲାଙ୍ଗୀର, ଗଞ୍ଜାମ ଏବଂ ଜଗତସିଂହପୁର ଭଳି ବିଭିନ୍ନ ଜିଲ୍ଲାର ବୁଣାକାର ଓ ଶିଳ୍ପୀମାନେ ନିଜ ନିଜର କଳାକୃତି ସହ ଭାଗ ନେଇଛନ୍ତି। ଏହି ମେଳା ମାଧ୍ୟମରେ ବୁଣାକାରମାନେ କୌଣସି ମଧ୍ୟସ୍ଥିଙ୍କ ବିନା ସିଧାସଳଖ ଭାବେ ନିଜର ହ୍ୟାଣ୍ଡଲୁମ୍ ଉତ୍ପାଦ ବିକ୍ରୟ କରି ଭଲ ଦୁଇ ପଇସା ରୋଜଗାର କରିବାର ସୁଯୋଗ ପାଇବେ, ଯାହାଦ୍ୱାରା ମଧ୍ୟସ୍ଥିମାନଙ୍କ ଭୂମିକା ହ୍ରାସ ପାଇବ। ସାଧାରଣ ଲୋକଙ୍କ ପାଇଁ ଏଠାରେ ସୁଲଭ ଦରଠାରୁ ଆରମ୍ଭ କରି ପ୍ରିମିୟମ୍ ପର୍ଯ୍ୟନ୍ତ ସମସ୍ତ ଶ୍ରେଣୀର ହେଣ୍ଡଲୁମ୍ ପୋଷାକ ରହିଛି। ଉତ୍କଳ କନିକା ଗ୍ୟାଲେରିଆର ଫୁଡ୍ କୋର୍ଟ ସମ୍ମୁଖରେ ଆୟୋଜିତ ଏହି ପ୍ରଦର୍ଶନୀ ପ୍ରତିଦିନ ସକାଳ ୧୧ଟାରୁ ରାତି ୯.୩୦ ମିନିଟ୍ ପର୍ଯ୍ୟନ୍ତ ଖୋଲା ରହିବ। ଗ୍ରାହକମାନଙ୍କ ସୁବିଧା ପାଇଁ କ୍ୟାଶ୍ ସହିତ ଡିଜିଟାଲ୍ ପେମେଣ୍ଟର ସମସ୍ତ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇଛି। ଏହି ପ୍ରଦର୍ଶନୀ ମାଧ୍ୟମରେ ଓଡ଼ିଶାର ହସ୍ତତନ୍ତ ପରମ୍ପରାକୁ ଅଧିକ ପ୍ରଚାର ପ୍ରସାର ମିଳିବା ସହ ଗ୍ରାମୀଣ ବୁଣାକାର ଓ ଶିଳ୍ପୀମାନଙ୍କର ଆୟ ବୃଦ୍ଧି ହେବ ବୋଲି ଓର୍‌ମାସ୍‌ର ଅତିରିକ୍ତ ସିଇଓ (ଅର୍ଥ) ସଞ୍ଜୀବ କୁମାର ସିଂହ ନିଜର ମତ ପ୍ରକାଶ କରିଛନ୍ତି।

## ପଦ୍ମଶ୍ରୀ ମନୋନୀତ, ସାହିତ୍ୟ ଏକାଡେମୀ ବିଜେତା ଓ ସିଭିଲ ସର୍ଭିସ କୃତୀଙ୍କୁ ସମ୍ବର୍ଦ୍ଧନା



**ଭୁବନେଶ୍ୱର,୧୫।୫/ଏନ୍‌ଏନ୍‌ଏସ୍:** ଓଡ଼ିଶା ପାଇଁ ଗୌରବ ଆଣିଥିବା ୨୦୨୫ ମସିହାର ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ବ୍ୟକ୍ତିତ୍ୱ, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା ଏବଂ ଇଣ୍ଡିଆନ ସିଭିଲ ସର୍ଭିସ-୨୦୨୫ର ସଫଳ ପରୀକ୍ଷାର୍ଥୀ ଓ ସେମାନଙ୍କ ପିତାମାତାଙ୍କୁ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ସମ୍ବର୍ଦ୍ଧିତ କରିଛନ୍ତି। ଏହି ଉପଲକ୍ଷେ ଶୁକ୍ରବାର ଦିନ ଲୋକଭବନର ନ୍ୟୁ ଅଭିଷେକ ହଲରେ ଏକ ସ୍ୱତନ୍ତ୍ର ଉତ୍ସବ ଆୟୋଜିତ ହୋଇଥିଲା। ଏହି ଅବସରରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ ଏପରି କାର୍ଯ୍ୟକ୍ରମକୁ ଉତ୍କର୍ଷତା, ସମର୍ପଣ, ସୃଜନଶୀଳତା ଏବଂ ଜନସେବାର ଉତ୍ସବ ବୋଲି ବର୍ଣ୍ଣନା କରିବା ସହ ସଫଳତା କେବଳ ବ୍ୟକ୍ତିଗତ ମାଇଲଖୁଣ୍ଟ ନୁହେଁ, ବରଂ ସମାଜ ପ୍ରତି କଠିନ ପରିଶ୍ରମ, ଦୃଢ଼ତା ଏବଂ ପ୍ରତିବଦ୍ଧତାର ପ୍ରେରଣାଦାୟକ ଉଦାହରଣ ବୋଲି କହିଥିଲେ। ସାହିତ୍ୟ, ଶିକ୍ଷା, କଳା ଏବଂ ଜନସେବା କ୍ଷେତ୍ରରେ ମହନୀୟ ଅବଦାନ ଦେଇ ରାଜ୍ୟ ଏବଂ ଜାତି ପାଇଁ ଗୌରବ ଆଣିଥିବା ଏହି ପ୍ରତିଷ୍ଠିତ ପୁଅ ଏବଂ ଝିଅମାନଙ୍କ ପାଇଁ ଓଡ଼ିଶା ଗର୍ବ ଅନୁଭବ କରୁଛି ବୋଲି ସେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ହୋଇଥିବା ଓଡ଼ିଶାର ଆଦିବାସୀ ଲୋକକଥା ଏବଂ ସାଂସ୍କୃତିକ ଐତିହ୍ୟର ଡକ୍ୟୁମେଣ୍ଟେସନ ତଥା ସଂରକ୍ଷଣ ପାଇଁ ସାହିତ୍ୟ ଏବଂ ଶିକ୍ଷା କ୍ଷେତ୍ରରୁ ମହେନ୍ଦ୍ର କୁମାର ମିଶ୍ର, ସାନ୍ତାଳୀ ଭାଷା, ସାହିତ୍ୟ ଏବଂ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ଅବଦାନ ପାଇଁ ଚରଣ ହେମ୍ବ୍ରମ, ପ୍ରସିଦ୍ଧ ପ୍ରହଲ୍ଲାଦ ନାଟକ କଳାକାର ସୀମାଞ୍ଚଳ ପାତ୍ର ଏବଂ ଓଡ଼ିଶାର ସମୃଦ୍ଧ କଳା ତଥା ହସ୍ତତନ୍ତ ପରମ୍ପରାକୁ ସଂରକ୍ଷଣ କରିବା ପାଇଁ ମହନୀୟ ଅବଦାନ ନିମନ୍ତେ ଶରତ କୁମାର ପାତ୍ରଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ। ଏଥିସହିତ ନିଜ କବିତା ସଂଗ୍ରହ 'ପାଦପୂରଣ' ପାଇଁ କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଗିରିଜା କୁମାର ବଳିୟାରସିଂହଙ୍କୁ ମଧ୍ୟ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ। ସାମୂହିକ ସ୍ମୃତିର ସଂରକ୍ଷଣ ଏବଂ ସମାଜକୁ ପ୍ରେରଣା ଯୋଗାଇ ଦେବା ପାଇଁ ସାହିତ୍ୟ ଏକ ଶକ୍ତିଶାଳୀ ମାଧ୍ୟମ ବୋଲି ରାଜ୍ୟପାଳ ଅଭିହିତ କରିଥିଲେ। ଏତଦ୍‌ବ୍ୟତୀତ ୨୦୨୫ ମସିହା ଇଣ୍ଡିଆନ ସିଭିଲ୍ ସର୍ଭିସ ପରୀକ୍ଷାରେ ଓଡ଼ିଶାର ସଫଳ ପରୀକ୍ଷାର୍ଥୀ ଏବଂ ସେମାନଙ୍କ ମାତାପିତାଙ୍କୁ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କ ସଫଳତା ଗଠନରେ ପିତାମାତାଙ୍କ ଭୂମିକାକୁ ସେ ଉଚ୍ଚ ପ୍ରଶଂସା କରିଥିଲେ। ଯୁବ ପ୍ରଶାସନିକ ଅଧିକାରୀମାନେ ବିକଶିତ ଭାରତ ୨୦୪୭ର ଦୃଷ୍ଟିକୋଣ ପ୍ରତି ଅବଦାନ ରଖିବା ସହିତ ସାଧୁତା, କରୁଣା ଏବଂ ଜନ କଲ୍ୟାଣ ପାଇଁ ପ୍ରତିବଦ୍ଧତା ବଜାୟ ରଖିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ। ଆଲୋଚନାଚକ୍ର ପ୍ରାରମ୍ଭରେ ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ଡ଼. ରୂପା ରୋଶନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଭବ୍ୟ କାର୍ଯ୍ୟକ୍ରମରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିବା ବେଳେ ସମ୍ବର୍ଦ୍ଧିତ କୃତୀ ବ୍ୟକ୍ତିମାନେ ମଧ୍ୟ ନିଜ ନିଜର ସଫଳତାର ଅଭିଜ୍ଞତା ପ୍ରକାଶ କରିଥିଲେ।

# ତେଲ ସଙ୍କଟ ପାଇଁ ସରକାର ଦାୟୀ: ବିଜେଡି

**ଭୁବନେଶ୍ୱର,୧୫।୫/ଏନ୍‌ଏନ୍‌ଏସ୍:** ରାଜ୍ୟରେ ଦେଖାଦେଇଥିବା ପ୍ରବଳ ପେଟ୍ରୋଲ ଓ ଡିଜେଲ ସଙ୍କଟ ଏବଂ ତୈଳ ଦର ବୃଦ୍ଧିକୁ ନେଇ ଶାସକ ବିଜେପି ସରକାର ଉପରେ ବର୍ଷିଛି ବିରୋଧୀ ବିଜୁ ଜନତା ଦଳ (ବିଜେଡି)। 'ଧାଡ଼ି ସରକାର' ଭାବେ କୁଖ୍ୟାତି ଅର୍ଜନ କରିଥିବା ଡବଲ ଇଞ୍ଜିନ ସରକାର ପୁଣିଥରେ ସାଧାରଣ ଲୋକଙ୍କୁ ଖରାରେ ଠିଆ କରିଦେଇଥିବା ବିଜେଡି ଅଭିଯୋଗ କରିଛି। ବିମୁଦ୍ରାକରଣ ସମୟ ଭଳି ଆଜି ସାରା ରାଜ୍ୟରେ ପେଟ୍ରୋଲ ପାଇଁ ଲୋକେ ପମ୍ପ ସମ୍ମୁଖରେ ୪ରୁ ୫ ଘଣ୍ଟା ଧାଡ଼ିରେ ଠିଆ ହେଉଛନ୍ତି। ଯୋଗାଣ ବିଭାଗ ତଥା ରାଜ୍ୟ ସରକାରଙ୍କ ଚରମ ଦାୟିତ୍ୱହୀନତା ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଦଳ ପକ୍ଷରୁ କୁହାଯାଇଛି।

ଶଙ୍ଖ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ଉପସଭାପତି ସଞ୍ଜୟ ଦାସବର୍ମା, ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ ମହାନ୍ତି ଏବଂ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍‌ସିତା ସାହୁ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେମାନେ କହିଛନ୍ତି ଯେ, ରାଜ୍ୟରେ ସୃଷ୍ଟି ହୋଇଥିବା ଏହି ଅଘୋଷିତ ଆପଦ ପାଇଁ ବିଜେପି ସରକାରଙ୍କ ଅପରିଣାମଦର୍ଶୀ ତଥା ଦିଶାହୀନ ଶାସନ ହିଁ ସମ୍ପୂର୍ଣ୍ଣ ଦାୟୀ। ଯେତେବେଳେ ଜନସାଧାରଣ ରାଜରାସ୍ତାରେ ବିକଳ ହୋଇ ଧାଡ଼ିରେ ଠିଆ ହେଉଛନ୍ତି, ସେତେବେଳେ ଯୋଗାଣ ମନ୍ତ୍ରୀ ମିଛ ବାହାସ୍ଫୋଟ ମାରି ସବୁ ଠିକ୍ ଅଛି ବୋଲି କହୁଛନ୍ତି। ମାତ୍ର ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। କେଉଁଠି ଟାଙ୍କି ବନ୍ଦ ରହିଛି ତ କେଉଁଠି ଦୁଇଚକିଆ ଗାଡ଼ିକୁ ମାତ୍ର ୨୦୦ ଟଙ୍କା ଓ ଚାରିଚକିଆ ଗାଡ଼ିକୁ ୧୦୦୦ ଟଙ୍କାର ସୀମିତ ତେଲ ଦିଆଯାଉଛି। ଲୋକଙ୍କ ସମସ୍ୟାର ସମାଧାନ ନକରି ସରକାର ନିଜର ଦୁଇ ବର୍ଷ ପୂର୍ତ୍ତି ପାଳନ ପାଇଁ ସଚିବାଳୟରେ ଘନ ଘନ ବୈଠକ କରୁଛନ୍ତି। ଗୋଟିଏ ପଟେ ଯୋଗାଣ ସଚିବ କହୁଛନ୍ତି ପ୍ରଚୁର ତେଲ ମହଜୁଦ ଅଛି, ଅନ୍ୟପଟେ ଯୋଗାଣ ମନ୍ତ୍ରୀ କହୁଛନ୍ତି ମାତ୍ର ୧୩ ଦିନ ପାଇଁ ତେଲ ଗଚ୍ଛିତ ଅଛି। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ମନ୍ତ୍ରୀ ଓ ସଚିବଙ୍କ ମଧ୍ୟରେ କୌଣସି ସମନ୍ୱୟ ବା ତାଳମେଳ ନାହିଁ। ସାମ୍ବାଦିକ ସମ୍ମିଳନୀରେ ଡ. ଲେନିନ ମହାନ୍ତି କହିଛନ୍ତି ଯେ, ବିଜେପି ବିରୋଧୀ ଦଳରେ ଥିବା ବେଳେ ଭାଟ୍ ହ୍ରାସ ଏବଂ ପେଟ୍ରୋଲ-ଡିଜେଲକୁ ଜିଏସଟି ପରିସରଭୁକ୍ତ କରିବା ପାଇଁ ଚିତ୍କାର କରୁଥିଲା, କିନ୍ତୁ କ୍ଷମତାକୁ ଆସିବା ପରେ ସେହି କଥା ଭୁଲିଯାଇ ଲୋକଙ୍କୁ ଭୁଆଁ ବୁଲାଉଛି ଓ ନିକଟରେ ପୁଣି ୩ ଟଙ୍କା ଦର ବୃଦ୍ଧି କରି ଜନସାଧାରଣଙ୍କ ଉପରେ ଆର୍ଥିକ ବୋଝ ଲଦି ଦେଇଛି। ଏଥିରୁ ବିଜେପିର ଦୋମୁହାଁ ନୀତି ସ୍ପଷ୍ଟ ପ୍ରମାଣିତ ହେଉଛି। ସେହିପରି ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍‌ସିତା ସାହୁ କହିଛନ୍ତି ଯେ, ତୈଳ ସଙ୍କଟ ଯୋଗୁଁ ସାଧାରଣ ଜନତା ୪୦ ଡିଗ୍ରୀ ଖରାରେ ଧାଡ଼ିରେ ଠିଆ ହେବାକୁ ବାଧ୍ୟ ହେଉଛନ୍ତି। ରୁଷିଆ ଭଳି ମିତ୍ର ଦେଶ ଶସ୍ତାରେ ଅଶୋଧିତ ତୈଳ ଦେବାକୁ ରାଜି ଥିବା ବେଳେ ପ୍ରଧାନମନ୍ତ୍ରୀ କେଉଁ ଅଜ୍ଞାତ ଶକ୍ତି ଯୋଗୁଁ କିମ୍ବା ଆମେରିକାର ନିର୍ଦ୍ଦେଶରେ ଅଧିକ ମୂଲ୍ୟରେ ଅନ୍ୟ ଦେଶରୁ ତେଲ କ୍ରୟ କରୁଛନ୍ତି, ତାହା ଦେଶବାସୀଙ୍କ ସମ୍ମୁଖରେ ସ୍ପଷ୍ଟ କରିବା ଉଚିତ। ଯଦି ଆଗାମୀ ଦିନରେ ଏହି ତୈଳ ସଙ୍କଟ ଓ ଦୁର୍ଦ୍ଦଶାର ତୁରନ୍ତ ସୁଧାର ନଆସେ, ତେବେ ବିଜେଡି ସାଧାରଣ ଲୋକଙ୍କ ହକ ପାଇଁ ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି।

# ରୁଫ୍‌ଟପ୍ ସୋଲାର ସ୍ଥାପନ ପ୍ରକ୍ରିୟା ତ୍ୱରାନ୍ୱିତ ପାଇଁ ଟିପିସିଓଡିଏଲ୍ ଭେଣ୍ଡର୍ ସମ୍ମିଳନୀ



**ଭୁବନେଶ୍ୱର,୧୫।୫/ଏନ୍‌ଏନ୍‌ଏସ୍:** କେନ୍ଦ୍ର ସରକାରଙ୍କ ପ୍ରମୁଖ ଜନକଲ୍ୟାଣକାରୀ ଯୋଜନା 'ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜିଳି ଯୋଜନା' ଅଧୀନରେ ତାଲିକାଭୁକ୍ତ ଭେଣ୍ଡରମାନଙ୍କ ସହ ସମନ୍ୱୟକୁ ଅଧିକ ସୁଦୃଢ଼ କରିବା ଏବଂ ନିଜ ସେବାଯୋଗାଣ ଅଞ୍ଚଳରେ ରୁଫ୍‌ଟପ୍ ସୌର ଶକ୍ତି ବ୍ୟବହାରକୁ ବୃଦ୍ଧି କରିବା ଲକ୍ଷ୍ୟରେ ଟିପିସିଓଡିଏଲ୍ ପକ୍ଷରୁ ଏକ ବ୍ୟାପକ ଭେଣ୍ଡର ସମ୍ମିଳନୀର ଆୟୋଜନ କରାଯାଇଥିଲା। ଭାରତ ସରକାରଙ୍କ ନୂତନ ଏବଂ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟ ଦ୍ୱାରା ୨୦୨୬ ମେ ମାସକୁ 'ମନ୍ଥ ଅଫ୍ ସୋଲାର' ଭାବେ ପାଳନ କରାଯାଉଥିବା ଅବସରରେ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଅବତାରଣା କରାଯାଇଥିଲା, ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ରୁଫ୍‌ଟପ୍ ସୌର ଶକ୍ତି ପ୍ରକଳ୍ପର କାର୍ଯ୍ୟକାରିତାକୁ ଆହୁରି ଶୀଘ୍ର ଶେଷ କରିବା ଏବଂ ସ୍ୱଚ୍ଛ ଶକ୍ତି ଆପଣାଇବା ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା। ଏହି ଅଭିଯାନର ଏକ ଅଂଶ ସ୍ୱରୂପ ଟିପିସିଓଡିଏଲ୍ ନିଜର ସେବାଯୋଗାଣ ପରିସୀମା ମଧ୍ୟରେ ବିଭିନ୍ନ ଉପଭୋକ୍ତା ସଚେତନତା ଏବଂ ଜନସମ୍ପର୍କ କାର୍ଯ୍ୟକ୍ରମ ମଧ୍ୟ ହାତକୁ ନେଉଛି। ଉକ୍ତ ସମୀକ୍ଷା ବୈଠକରେ ଯୋଜନାର ସଠିକ୍ କାର୍ଯ୍ୟକାରିତା ରଣନୀତି, ପରିଚାଳନାଗତ ସୁଧାର ଏବଂ ଚାଲିଥିବା କାର୍ଯ୍ୟର ଅଗ୍ରଗତି ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିବା ବେଳେ ଏଥିରେ ସମଗ୍ର ଅଞ୍ଚଳରୁ ପ୍ରାୟ ୨୫୦ ଜଣ ତାଲିକାଭୁକ୍ତ ଭେଣ୍ଡର ଅଂଶଗ୍ରହଣ କରିଥିଲେ।

ଏହି ଆଲୋଚନାଚକ୍ର ଅବସରରେ ରୁଫ୍‌ଟପ୍ ସୋଲାର ଆପଣାଉଥିବା ଗ୍ରାହକମାନଙ୍କୁ ଏକ ସହଜ ଓ ବାଧାମୁକ୍ତ ସେବା ପ୍ରଦାନ କରିବା ସହ ଉଚ୍ଚ ଗୁଣବତ୍ତା ବଜାୟ ରଖିବା ଏବଂ ସଠିକ୍ ସମୟରେ ସୋଲାର ସ୍ଥାପନ କାର୍ଯ୍ୟ ଶେଷ କରିବାକୁ ଭେଣ୍ଡରମାନଙ୍କୁ ଉତ୍ସାହିତ କରାଯାଇଥିଲା। ଏହି ଯୋଜନା ଅଧୀନରେ ପରିଚାଳନାଗତ ଦକ୍ଷତା ବୃଦ୍ଧି ତଥା ପ୍ରକ୍ରିୟାକୁ ସରଳ କରିବା ପାଇଁ ଟିପିସିଓଡିଏଲ୍ ପକ୍ଷରୁ କରାଯାଇଥିବା ନୂତନ ପରିବର୍ତ୍ତନଗୁଡିକ ସମ୍ପର୍କରେ ମଧ୍ୟ ଭେଣ୍ଡରମାନଙ୍କୁ ସମ୍ୟକ ଅବଗତ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଟିପିସିଓଡିଏଲ୍‌ର ସେବାଯୋଗାଣ ଅଞ୍ଚଳରେ ୩୦,୦୦୦ ରୁ ଅଧିକ ଉପଭୋକ୍ତା ଏହି ଯୋଜନାର ଲାଭ ଉଠାଇ ସାରିଲେଣି, ଯାହା ସେମାନଙ୍କ ପରିବାରର ବିଦ୍ୟୁତ୍ ଖର୍ଚ୍ଚକୁ ଯଥେଷ୍ଟ ପରିମାଣରେ ହ୍ରାସ କରିବାରେ ସଫଳ ହୋଇଛି ଏବଂ ଅନେକ ଉପଭୋକ୍ତା ବହୁତ କମ୍ କିମ୍ବା ସମ୍ପୂର୍ଣ୍ଣ ଶୂନ୍ୟ ବିଦ୍ୟୁତ୍ ବିଲ୍‌ର ଫାଇଦା ପାଉଛନ୍ତି। ଏହି ଅବସରରେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂ କହିଛନ୍ତି ଯେ, 'ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜିଳି ଯୋଜନା ମାଧ୍ୟମରେ ଅକ୍ଷୟ ଶକ୍ତିର ପ୍ରସାର ପାଇଁ ସରକାରଙ୍କ ଦୂରଦୃଷ୍ଟି ସହ ଟିପିସିଓଡିଏଲ୍ ସମ୍ପୂର୍ଣ୍ଣ ପ୍ରତିବଦ୍ଧ ରହିଛି। ଏହି ପ୍ରକଳ୍ପର ସଠିକ୍ ସମୟରେ ଓ ପ୍ରଭାବଶାଳୀ କାର୍ଯ୍ୟକାରିତା ନିଶ୍ଚିତ କରିବାରେ ଆମର ଭେଣ୍ଡର ସହଭାଗୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆମେ ସମସ୍ତ ତାଲିକାଭୁକ୍ତ ଭେଣ୍ଡରମାନଙ୍କୁ 'ମନ୍ଥ ଅଫ୍ ସୋଲାର' ଅଭିଯାନ ସମୟରେ ସୋଲାର ସ୍ଥାପନର ଗତିକୁ ଆହୁରି ବୃଦ୍ଧି କରି ସେଣ୍ଟ୍ରାଲ ଓଡ଼ିଶାର ଉପଭୋକ୍ତାମାନଙ୍କ ପାଇଁ ଏକ ଦୀର୍ଘସ୍ଥାୟୀ ଶକ୍ତି ଭବିଷ୍ୟତ ଗଠନ କରିବାକୁ ଅନୁରୋଧ କରୁଛୁ।' ଏହା ସହିତ ସେ ସର୍ବସାଧାରଣ ଉପଭୋକ୍ତାମାନଙ୍କୁ ମଧ୍ୟ ଏହି ପଦକ୍ଷେପରେ ସକ୍ରିୟ ଭାବେ ସାମିଲ ହୋଇ ଶସ୍ତା, ଦୀର୍ଘସ୍ଥାୟୀ ଏବଂ ପରିବେଶ ଅନୁକୂଳ ରୁଫ୍‌ଟପ୍ ସୋଲାର ସିଷ୍ଟମ ଆପଣାଇବାକୁ ନିବେଦନ କରିଛନ୍ତି। ଅକ୍ଷୟ ଶକ୍ତିର ବ୍ୟାପକ ପ୍ରସାର ପାଇଁ ଟିପିସିଓଡିଏଲ୍ ଆଗାମୀ ଦିନରେ ମଧ୍ୟ ଏଭଳି ଲକ୍ଷ୍ୟଭିତ୍ତିକ ପ୍ରୟାସ ଜାରି ରଖିବ ବୋଲି ସୂଚନା ମିଳିଛି।

## ଶାନ୍ତନୁ ଆଚାର୍ଯ୍ୟଙ୍କ ଜୟନ୍ତୀ

**ଭୁବନେଶ୍ୱର,୧୫।୫/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ବୁଦ୍ଧମନ୍ଦିର ପ୍ରେକ୍ଷାଳୟରେ ପ୍ରଫେସର ଶାନ୍ତନୁ ଆଚାର୍ଯ୍ୟ ଫାଉଣ୍ଡେସନ ଟ୍ରଷ୍ଟ ଦ୍ୱାରା ଆୟୋଜିତ ତ୍ରୟୋଦଶତମ ଅଧିବେଶନ ତଥା ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କର ୯୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ଡକ୍ଟର ଇତି ସାମନ୍ତ। ସଭା ଆରମ୍ଭରେ ବିଭୂ ଦାସ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସମ୍ପାଦିକା ପ୍ରତିଭା ପଣ୍ଡା ଶାନ୍ତନୁ ଆଚାର୍ଯ୍ୟଙ୍କ ସମେତ ମଞ୍ଚାସୀନ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ



ଜଗନ୍ନାଥ ଦାସଙ୍କ ଦ୍ୱାରା ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ଆତ୍ମଜୀବନୀ ମୋ ଜୀବନ ଅନ୍ୟ ଏକ ଉପନ୍ୟାସରର ଇଂରାଜୀ ଅନୁବାଦ, ପ୍ରଫେସର ସନ୍ତୋଷ ତ୍ରିପାଠୀଙ୍କ ଶାନ୍ତନବମାନଙ୍କୁ ନେଇ ସମାଲୋଚନା ପୁସ୍ତକ ଓ ପ୍ରଫେସର ସୁମିତ୍ରା ମିଶ୍ରଙ୍କ ଦ୍ୱାରା ଅନୁଦିତ ରମାଦେବୀଙ୍କ ଆତ୍ମଜୀବନୀର ଇଂରାଜୀ ଅନୁବାଦ ଉନ୍ମୋଚନ ହୋଇଥିଲା। ଏହି ଅବସରରେ ତାଙ୍କ ପ୍ରସିଦ୍ଧ ଆତ୍ମଜୀବନୀ ଗ୍ରନ୍ଥ 'ମୋ ଜୀବନ ଅନ୍ୟ ଏକ ଉପନ୍ୟାସ' ଭିତ୍ତିରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନା ସଭାରେ ଆଲୋଚକ ଭାବେ ପ୍ରଫେସର୍ ପ୍ରଫୁଲ୍ଲ ମହାନ୍ତି ଓ ପ୍ରଫେସର ବୈଷ୍ଣବ ଚରଣ ସାମଲ ଆଲୋଚକ ଭାବରେ ଯୋଗଦାନ କରିଥିଲେ। ଏହି ସଭାର ଆଭିମୁଖ୍ୟ ସମ୍ପର୍କରେ ଶାନ୍ତନୁ କୁମାର ଆଚାର୍ଯ୍ୟ ଅବଗତ କରି କହିଥିଲେ ଯେ ଜଣେ କିଛି ନ ଲେଖି ଆତ୍ମଜୀବନୀ ଲେଖି ମଧ୍ୟ ଖ୍ୟାତି ଅର୍ଜନ କରିପାରେ। ଆତ୍ମଜୀବନୀରେ ଯାହା ସବୁ ନଲେଖିବା କଥା ମୁଁ ତାହା ମୋର ଆତ୍ମଜୀବନୀରେ ଲେଖିଛି। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ପକ୍ଷୀଘରର ସମ୍ପାଦକ ବନୋଜ ତ୍ରିପାଠୀ ଓ ପରିଶେଷରେ ଧନ୍ୟବାଦ୍ ଦେଇଥିଲେ ପ୍ରଫେସର ଗଙ୍ଗାଧର ମିଶ୍ର।

ନିତିଦିନ NITIDIN



## ରାଜ୍ୟ 'ନିପୁଣ ଓଡ଼ିଶା' ସେଲ୍ ଉପଦେଷ୍ଟାଙ୍କ ଓଡ଼ଗାଁ ଗସ୍ତ

# ସିଆର୍‌ସିସିଙ୍କୁ ଆପ୍ ପରିଚାଳନା ନେଇ ପ୍ରଶିକ୍ଷଣ



**ଓଡ଼ଗାଁ, ୧୫ା୫/ଏନ୍‌ଏନ୍‌ଏସ୍:** ରାଜ୍ୟ ନିପୁଣ ଓଡ଼ିଶା ସେଲ୍ ଉପଦେଷ୍ଟା ରୀତାମଣି ବୋରହା ଶୁକ୍ରବାର ଓଡ଼ଗାଁ ଗସ୍ତରେ ଆସି ବ୍ଲକ୍ ଶିକ୍ଷାଧିକାରୀ ପିଣ୍ଟୁ ପ୍ରଧାନ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ରାଜକିଶୋର ସାହୁ, ରଘୁନାଥ ମଲ୍ଲିକ ଓ ରୁକ ନାୟକଙ୍କ ସମେତ ସମସ୍ତ ପନ୍ଦରଟି କ୍ଲଷ୍ଟରରେ କାର୍ଯ୍ୟରତ ସିଆରସିସିମାନଙ୍କୁ ଭେଟିଛନ୍ତି। ଏହି ଅବସରରେ ଆୟୋଜିତ ଏକ ବୈଠକ ମାଧ୍ୟମରେ ସେ ଉପସ୍ଥିତ ସମସ୍ତ ଅଧିକାରୀ ଓ ସଂଯୋଜକମାନଙ୍କୁ 'ନିପୁଣ ଆପ୍'ର ଆବଶ୍ୟକତା, ଏହାର ପରିଚାଳନା ଏବଂ କାର୍ଯ୍ୟକାରିତା ଉପରେ ବିଶଦ ଭାବେ ବୁଝାଇଛନ୍ତି। ଏହି ଆପ୍ ଆସନ୍ତା ଜୁନ୍ ମାସରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ନିପୁଣ ଆପ୍ ମାଧ୍ୟମରେ ସମସ୍ତ ସିଆରସିସି ନିଜ ନିଜ ଅଞ୍ଚଳର ବିଦ୍ୟାଳୟଗୁଡ଼ିକୁ ସହଜରେ ମନିଟରିଂ (ତଦାରଖ) କରିପାରିବେ। ଏହାସହ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କ ଶିକ୍ଷଣ କାର୍ଯ୍ୟକାରିତା ତଥା ଦୈନନ୍ଦିନ ଶିକ୍ଷାଦାନର ଅଗ୍ରଗତିକୁ ସଠିକ୍ ଭାବେ ଅନୁଧ୍ୟାନ କରିପାରିବେ ବୋଲି ବୈଠକରେ ଆଲୋଚନା ହୋଇଛି। ପ୍ରକାଶ ଥାଉକି, ପ୍ରଥମ ପର୍ଯ୍ୟାୟରେ ସମଗ୍ର ଓଡ଼ଗାଁ ବ୍ଲକରେ ୧୮ଟି ବିଦ୍ୟାଳୟକୁ 'ନିପୁଣ ବିଦ୍ୟାଳୟ' ରୂପେ ଚିହ୍ନଟ କରାଯାଇଛି, ଯେଉଁଠାରେ ଏହି ବ୍ୟବସ୍ଥାକୁ ପ୍ରାଥମିକ ଭାବେ ଗୁରୁତ୍ୱ ଦିଆଯିବ।

# ମାଙ୍କଡ଼ ଆତଙ୍କର ଅନ୍ତ

## ୩ ଘଣ୍ଟାର ଅପରେସନ୍ ପରେ କାବୁ କଲା ବନ ବିଭାଗ



**ଫୁଲନଖରା, ୧୫ା୫/ଏନ୍‌ଏନ୍‌ଏସ୍:** କଟକ ସଦର ଥାନା ଅନ୍ତର୍ଗତ କୁରୁଣ୍ଟି ଅଞ୍ଚଳରେ ଦୀର୍ଘ ଦିନ ହେଲା ଉତ୍ପାତ କରୁଥିବା ଏକ ହିଂସ୍ର ମାଙ୍କଡ଼କୁ ଶେଷରେ ଫୁଲନଖରା ରେଞ୍ଜ ବନ ବିଭାଗ କାବୁ କରିବାରେ ସଫଳ ହୋଇଛି। ବନ ବିଭାଗର କର୍ମଚାରୀମାନେ ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ଦୀର୍ଘ ୩ ଘଣ୍ଟାର କଠିନ ପରିଶ୍ରମ ପରେ ମାଙ୍କଡ଼ଟିକୁ ଧରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ଦୁଇ ସପ୍ତାହ ମଧ୍ୟରେ ଏହି ମାଙ୍କଡ଼ଟି ଜଣେ ମହିଳାଙ୍କ ସମେତ ଏକାଧିକ ଲୋକଙ୍କୁ ଆକ୍ରମଣ କରି କ୍ଷତବିକ୍ଷତ କରିଥିଲା। ଏହାଛଡ଼ା ଅଞ୍ଚଳରେ ବ୍ୟାପକ ପନିପରିବା ଚାଷ ନଷ୍ଟ କରିବା ସହିତ ଲୋକଙ୍କ ଘର ଭିତରକୁ ପଶି ଆସବାବପତ୍ର ଓ ଘରୋଇ ଜିନିଷପତ୍ର ଭଙ୍ଗାରୁଜା କରୁଥିଲା। ମାଙ୍କଡ଼ର ଏଭଳି ଉପଦ୍ରବରେ ଅତିଷ୍ଠ ହୋଇ କୁରୁଣ୍ଟି, ଅଡ଼ା, କୋଠପାଟଣା ଓ ତିରଣପଦା ପ୍ରଭୃତି ଗ୍ରାମର ବାସିନ୍ଦାମାନେ ଉକ୍ତ ମାଙ୍କଡ଼କୁ ଧରିବା ପାଇଁ ଫୁଲନଖରା ବନ ବିଭାଗ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ମାଙ୍କଡ଼ଟି ଧରାପଡ଼ିବା ପରେ ସ୍ଥାନୀୟ ଗ୍ରାମବାସୀମାନେ ଏବେ ଆତଙ୍କରୁ ରକ୍ଷା ପାଇବା ସହ ଆଶ୍ୱସ୍ତି ପ୍ରକାଶ କରିଛନ୍ତି।

# ସ୍ୱାଗତ ମେଡ୍ ଲାଇଫ୍ ଉଦ୍‌ଘାଟିତ

**ବୟାଳିଶମୌଜା, ୧୫ା୫/ଏନ୍‌ଏନ୍‌ଏସ୍:** କଟକ ସଦର ବ୍ଲକ୍ ଅନ୍ତର୍ଗତ ୪୨ ମୌଜା ସ୍ଥିତ ପ୍ରସିଦ୍ଧ ଶ୍ରୀରାମ ମାର୍କେଟ ପରିସରରେ ନୂତନ ବହୁବିଧ ଚିକିତ୍ସା ତଥା ଔଷଧ ପ୍ରତିଷ୍ଠାନ 'ସ୍ୱାଗତ ମେଡ୍ ଲାଇଫ୍'ର ଶୁଭ ଉଦ୍‌ଘାଟନ ଉତ୍ସବ ସମ୍ପନ୍ନ ହୋଇଯାଇଛି। କାର୍ଯ୍ୟକ୍ରମରେ ସମାଜସେବୀ ନାରାୟଣ ଚନ୍ଦ୍ର ମହାନ୍ତି ଏବଂ ଏସ.ସି.ବି. ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରାକ୍ତନ ଅଧିକାରୀ ସୁଧାଂଶୁ ମିଶ୍ର ଅତିଥି ଭାବେ ଯୋଗଦେଇ ନୂତନ ଅନୁଷ୍ଠାନର ସଫଳତା କାମନା କରିଥିଲେ। ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ଏହି ମେଡ୍ ଲାଇଫ୍ କେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅନେକ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ଏହାର ପ୍ରୋପାଇଟର ତଥା ଫାର୍ମାସିଷ୍ଟ ସ୍ୱାଗତ ଦଳାଇ ପ୍ରକାଶ କରିଛନ୍ତି। ବିଶେଷ କରି ରୋଗୀମାନଙ୍କୁ ଉତ୍ତମ ଡାକ୍ତରୀ ପରାମର୍ଶ ପ୍ରଦାନ କରାଯିବା ସହ ଗ୍ରାହକମାନଙ୍କ ସୁବିଧା ପାଇଁ ଔଷଧର 'ହୋମ୍ ଡେଲିଭରି' ବ୍ୟବସ୍ଥା ମଧ୍ୟ ଯୋଗାଇ ଦିଆଯିବ ବୋଲି ସେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଜନପ୍ରତିନିଧିଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ

## ଟାଙ୍ଗୀ ବ୍ଲକରେ ବିଜେପିର ପ୍ରତିବାଦ





**ଟାଙ୍ଗୀ, ୧୫ା୫/ଏନ୍‌ଏନ୍‌ଏସ୍:** ପଞ୍ଚାୟତ ସମିତି ବୈଠକରେ ବିଜେପି ବ୍ଲକ ଆମ୍ବ ଅଧ୍ୟକ୍ଷଙ୍କୁ ଆମନ୍ତ୍ରଣ ନ କରିବା ଏବଂ କୌଣସି ସରକାରୀ ପଦବୀ ନଥାଇ ବିଜେଡି ନେତା ବୈଠକରେ ବସିବାକୁ ନେଇ ଟାଙ୍ଗୀ-ଚୌଦ୍ୱାର ବ୍ଲକ କାର୍ଯ୍ୟାଳୟ ପରିସରରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଏହି ଘଟଣାକୁ ନେଇ ଟାଙ୍ଗୀ-ସାଲେପୁର ନିର୍ବାଚନ ମଣ୍ଡଳୀର ବିଜେପି ନେତା ଅରିନ୍ଦମ ରାୟ ଶତାଧିକ କର୍ମୀଙ୍କ ସହ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଜୋରଦାର୍ ପ୍ରତିବାଦ କରିଛନ୍ତି। ପ୍ରତିବାଦ ସମୟରେ ଟାଙ୍ଗୀ ଥାନା ଅଧିକାରୀ ଡ଼. ବିକାଶ କୁମାର ସେଠୀ ଓ ଚୌଦ୍ୱାର ଏସଡିପିଓ ଉମାକାନ୍ତ ନାୟକଙ୍କ ସମେତ ବହୁ ପୁଲିସ କର୍ମଚାରୀ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଜେପି କର୍ମୀମାନେ ମୁଖ୍ୟ ଗେଟ୍ ଭିତରକୁ ଧସେଇ ପଶିଥିଲେ। ବ୍ଲକର ବରିଷ୍ଠ ଅଧିକାରୀମାନଙ୍କୁ ନପାଇ ପ୍ରଥମେ ସେମାନେ ବାହାରେ ଅପେକ୍ଷା କରିଥିଲେ। ପରେ ବିଜେପି ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ରାଜ୍ୟରେ ବିଜେପି ସରକାର ଥିଲେ ମଧ୍ୟ କେତେକ ସରକାରୀ ବାବୁ ବିଜେଡି ପ୍ରେମରେ ଉବୁଟୁବୁ ହୋଇ ବିଜେପି କର୍ମୀଙ୍କୁ ଅଣଦେଖା କରୁଛନ୍ତି ଏବଂ ସରକାରଙ୍କୁ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି। ଗତ ୧୩ ତାରିଖରେ ଅନୁଷ୍ଠିତ ପଞ୍ଚାୟତ ବୈଠକରେ କୌଣସି ପଦବୀରେ ନଥିବା ବିଜେଡି କର୍ମୀମାନେ କେମିତି ବସିଥିଲେ, ସେନେଇ ଶ୍ରୀ ରାୟ ଫଟୋଚିତ୍ର ଦେଖାଇ ପ୍ରଶ୍ନ କରିଥିଲେ। ପୁଲିସ ସହାୟତାରେ ଅତିରିକ୍ତ ବିଡିଓ ଶ୍ୱାସତ କୁମାର ଜେନାଙ୍କୁ ବିଡିଓଙ୍କ କକ୍ଷକୁ ଅଣାଯିବା ପରେ ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାସହ ଉଚପଦା ପଞ୍ଚାୟତର ଜଣେ ବ୍ୟକ୍ତିଙ୍କର ୩ ବଖରା କୋଠାଘର ଥିବା ସତ୍ତ୍ୱେ ତାଙ୍କୁ କେମିତି ଅନ୍ତୋଦୟ ଯୋଜନାରେ ଘର ମିଳିଲା ବୋଲି ଅତିରିକ୍ତ ବିଡିଓଙ୍କୁ କୈଫିୟତ ମଗାଯାଇଥିଲା। ପରବର୍ତ୍ତୀ ସମୟରେ ଆଠଗଡ଼ ବିଜେପି ନେତା ଅଭୟ ବାରିକ ବ୍ଲକରେ ପହଞ୍ଚି ସମସ୍ତ ବିଭାଗର ଅଧିକାରୀଙ୍କୁ ଡକାଇଥିଲେ। ପଞ୍ଚାୟତ ସମିତି ବୈଠକର ଚିଠି ଆମ୍ବ ଅଧ୍ୟକ୍ଷଙ୍କ ପାଖକୁ କାହିଁକି ଯାଇନଥିଲା ବୋଲି ସେ ଜିପିଡିଓଙ୍କୁ ପଚାରିଥିଲେ। ଜିପିଡିଓ ପ୍ରତିକ୍ରିୟାରେ କହିଥିଲେ ଯେ ସେ ବର୍ତ୍ତମାନର ଆମ୍ବ ଅଧ୍ୟକ୍ଷ ଲକ୍ଷଣ ସାହୁଙ୍କୁ ଜାଣିନାହାନ୍ତି ଏବଂ ପୂର୍ବତନ ଆମ୍ବ ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀଙ୍କୁ ଏନେଇ ଜଣାଉଥିଲେ। ଏହି ମନ୍ତବ୍ୟ ପରେ ବିଜେପି କର୍ମୀମାନେ ବ୍ଲକ ପରିସରରେ ପ୍ରବଳ ହୋହାଲ୍ଲା କରିବା ସହ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଓ ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କଠାରୁ କେତେ ପିସି କାରବାର କରାଯାଉଛି ବୋଲି ଆଙ୍ଗୁଠି ଉଠାଇଥିଲେ। ବିଜେପି ନେତା ଶ୍ରୀ ବାରିକ ଆସନ୍ତା ବୁଧବାର ସୁଦ୍ଧା ସମସ୍ତ ସରକାରୀ କାର୍ଯ୍ୟର ତାଲିକା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେବା ସହ ଦଳାଦଳି ନଦେଖି ସାଧାରଣ ଲୋକଙ୍କ ପାଇଁ ସଠିକ୍ କାର୍ଯ୍ୟ କରିବାକୁ ଏବଂ ସରକାରଙ୍କୁ ବଦନାମ ନ କରିବାକୁ ଚେତାବନୀ ଦେଇଛନ୍ତି, ନଚେତ ଆଗାମୀ ଦିନରେ ପରିସ୍ଥିତି ଭୟଙ୍କର ହେବ ବୋଲି କହିଛନ୍ତି। ଅପର ପକ୍ଷରେ ବିଜେଡି ଏଭଳି ବ୍ୟବହାରକୁ ଦୃଢ଼ ନିନ୍ଦା କରିଛି। ବିଜେପି ନେତାଙ୍କ ବିରୋଧରେ ଯଦି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯାଏ, ତେବେ ଆସନ୍ତା ସୋମବାର ଦିନ ବିଜେଡି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ପ୍ରଦର୍ଶନ କରିବ ବୋଲି ବ୍ଲକ ବିଜେଡି ସଭାପତି ଧିରେନ୍ଦ୍ର କୁମାର ଜେଠୀ ଚେତାବନୀ ଦେଇଛନ୍ତି।

## ୧୪ ମାସ ହେଲା ଅନ୍ଧାରରେ କଣ୍ଟିଲୋ ବଜାର ଛକ

# ହାଇମାଷ୍ଟ୍ ଲାଇଟ୍ ନ ଲଗାଇଲେ ଆନ୍ଦୋଳନ ଚେତାବନୀ



**କଣ୍ଟିଲୋ, ୧୫ା୫/ଏନ୍‌ଏନ୍‌ଏସ୍:** ୨୦୨୫ ମାର୍ଚ୍ଚ ମାସରେ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ କଣ୍ଟିଲୋ ପରିଦର୍ଶନ ଓ ନୀଳମାଧବଙ୍କ ଦର୍ଶନ ସମୟରେ ବଜାର ଛକ ଉପରେ ସର୍ବସାଧାରଣଙ୍କୁ ଆଲୋକ ଯୋଗାଉଥିବା ହାଇମାସ୍କ ଖୁଣ୍ଟ ସହ ଲାଇଟ୍‌କୁ ପୂର୍ତ୍ତ ବିଭାଗ ସେଠାରୁ ହଟେଇ ନେଇଥିଲା। ସେହି ସ୍ଥାନରେ ବିଭାଗ ପକ୍ଷରୁ 'ନୀଳମାଧବ ମନ୍ଦିର'ର ଏକ ସୂଚନା ଫଳକ ମରାଯାଇଥିବା ବେଳେ ଏହାକୁ ଦୀର୍ଘ ୧୪ ମାସ ଅତିବାହିତ ହୋଇଯାଇଥିଲେ ହେଁ ଆଜି ସୁଦ୍ଧା ସେଠାରେ ହାଇମାସ୍କ ଲାଇଟ୍ ଲଗାଯାଇ ନାହିଁ। କଣ୍ଟିଲୋ ମୁଖ୍ୟ ବଜାରରେ ସର୍ବସାଧାରଣ ଜନତାଙ୍କୁ ଆଲୋକ ଯୋଗାଇବା ପାଇଁ ଖଣ୍ଡପଡ଼ା ପୂର୍ତ୍ତ ବିଭାଗ କୌଣସି ପଦକ୍ଷେପ ନ ନେଇ ଅଚିନ୍ତା ନିଦ୍ରାରେ ଶୋଇଥିବା ଅଭିଯୋଗ ହେଉଛି। ଏହି ଆଦିକ୍ଷେତ୍ର ତଥା ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ରକୁ ପ୍ରତ୍ୟେକ ଦିନ ହଜାର ହଜାର ଭକ୍ତ, ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନଙ୍କର ଗହଳଚହଳ ଲାଗିଥିବା ବେଳେ ମୁଖ୍ୟ ବଜାର ସମ୍ପୂର୍ଣ୍ଣ ଅନ୍ଧକାରମୟ ହୋଇ ରହିଛି। ଯଥାଶୀଘ୍ର ଏହି ବଜାର ଛକରେ ପୂର୍ବଭଳି ହାଇମାସ୍କ ଲାଇଟ୍ ଜଳିବାର ସୁବ୍ୟବସ୍ଥା କରିବାକୁ ଦାବି ହେଉଛି। ଯଦି ଏଥିରେ ବିଳମ୍ବ ହୁଏ, ତେବେ ବଜାର କମିଟି ତରଫରୁ ଆନ୍ଦୋଳନ ଓ ରାସ୍ତାରୋକ କରାଯିବ ବୋଲି ବଜାର କମିଟି ସଭାପତି ଅଞ୍ଜନ କୁମାର ମହାରଣାଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଓ ବରିଷ୍ଠ ସଦସ୍ୟମାନେ ଚେତାବନୀ ଦେଇଛନ୍ତି। ଏଥିପାଇଁ ଖଣ୍ଡପଡ଼ା ଓ ନୟାଗଡ଼ ପୂର୍ତ୍ତ ବିଭାଗ ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ବଜାର କମିଟି ସୂଚନା ଦେଇଛି।

# ପ୍ରଶ୍ନପତ୍ର ଲିକ୍ ଘଟଣା: ବିଜୁ ଯୁବ-ଛାତ୍ର ସଂଗଠନର ବିକ୍ଷୋଭ

**ଆଠଗଡ଼, ୧୫ା୫/ଏନ୍‌ଏନ୍‌ଏସ୍:** ଜାତୀୟ ପ୍ରବେଶିକା ପରୀକ୍ଷା 'ନିଟ୍'ର ପ୍ରଶ୍ନପତ୍ର ପ୍ରଘଟ ଘଟଣାକୁ ପ୍ରତିବାଦ କରି ଆଜି ଆଠଗଡ଼ ବିଜେଡି ଯୁବ ଓ ଛାତ୍ର ସଂଗଠନ ପକ୍ଷରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦାୟୀ କରାଯାଇଛି। ଏହାର ପ୍ରତିବାଦରେ ଆଠଗଡ଼ ସହରସ୍ଥିତ ଗୋପବନ୍ଧୁ ଛକଠାରେ ମନ୍ତ୍ରୀଙ୍କର ଏକ କୁଶପୁତ୍ତଳିକା ଦାହ କରାଯାଇଛି। ଆଠଗଡ଼ ବ୍ଲକ ଛାତ୍ର ବିଜେଡ଼ି ସଭାପତି ସତ୍ୟପ୍ରିୟ ମହାନ୍ତି ଓ ଏନଏସି ଛାତ୍ର ବିଜେଡ଼ି ସଭାପତି ମହମ୍ମଦ ଖାଲିଦଙ୍କ ନେତୃତ୍ୱରେ ଚାନ୍ଦବାଲି ଛକଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରିଥିଲା। ଏହି ସମୟରେ କେନ୍ଦ୍ରର ମୋଦୀ ସରକାରଙ୍କ ବିଫଳତାକୁ ନେଇ ବହୁ ନାରାବାଜି କରାଯାଇଥିଲା। ସରକାର ବର୍ଷକୁ କୋଟିଏ ନିଯୁକ୍ତି ଦେବାରେ ବିଫଳ ହୋଇଥିବା ପ୍ରସଙ୍ଗ ଉଠାଇବା ସହିତ ନିଟ୍ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସରକାରୀ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହେବା ଫଳରେ ଦେଶର ୨୨ ଲକ୍ଷ ପରୀକ୍ଷାର୍ଥୀ ମର୍ମାହତ ହୋଇଛନ୍ତି ବୋଲି ଛାତ୍ରନେତାମାନେ ପ୍ରକାଶ କରିଛନ୍ତି। ପ୍ରଶ୍ନପତ୍ର ଲିକ୍ ଯୋଗୁଁ ବହୁ ମେଧାବୀ ଛାତ୍ରଛାତ୍ରୀ ମାନସିକ ନିର୍ଯାତନା ସହି ନପାରି ଆତ୍ମହତ୍ୟା ଭଳି ଚରମ ପନ୍ଥା ଆପଣାଉଥିବା ବେଳେ ଏହି ଘଟଣା ପାଇଁ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଶ୍ରୀ ପ୍ରଧାନଙ୍କ ମନ୍ତ୍ରିତ୍ୱ ସମୟରେ ଏପରି ସାଂଘାତିକ ଘଟଣା ବାରମ୍ବାର ଘଟିବା ଏବଂ ଏଥିରେ ରାଜସ୍ଥାନର ବିଜେପି କର୍ମୀଙ୍କ ସମ୍ପୃକ୍ତି ମନ୍ତ୍ରୀଙ୍କ କାର୍ଯ୍ୟକଳାପ ଉପରେ ସନ୍ଦେହ ଜାତ କରୁଛି ବୋଲି ଅଭିଯୋଗ ହୋଇଛି। ଏଣୁ ଶିକ୍ଷାମନ୍ତ୍ରୀ ତୁରନ୍ତ ନିଜ ପଦବୀରୁ ଇସ୍ତଫା ଦେବା ଆବଶ୍ୟକ ବୋଲି ପ୍ରତିବାଦକାରୀମାନେ ମତବ୍ୟକ୍ତ କରିଛନ୍ତି। ଏହାସହିତ କେନ୍ଦ୍ର ମନ୍ତ୍ରୀଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର ପାଇଁ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଦାବି କରାଯିବ ବୋଲି ଛାତ୍ରନେତାମାନେ କହିବା ସହ ଏକ ଗଣ-ଦସ୍ତଖତ ଅଭିଯାନ ଆରମ୍ଭ କରିଛନ୍ତି। ଉକ୍ତ ପ୍ରତିବାଦ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଠଗଡ଼ ବ୍ଲକ ଯୁବ ବିଜେଡି ସଭାପତି ବିନୋଦ ମାଝି, ଟିଗିରିଆ ବ୍ଲକ ଛାତ୍ର ବିଜେଡି ସଭାପତି ହିମାଂଶୁ ଶେଖର ସ୍ୱାଇଁ, ଜିଲ୍ଲା ଛାତ୍ର ବିଜେଡ଼ି ସମ୍ପାଦକ ତୋଫାନ ସାମଲ ଓ ଆଠଗଡ଼ ଏନ୍‌ଏସି ବିଜେଡି ସଭାପତି ଶିଶିର ପ୍ରସାଦ ମାନସିଂହ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ଶିକ୍ଷା ନୀତିକୁ କଡ଼ା ସମାଲୋଚନା କରିଥିଲେ।

## ତେଜରାତି ଦୋକାନରେ ଅଗ୍ନିକାଣ୍ଡ ଘଟଣା

# ଚିକିତ୍ସାଧୀନ ଅବସ୍ଥାରେ ଜଣେ ମୃତ

**ଖଣ୍ଡପଡ଼ା, ୧୫ା୫/ଏନ୍‌ଏନ୍‌ଏସ୍:** ଖଣ୍ଡପଡ଼ା ବ୍ଲକ ଅଧୀନ ରାଣୀଛେଳି ପଞ୍ଚାୟତର କଳପଙ୍ଗୀ ଗ୍ରାମରେ ଗତ ମେ ୧ ତାରିଖରେ ତେଜରାତି ଦୋକାନରେ ନିଆଁ ଲାଗିବା ଘଟଣାରେ ଗୁରୁତର ଆହତ ହୋଇଥିବା ଗୟାଧର ପରିଡ଼ା (୭୦)ଙ୍କର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ମୃତ୍ୟୁ ହୋଇଥିବା ପରିବାରବର୍ଗଙ୍କ ସୂତ୍ରରୁ ଜଣାଯାଇଛି। କଳପଙ୍ଗୀ ଗ୍ରାମର ଗୟାଧର ଗ୍ରାମରେ ଏକ ତେଜରାତି ଦୋକାନ ଚଳାଇ ପରିବାରର ଗୁଜୁରାଣ ମେଣ୍ଟାଉଥିଲେ। ଗତ ଏପ୍ରିଲ ୩୦ ତାରିଖ ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ବର୍ଷା ଓ ପବନ ଯୋଗୁଁ ଦୀର୍ଘ ସମୟ ଧରି ବିଦ୍ୟୁତ ସରବରାହ ବନ୍ଦ ରହିଥିଲା। ଏହି କାରଣରୁ ମେ ୧ ତାରିଖ ସନ୍ଧ୍ୟାରେ ତେଜରାତି ଦୋକାନରେ ଲଣ୍ଠନ ଲଗାଇ ଗୟାଧର ସଉଦା ବିକ୍ରି କରୁଥିବା ସମୟରେ ଦୋକାନରେ ବିକ୍ରି ଉଦ୍ଦେଶ୍ୟରେ ବୋତଲରେ ମହଜୁଦ ଥିବା ପେଟ୍ରୋଲ ସଂସ୍ପର୍ଶରେ ଲଣ୍ଠନର ନିଆଁ ଆସିଯାଇଥିଲା। ଫଳରେ ସେଠାରେ ଭୟାବହ ଅଗ୍ନିକାଣ୍ଡ ଘଟି ଦୋକାନଟି ସମ୍ପୂର୍ଣ୍ଣ ପୋଡ଼ିଯିବା ସହ ଗୟାଧର ଓ ତାଙ୍କ ସ୍ତ୍ରୀ ସୁବାସି ପରିଡ଼ା (୬୨) ଉଭୟେ ଗୁରୁତର ଭାବେ ଆହତ ହୋଇଥିଲେ। ଉଭୟଙ୍କୁ ସଙ୍ଗେ ସଙ୍ଗେ ଚିକିତ୍ସା ନିମନ୍ତେ ଭୁବନେଶ୍ୱର ପଠାଯାଇଥିଲା। ସେଠାରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ପ୍ରଥମେ ସ୍ତ୍ରୀ ସୁବାସି ମୃତ୍ୟୁବରଣ କରିଥିବା ବେଳେ ଘଟଣାର ୧୨ ଦିନ ପରେ ସ୍ୱାମୀ ଗୟାଧରଙ୍କର ମଧ୍ୟ ମୃତ୍ୟୁ ହୋଇଛି। ହସ୍ପିଟାଲରେ ଶବ ବ୍ୟବଚ୍ଛେଦ କରାଯାଇ ମୃତକଙ୍କ ପରିବାରବର୍ଗଙ୍କୁ ଶବ ହସ୍ତାନ୍ତର କରାଯାଇଛି। ଏହି ଦୁଃଖଦ ଘଟଣାକ୍ରମେ ଦମ୍ପତିଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମୃତକଙ୍କ ପରିବାରବର୍ଗ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ଉକ୍ତ ଅସହାୟ ପରିବାରକୁ ଆନୁସଙ୍ଗିକ ସରକାରୀ ସହାୟତା ଯୋଗାଇ ଦେବା ନିମନ୍ତେ ପ୍ରଶାସନିକ ଅଧିକାରୀମାନେ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଖୁଚୁରା ଦୋକାନରେ ବେଲଗାମ୍ ପେଟ୍ରୋଲ୍ ଦର୍

**କୋଣାର୍କ, ୧୫ା୫/ଏନ୍‌ଏନ୍‌ଏସ୍:** ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଇରାନ ଓ ଆମେରିକା ମଧ୍ୟରେ ହର୍ମୁଜ ପ୍ରଣାଳୀକୁ ନେଇ ଚାଲିଥିବା କଟକଣା ଯୋଗୁଁ ସାରା ବିଶ୍ୱରେ ଦେଖାଦେଇଥିବା ତୈଳ ସଙ୍କଟ ଏବଂ ଦେଶରେ ବିଦେଶୀ ମୁଦ୍ରାର ସଙ୍କଟକୁ ନଜରରେ ରଖି ବିଭିନ୍ନ କଟକଣା ମଧ୍ୟରେ ରହିବାକୁ ଭାରତବାସୀଙ୍କୁ ଅନୁରୋଧ କରିଛନ୍ତି। ଏହାସହ ପେଟ୍ରୋଲ ଓ ଡିଜେଲ ଲିଟର ପିଛା ୩ ଟଙ୍କା ବୃଦ୍ଧି ପାଇବା ପରେ ଦେଶର ଚାରିଆଡ଼େ ପେଟ୍ରୋଲ ପମ୍ପଗୁଡ଼ିକରେ ନାହିଁ ନଥିବା ଭିଡ଼ ପରିଲକ୍ଷିତ ହୋଇଛି। ଏପରିକି ଅନେକ ପେଟ୍ରୋଲ ଟାଙ୍କିରେ ତେଲ ନଥିବା ଦର୍ଶାଇ ବନ୍ଦ ରଖାଯାଇଥିବାରୁ ସାଧାରଣ ଜନତାଙ୍କ ମଧ୍ୟରେ ତୈଳ ସଙ୍କଟକୁ ନେଇ ଆତଙ୍କିତ ଅବସ୍ଥା ଏବେ ଉଗ୍ରରୂପ ଧାରଣ କରିଛି। ଏଭଳି ସଙ୍କଟ ସମୟର ସୁଯୋଗ ନେଇ ବିଶେଷ ଭାବେ କୋଣାର୍କ ଓ ଏହାର ଆଖପାଖ ଅଞ୍ଚଳରେ ସ୍ଥାନୀୟ ଲୋକଙ୍କ ସମେତ କୋଣାର୍କ ପରିଦର୍ଶନରେ ଆସିଥିବା ପର୍ଯ୍ୟଟକମାନଙ୍କୁ ଖୁଚୁରା ବ୍ୟବସାୟୀମାନେ ଶୋଷଣ କରୁଥିବା ଅଭିଯୋଗ ହେଉଛି। ପେଟ୍ରୋଲର ସରକାରୀ ଦର ଲିଟର ପିଛା ୧୦୪ ଟଙ୍କା ଥିବାବେଳେ ବଜାରରେ ଅଭାବୀ ପରିସ୍ଥିତି ଦର୍ଶାଇ କେତେକ ଅସାଧୁ ବ୍ୟବସାୟୀ ଚଢ଼ା ଦରରେ ଲିଟର ପିଛା ୧୬୦ ଟଙ୍କାରୁ ୨୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରି ମୁନାଫା କମାଉଛନ୍ତି। ଏଭଳି ଭାବେ ସର୍ବସାଧାରଣଙ୍କୁ ଲୁଟ କରାଯାଉଥିବା ବେଳେ ସ୍ଥାନୀୟ ପ୍ରଶାସନ ଓ ପୁଲିସ ନୀରବ ଦ୍ରଷ୍ଟା ସାଜି ବସି ରହିବାକୁ ନେଇ ସାଧାରଣରେ ଗଭୀର ଚିନ୍ତା ପ୍ରକାଶ ପାଇଛି।

# ଲାଇବ୍ରେରୀ ଓ ଆଦର୍ଶ ପୋଖରୀ ନିର୍ମାଣ ନିର୍ଦ୍ଦେଶ

## 'ଦିଶା' ବୈଠକ




**ଖୋର୍ଦ୍ଧା, ୧୫ା୫/ଏନ୍‌ଏନ୍‌ଏସ୍:** ଜିଲ୍ଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପରିଚାଳନା କମିଟି (ଦିଶା) ବୈଠକ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଲୋକସଭା ନିର୍ବାଚନମଣ୍ଡଳୀ ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକ୍ ଏବଂ ଗ୍ରାମାଞ୍ଚଳରେ ଲାଇବ୍ରେରୀ ଖୋଲିବା ଏବଂ ବ୍ଲକ୍ ପ୍ରଶାସନ ଦ୍ୱାରା ତାହାକୁ ନିରନ୍ତର କାର୍ଯ୍ୟକ୍ଷମ କରାଇବା ସହ ପ୍ରତ୍ୟେକ ବ୍ଲକରେ ଅମୃତ ସରୋବର ଯୋଜନାରେ ସାଂସଦ ଓ ବିଧାୟକଙ୍କ ପାଣ୍ଠିକୁ ନେଇ ସମ୍ମିଳିତ ଭାବେ ୫ଟି ଆଦର୍ଶ ପୁଷ୍କରିଣୀ କାର୍ଯ୍ୟକ୍ଷମ କରିବାକୁ ସମସ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ ଏବଂ ଜିଲ୍ଲା ପ୍ରଶାସନକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାର ଯୁବକ ଯୁବତୀମାନଙ୍କୁ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ନିମନ୍ତେ ପାଠାଗାର ସେବା ଯୋଗାଇବା ଏବଂ ଆଦର୍ଶ ପୁଷ୍କରିଣୀଗୁଡ଼ିକରେ ବସିବା ବ୍ୟବସ୍ଥା, ଆଲୋକୀକରଣ ଓ ବୃକ୍ଷରୋପଣ କରିବାକୁ ସାଂସଦ ଗୁରୁତ୍ୱ ଦେଇଛନ୍ତି। ବୈଠକରେ ସେ କେନ୍ଦ୍ର ସରକାରଙ୍କ ୩୭ଟି ବିଭାଗ ଅଧୀନରେ ଥିବା ୧୦୧ଟି କେନ୍ଦ୍ରୀୟ ଯୋଜନାର ସମୀକ୍ଷା କରିଛନ୍ତି। ସାଂସଦ କହିଛନ୍ତି ଯେ ଜନପ୍ରତିନିଧିମାନେ ଲୋକଙ୍କ ସମସ୍ୟା ଉତ୍ଥାପନ କରିବେ ଏବଂ ପ୍ରଶାସନ ଲୋକଙ୍କ ପାଖରେ ସେବା ପହଞ୍ଚାଇବ। ସମସ୍ତଙ୍କୁ ନେଇ କାମ କରିବା ମନ୍ତ୍ରରେ ସାକାରାତ୍ମକ ଚିନ୍ତାଧାରା ରଖି ଖୋର୍ଦ୍ଧାକୁ ରାଜ୍ୟର ସର୍ବୋତ୍ତମ ଜିଲ୍ଲା ଭାବେ ଗଢ଼ିତୋଳିବାକୁ ସେ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଜିଲ୍ଲାପାଳଙ୍କ ଜିପିଡିପି କାର୍ଯ୍ୟକ୍ରମକୁ ସାଂସଦ ପ୍ରଶଂସା କରିଥିଲେ। ବୈଠକରେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ, ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ଏବଂ ମାନ୍ୟବର ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀଙ୍କ ପ୍ରତିନିଧି ଦୁଷ୍ମନ୍ତ ହରିଚନ୍ଦନ ଯୋଗଦେଇ ନିଜ ନିଜର ମନ୍ତବ୍ୟ ପ୍ରଦାନ କରିଥିଲେ। ସାଂସଦ ସମସ୍ତ ଅଧିକାରୀଙ୍କୁ ନିଜ କାର୍ଯ୍ୟ ପରିଧି ମଧ୍ୟରେ ସ୍ଥାନୀୟ ଜନପ୍ରତିନିଧିମାନଙ୍କୁ ସାମିଲ କରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ବୈଠକରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୨୦୨୫-୨ ବର୍ଷ ପାଇଁ ୭୧ କୋଟି ବ୍ୟୟ ଅଟକଳରେ ୨୭ଟି ପ୍ରକଳ୍ପର ଟେଣ୍ଡର ପ୍ରକ୍ରିୟା, ଏବଂ ତାପଙ୍ଗ ଓ ନିରାକାରପୁର ହାୱଡା - ଚେନାଇ ମେନ୍ ଲାଇନ୍ ବାଇପାସ୍ କାର୍ଯ୍ୟ ନିମନ୍ତେ ଅତିକମ୍ ଜମି ଅଧିଗ୍ରହଣ କରିବାକୁ ଜାତୀୟ ରାଜମାର୍ଗ କର୍ତ୍ତୃପକ୍ଷଙ୍କୁ ସାଂସଦ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ରାମେଶ୍ୱରରୁ ଟାଙ୍ଗୀ ପର୍ଯ୍ୟନ୍ତ ୧୨୦ କିଲୋମିଟର ବିଶିଷ୍ଟ ୮୩୦୬ କୋଟି ଟଙ୍କାର ସଡ଼କ ପ୍ରକଳ୍ପର ଭିତ୍ତିପ୍ରସ୍ତର ମେ ୩୧ ସୁଦ୍ଧା ସ୍ଥାପନ କରିବାକୁ କୁହାଯାଇଛି। ୨୦୨୬-୨୭ ବର୍ଷରେ ଚିଲିକା, ଖୋର୍ଦ୍ଧା ଓ ଜଟଣୀ ବ୍ଲକ୍ ପାଇଁ ୧୫ଟି ନୂଆ ଓ ପୁନଃଉଦ୍ଧାର ସଡ଼କ କାର୍ଯ୍ୟ ସହ ସରଦେଇପୁରରୁ ନିମାପଡ଼ା ନିମ୍ନମାନର ରାସ୍ତା କାର୍ଯ୍ୟ ଅଭିଯୋଗର ସମୀକ୍ଷା ହୋଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ୭୩୬ ଗୃହ ମଧ୍ୟରୁ ୫୮୧ଟିର କାର୍ଯ୍ୟ ଶେଷ ଓ ୧୫୫ଟିର କାର୍ଯ୍ୟ ଚାଲୁ ରହିଥିବା ବେଳେ ଅନ୍ତଃଦ୍ୱୟ ଗୃହ ଯୋଜନାରେ ୬୪୯୬ ମଞ୍ଜୁରୀ ମଧ୍ୟରୁ ୩୩୨୬ଟିର କାର୍ଯ୍ୟ ଶେଷ ହୋଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ସର୍ଭେର ୯୦୦୫୫ଟି ଆବେଦନ ମଧ୍ୟରୁ ୨୨୪୩ଟି ଅଟୋ ଡିଲିସନ୍ ହୋଇଥିବା ବେଳେ ବାକି ୬୫୮୧୨ ଗୃହକୁ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଆସିଲେ କ୍ଷେତ୍ର ସର୍ଭେ କରାଯିବ ବୋଲି କୁହାଯାଇଛି। ସହରାଞ୍ଚଳ ଆବାସ ଯୋଜନାରେ ଭୁବନେଶ୍ୱର ମହାନଗର ନିଗମ ଅଧୀନରେ ୧୨୬୬ ମଞ୍ଜୁରୀ ମଧ୍ୟରୁ ୧୦୯୨ ଜଣଙ୍କୁ କାର୍ଯ୍ୟାଦେଶ ମିଳିଛି। ମନରେଗା ଯୋଜନାରେ ଜିଲ୍ଲା ଆର୍ଥିକ କ୍ଷେତ୍ରରେ ୬୪.୪୯ ଶତକଡ଼ା ଓ ଶ୍ରମ ପ୍ରକଳ୍ପ ସଫଳତାରେ ୯୩.୮୫ ଶତକଡ଼ା ସଫଳତା ହାସଲ କରିଛି। ଏହାସହ ବେଗୁନିଆ ମେଗା ଉଠା ଜଳସେଚନ, ଜଟଣୀ ଭେଣ୍ଡିଂ ଜୋନ୍, କ୍ଷୁଦ୍ର ଜଳସେଚନ ଏବଂ କୁଆଖାଇ, ପାଣ୍ଡରା, ଦୟା, କୁଶଭଦ୍ରା ଓ ଗଙ୍ଗୁଆ ନଦୀ ପ୍ରକଳ୍ପର ଅଗ୍ରଗତିର ସମୀକ୍ଷା କରାଯାଇଛି।

## ଗୋପାଳକଙ୍କୁ ବେଆଇନ୍ ଗିରଫ ଅଭିଯୋଗ

# ପୁଲିସ ବିରୋଧରେ ବର୍ଷିଲେ ଜିଲ୍ଲା ପରିଷଦ ସଭ୍ୟ

**ଡେଲାଙ୍ଗ, ୧୫ା୫/ଏନ୍‌ଏନ୍‌ଏସ୍:** ଗୋଚାଲାଣ ଅଭିଯୋଗରେ ୫ ଜଣ ଗୋପାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ଘଟଣାକୁ ନେଇ ଡେଲାଙ୍ଗ ପୁଲିସ ବିରୋଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପୁଲିସର ଏହି କାର୍ଯ୍ୟାନୁଷ୍ଠାନକୁ ସମ୍ପୂର୍ଣ୍ଣ ବେଆଇନ ଦର୍ଶାଇ ପିପିଲି ଥାନା ଅନ୍ତର୍ଗତ ତେଇଶିପୁର ପଞ୍ଚାୟତର ପୋତଙ୍ଗଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ପରିଷଦ ସଭ୍ୟ ଧରଣୀଧର ସାହୁ ଏବଂ ଗୋପାଳକ ପରିବାର ପୁଲିସର କାର୍ଯ୍ୟକଳାପ ଉପରେ ପ୍ରବଳ ବର୍ଷିଛନ୍ତି।

ସୂଚନା ଅନୁଯାୟୀ, ପୋତଙ୍ଗ ଗ୍ରାମରେ ୧୦ଟି ଯାଦବ ସମ୍ପ୍ରଦାୟର ପରିବାର ରହିଥିବା ବେଳେ ସେମାନେ ଗାଇଗୋରୁ ରଖି ନିଜର ଭରଣପୋଷଣ କରିଥାନ୍ତି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବର୍ଷାଦିନେ ଗାଈ ଚରାଇବା ପାଇଁ ସେମାନେ ଗୋଠ ନେଇ ପରଙ୍ଗ (ପାହାଡ଼ିଆ) ଅଞ୍ଚଳକୁ ଯାଉଥିଲେ। ମାତ୍ର ଗୋଠ ନେଇ ଯିବା ସମୟରେ ଡେଲାଙ୍ଗ ଥାନା ଅନ୍ତର୍ଗତ ଗଡ଼ମାଣିତ୍ରୀଠାରେ ହିନ୍ଦୁ ଜାଗରଣ ମଞ୍ଚର କେତେକ ଯୁବକ ସେମାନଙ୍କୁ ଗୋଚାଲାଣକାରୀ ସଜାଇ ମାଡ଼ ମାରିବା ସହ ଗାଡ଼ି ଓ ମୋବାଇଲ୍ ଛଡ଼ାଇ ନେଇଥିଲେ। ଖବର ପାଇ ଡେଲାଙ୍ଗ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୋପାଳକମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ମେଡିକାଲ ଆଣିଥିଲା। ଏନେଇ ପୋତଙ୍ଗ ଗ୍ରାମର ଗୋପାଳକ କୈଳାଶ ବେହେରାଙ୍କ ଅଭିଯୋଗ କ୍ରମେ ଡେଲାଙ୍ଗ ଥାନାରେ ୧୩୪/୨୬ ନମ୍ବରରେ ଏକ ମାମଲା ରୁଜୁ ହୋଇଥିଲା। ମାତ୍ର ପୁଲିସ ସଠିକ୍ ତଦନ୍ତ ନକରି, କାହାର ଚାପରେ ପଡ଼ି ତରବରିଆ ଭାବେ ହିନ୍ଦୁ ଜାଗରଣ ମଞ୍ଚର ଅଭିଯୋଗ ଆଧାରରେ ଓଲଟା ଆହତ ୫ ଗୋପାଳକଙ୍କୁ ଗୋଚୋରା ଚାଲାଣ ମାମଲାରେ କୋର୍ଟ ଚାଲାଣ କରି ଜେଲ୍ ପଠାଇ ଦେଇଛି।

ପରିବାର ଲୋକ ଓ ଜନପ୍ରତିନିଧିମାନେ ଦାବି କରିଛନ୍ତି ଯେ, ଗିରଫ ବ୍ୟକ୍ତିମାନେ ଗୋଚାଲାଣକାରୀ ନୁହନ୍ତି, ବରଂ ପ୍ରକୃତ ଗୋପାଳକ ଅଟନ୍ତି। ସେମାନେ ମାଡ଼ ଖାଇ ପୁଲିସ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ସେମାନଙ୍କ ଅଭିଯୋଗ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ପୁଲିସର ଏଭଳି ପାତରଅନ୍ତର ନୀତିକୁ ସାଧାରଣ ଜନତା ଓ ଯାଦବ ସମାଜ ସହଜରେ ଗ୍ରହଣ କରିପାରୁନାହାନ୍ତି, ଯାହାକୁ ନେଇ ଅଞ୍ଚଳରେ ତୀବ୍ର ଉତ୍ତେଜନା ଦେଖାଦେଇଛି। ଆଗାମୀ ଦିନରେ ଏହା ଜନଆନ୍ଦୋଳନର ରୂପ ନେବ ବୋଲି ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ସାହୁ ଚେତାବନୀ ଦେଇଛନ୍ତି। ପୁଲିସର ଏହି ବେଆଇନ କାର୍ଯ୍ୟକଳାପ ଯୋଗୁଁ ଜେଲ୍ ଯାଇଥିବା ଗୋପାଳକଙ୍କ ଘରେ ଚୁଲି ଜଳୁନି କି କେହି ଖାଉନାହାନ୍ତି। ଋଣ କରି ଗୋପାଳନ କରୁଥିବା ଏହି ଗୋପାଳକମାନଙ୍କୁ ତୁରନ୍ତ ଜେଲରୁ ମୁକ୍ତ କରାଯାଉ ଏବଂ ପୂର୍ବପୁରୁଷରୁ ଚଳିଆସୁଥିବା ପ୍ରଥାଗତ ଗୋଚାରଣରେ ବାଧା ସୃଷ୍ଟି କରିଥିବା ପୁଲିସ ଅଧିକାରୀଙ୍କ ବିରୁଦ୍ଧରେ ଜିଲ୍ଲାପାଳ ଓ ଏସପି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି।

**ନିତି ଭାରତୀ**

କୌଣସି ଜୀବଜନ୍ତୁ ବା ଜୀବନ୍ତ ପ୍ରାଣୀଙ୍କୁ କେବେହେଲେ ଅପମାନିତ, ନିର୍ଯାତିତ, କ୍ଷତାକ୍ତ କରନାହିଁ କି ଗାଳିମନ୍ଦ ଦିଅନାହିଁ ବା ହତ୍ୟା କରନାହିଁ। - ମହାବୀର

ନିତିଦିନ NITIDIN
ଶନିବାର, ୧୬ ମେ' ୨୦୨୬

# ବ୍ୟବସ୍ଥିତ ବିଫଳତା ଓ ପ୍ରଭାବିତ ପ୍ରତିଭା



ପ୍ରକାଶ ତ୍ରିପାଠୀ

ନ୍ୟାସନାଲ ଏଲିଜିବିଲିଟି-କମ୍-ଏଣ୍ଟ୍ରାନ୍ସ ଟେଷ୍ଟ (ଏନ୍ଇଇଟି-ନିଟ୍)-୨୦୨୬ ପରିଚାଳନାରେ ଏନ୍ଟିଏ (ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି)ର 'ବ୍ୟବସ୍ଥିତ ବିଫଳତା'କୁ ଚ୍ୟାଲେଞ୍ଜ କରି ଫେଡେରେସନ ଅଫ୍ ଅଲ୍ ଇଣ୍ଡିଆ ମେଡିକାଲ୍ ଆସୋସିଏସନ୍ ମାନ୍ୟବର ଉଚ୍ଚତମ ନ୍ୟାୟାଳୟରେ ଆବେଦନ କରିଛନ୍ତି। ଦାଏର କରାଯାଇଥିବା ଏହି ଆବେଦନରେ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସିକୁ ବଦଳାଇବା କିମ୍ବା ମୌଳିକ ଭାବରେ ପୁନର୍ଗଠନ କରିବା ଏବଂ ନ୍ୟାୟିକ ତତ୍ତ୍ୱାବଧାନରେ ଏକ ନୂତନ ନିଟ୍-୨୦୨୬ ପରୀକ୍ଷା କରିବା ପାଇଁ ନିର୍ଦ୍ଦେଶ ଲୋଡ଼ା ଯାଇଛି। ଆବେଦନରେ କୋର୍ଟଙ୍କୁ ନିଟ୍ ପରୀକ୍ଷା ପରିଚାଳନା ପାଇଁ ଏନ୍ଟିଏକୁ ଏକ 'ଅଧିକ ସୁଦୃଢ଼, ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ଉନ୍ନତ ଏବଂ ସ୍ୱୟଂଶାସିତ ସଂସ୍ଥା' ସହିତ ବଦଳାଇବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରାଯାଇଛି। ପ୍ରକାଶଯୋଗ୍ୟ ଯେ ନ୍ୟାସନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ ବା ନିଟ୍ ହେଉଛି ଭାରତରେ ଏମ୍ବିବିଏସ୍, ବିଡିଏସ୍, ବିଏଏମ୍ଏସ୍, ବିଏଚ୍ଏମ୍ଏସ୍ ଏବଂ ଅନ୍ୟାନ୍ୟ ଡାକ୍ତରୀ ପାଠ୍ୟକ୍ରମରେ ପ୍ରବେଶ ପାଇଁ ଏକ ଦେଶବ୍ୟାପି ସ୍ନାତକ ପ୍ରବେଶିକା ପରୀକ୍ଷା। ଏହି ପରୀକ୍ଷା ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍ଟିଏ) ଦ୍ୱାରା ଡାକ୍ତରୀ କ୍ଷେତ୍ରରେ କ୍ୟାରିୟର କରିବାକୁ ଚାହୁଁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ପରିଚାଳିତ ହୁଏ। ସମ୍ପ୍ରତି ନିଟ୍ ପ୍ରଶ୍ନପତ୍ର ଲିକ୍ ହେବା ଘଟଣାକୁ ନେଇ ଦେଶବ୍ୟାପି ଛାତ୍ରୀଛାତ୍ରମାନେ ଜୋର୍‌ଦାର ପ୍ରତିବାଦ ଆରମ୍ଭ କରିଛନ୍ତି। ଏହାଦ୍ୱାରା ଦେଶର ୨୨ ଲକ୍ଷରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀଙ୍କ ପରିଶ୍ରମ ଏବଂ ଭବିଷ୍ୟତ ସହ ବିଶ୍ୱାସଘାତକତା ହୋଇଥିବା ଚର୍ଚ୍ଚା ହେଉଛି। ଚଳିତ ନିଟ୍ ପ୍ରଶ୍ନପତ୍ର ଲିକ୍ ହେବା ଘଟଣାକୁ ମିଶାଇଲେ ଏହାରି ଭିତରେ ଏକାଧିକ ଥର ଏହିପରି ବିଭ୍ରାଟ ହେଲାଣି। କଠୋର ନିୟମ, ଡିଜିଟାଲ୍ ମନିଟରିଂ ଏବଂ ସଂସ୍କାରର ଦାବି ସତ୍ତ୍ୱେ ପରୀକ୍ଷା ବ୍ୟବସ୍ଥା ବାରମ୍ବାର ଯାଞ୍ଚର ପରିସରକୁ ଆସୁଛି। ନିଟ୍-୨୦୨୬ ଭଳି ଘଟଣା ସମଗ୍ର ବ୍ୟବସ୍ଥାର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଇଛି। ଗତ ମେ' ୩ ତାରିଖରେ ସମଗ୍ର ଦେଶରୁ ୨୨ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରାର୍ଥୀ ଡାକ୍ତର ହେବାର ସ୍ୱପ୍ନ ନେଇ ପରୀକ୍ଷା ଦେଇଥିଲେ। କିନ୍ତୁ ମେ' ୧୨ ତାରିଖରେ ଏନ୍ଟିଏ ପରୀକ୍ଷା ବାତିଲ କରି ସିବିଆଇକୁ ତଦନ୍ତ ହସ୍ତାନ୍ତର କରିବାର ନିଷ୍ପତ୍ତି ସମଗ୍ର ଦେଶକୁ ଚକିତ କରିଛି। ଏହା କେବଳ ପରୀକ୍ଷା ବାତିଲର ଏକ ଘଟଣା ନୁହେଁ, ବରଂ ସମଗ୍ର ପରୀକ୍ଷା ବ୍ୟବସ୍ଥାର ଗଭୀର ସାଂରଚନିକ ବିଫଳତାର ସ୍ପଷ୍ଟ ସୂଚନା ଥିଲା।

ଯେତେବେଳେ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ସେମାନଙ୍କ ଜୀବନର ଗୁରୁତ୍ୱପୂର୍ଣ୍ଣ ବର୍ଷଗୁଡ଼ିକୁ ଏକ ପରୀକ୍ଷା ପାଇଁ ଉତ୍ସର୍ଗ କରନ୍ତି, ସେମାନଙ୍କର ସମ୍ପୂର୍ଣ୍ଣ ଭବିଷ୍ୟତ ସେହି ଗୋଟିଏ ଦିନ ସହିତ ଜଡ଼ିତ ହୋଇଯାଏ। ନିଟ୍ ଆଶାୟୀମାନେ କୋଚିଂ, ପରୀକ୍ଷା ସିରିଜ୍, ନିରନ୍ତର ଅଭ୍ୟାସ ଏବଂ ମାନସିକ ଚାପ ମାଧ୍ୟମରେ ପ୍ରବଳ ସଂଘର୍ଷ କରିଥାନ୍ତି। କିନ୍ତୁ ପରୀକ୍ଷା ବାତିଲ କରିବାର ନିଷ୍ପତ୍ତି ସେମାନଙ୍କ କଠିନ ପରିଶ୍ରମକୁ ଅନିଶ୍ଚିତତା ଭିତରକୁ ଠେଲି ଦେଇଥାଏ। ଏହା ଗ୍ରାମାଞ୍ଚଳ ଏବଂ ଛୋଟ ସହରଗୁଡ଼ିକର ଛାତ୍ରଛାତ୍ରୀମାନଙ୍କ ଉପରେ ମଧ୍ୟ ଗଭୀର ପ୍ରଭାବ ପକାଇ ଥାଏ, ଯେଉଁମାନେ ସୀମିତ ସମ୍ବଳ ସତ୍ତ୍ୱେ ବଡ଼ ବଡ଼ ସ୍ୱପ୍ନ ଦେଖିଥାନ୍ତି। ସେମାନଙ୍କ ପାଇଁ ଏହି ପରୀକ୍ଷା କେବଳ ଏକ ପ୍ରବେଶିକା ପରୀକ୍ଷା ନଥିଲା, ବରଂ ସାମାଜିକ ଏବଂ ଆର୍ଥିକ ଉନ୍ନତି ପାଇଁ ଏକ ସୁଯୋଗ ଥିଲା, ଯାହା ପୁଣି ଥରେ ଭାଙ୍ଗିଗଲା। ମଧ୍ୟବିତ୍ତ ଶ୍ରେଣୀର ଅଭିଭାବକମାନେ କୋଚିଂ, ହଷ୍ଟେଲ, ପୁସ୍ତକ ଏବଂ ପ୍ରସ୍ତୁତି ପାଇଁ ସେମାନଙ୍କ ସାମର୍ଥ୍ୟଠାରୁ ଅଧିକ ଖର୍ଚ୍ଚ କରିଥିଲେ। ପରୀକ୍ଷା ବାତିଲ ହେବା ଫଳରେ ଏବେ କେବଳ ଆର୍ଥିକ କ୍ଷତି ନୁହେଁ, ବରଂ ମାନସିକ ସ୍ତରରେ ସେମାନେ ଭାଙ୍ଗି ପଡ଼ିଛନ୍ତି। ବହୁସ୍ତରୀୟ ସୁରକ୍ଷା, ଡିଜିଟାଲ୍ ନିରୀକ୍ଷଣ, ଫ୍ଲାଇଂ ସ୍କ୍ୱାଡ୍ ଏବଂ ସିଲ୍ ପ୍ରୋଟୋକଲ୍ ଭଳି ଦୃଢ଼ ବ୍ୟବସ୍ଥା ସତ୍ତ୍ୱେ ପେପର୍ ଲିକ୍ ଏବଂ ପ୍ରଶ୍ନ ମେଳ ଭଳି ଘଟଣା ବାରମ୍ବାର ଘଟୁଛି କାହିଁକି? ଏହା ପରୀକ୍ଷା ବ୍ୟବସ୍ଥା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇବା ସ୍ୱାଭାବିକ। ରାଜସ୍ଥାନର ସିକରର ଏକ କୋଚିଂ ସେଣ୍ଟରରେ ଏଚ୍ଏଲ୍ଏସ୍ ପେପର୍ ହେରଫେରର ମାମଲା ଦର୍ଶାଉଛି ଯେ ସମସ୍ୟା କେବଳ ପରୀକ୍ଷା କେନ୍ଦ୍ର ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ସମଗ୍ର ପ୍ରକ୍ରିୟାରେ ଗଭୀର ଭାବରେ ଜଡ଼ିତ ହୋଇପାରେ। ପ୍ରଶ୍ନପତ୍ର ପ୍ରସ୍ତୁତିଠାରୁ ଆରମ୍ଭ କରି ସଂରକ୍ଷଣ, ପରିବହନ ଏବଂ ବଣ୍ଟନ ପର୍ଯ୍ୟନ୍ତ ପ୍ରତ୍ୟେକ ପର୍ଯ୍ୟାୟରେ ସାମାନ୍ୟ ତ୍ରୁଟି ମଧ୍ୟ ସିଧାସଳଖ ସମଗ୍ର ପରୀକ୍ଷାର ବିଶ୍ୱସନୀୟତାକୁ ପ୍ରଭାବିତ କରେ।

ପ୍ରତ୍ୟେକ ଥର ଭୁଲ୍ ଆବିଷ୍କାର ହେଲେ ପରୀକ୍ଷା ବାତିଲ କରିବା ସମାଧାନ ନୁହେଁ। ଏହା ସିଧାସଳଖ ଛାତ୍ରଛାତ୍ରୀଙ୍କ ଉପରେ ବୋଝ ଲଦି ଦିଏ, ଯେତେବେଳେ ପ୍ରକୃତରେ ଭୁଲ୍ କରିଥିବା ବ୍ୟବସ୍ଥା ପ୍ରାୟତଃ ଦାୟିତ୍ୱରୁ ବଞ୍ଚିଯାଏ। ଏହି ଚକ୍ରର ବାରମ୍ବାର ପୁନରାବୃତ୍ତି ହେଉଥିଲେ ହେଁ ଏକ ସ୍ପଷ୍ଟ ଦାୟିତ୍ୱ ଢାଞ୍ଚା ଏ ପର୍ଯ୍ୟନ୍ତ ଦୁର୍ବଳ ରହିବା ଦୁର୍ଭାଗ୍ୟଜନକ। ବହୁସ୍ତରୀୟ ସୁରକ୍ଷା ସତ୍ତ୍ୱେ କେଉଁ ପର୍ଯ୍ୟାୟରେ ଏବଂ କାହାର ଅବହେଳା ଯୋଗୁଁ ଭୁଲଗୁଡ଼ିକ ବାରମ୍ବାର ଘଟୁଛି? ଛାତ୍ରଛାତ୍ରୀମାନଙ୍କୁ ପୁନଃଆବେଦନ କରିବାକୁ ପଡ଼ିବ ନାହିଁ ଏବଂ ସେମାନଙ୍କର ଫି' ଫେରସ୍ତ କରାଯିବ ବୋଲି ଏନ୍ଟିଏର ଘୋଷଣା କେବଳ ଏକ ଆନୁଷ୍ଠାନିକ ପ୍ରଶାସନିକ ଘୋଷଣା ପରି ମନେହୁଏ, ଯେତେବେଳେ କି ଅନ୍ତର୍ନିହିତ ସଙ୍କଟର ଏ ପର୍ଯ୍ୟନ୍ତ ସମାଧାନ ହୋଇନାହିଁ। କୋଚିଂର ଧାର୍ଯ୍ୟ ସମୟ ଶେଷ ହୋଇଛି। ପରୀକ୍ଷା ଦେଇ ସାରିବା ପରେ ଛାତ୍ରଛାତ୍ରୀମାନେ ଦୀର୍ଘ ପ୍ରସ୍ତୁତିରୁ ବିରାମ ନେଉଥିବେ। ଏହି ସମୟରେ ପୁଣି ଥରେ ପରୀକ୍ଷା ନିଶ୍ଚିତ ହେବା ସେମାନଙ୍କ ମାନସିକ ଅସ୍ଥିରତାକୁ ବୃଦ୍ଧି କରିବ। ନୂତନ ପରୀକ୍ଷା ତାରିଖକୁ ନେଇ ଅନିଶ୍ଚିତତା ସମଗ୍ର ଡାକ୍ତରୀ ପ୍ରବେଶ କ୍ୟାଲେଣ୍ଡରକୁ ବ୍ୟାହତ କରିବ। ଡାକ୍ତରୀ ପାଠ୍ୟକ୍ରମର ଅଧିବେଶନରେ ସମ୍ଭାବ୍ୟ ବିଳମ୍ବ କେବଳ ଗୋଟିଏ ବ୍ୟାଚ୍ ମଧ୍ୟରେ ସୀମିତ ରହିବ ନାହିଁ, ବରଂ ସମଗ୍ର ଡାକ୍ତରୀ ଶିକ୍ଷା ବ୍ୟବସ୍ଥାକୁ ପ୍ରଭାବିତ କରିବ। ପ୍ରତ୍ୟେକ ସ୍ଥଗିତ ତାରିଖର ଅର୍ଥ, ଛାତ୍ରମାନଙ୍କ ଜୀବନରେ ସମୟ, ସୁଯୋଗ ଏବଂ ଭବିଷ୍ୟତର ନିରନ୍ତର କ୍ଷତି।

ଅନେକ ଶ୍ରେଷ୍ଠ ପ୍ରତିଷ୍ଠାନରେ ପ୍ରବେଶ ନିଟ୍ ଉପରେ ନିର୍ଭର କରେ ଏବଂ ଯଦି ସେହି ପରୀକ୍ଷାର ସ୍ୱଚ୍ଛତା ପ୍ରଶ୍ନବାଚୀ ହୋଇଯାଏ, ତେବେ ସମଗ୍ର ଡାକ୍ତରୀ ଭବିଷ୍ୟତ ଅସ୍ଥିର ହୋଇଯାଏ। ଛାତ୍ର ଅସନ୍ତୋଷ ଆଉ କେବଳ ଭାବପ୍ରବଣତା ନୁହେଁ, ବରଂ ଏକ ସଂଗଠିତ ଏବଂ ନିର୍ଣ୍ଣାୟକ ଦାବିରେ ପରିଣତ ହୋଇଛି- କଠୋର ସୁରକ୍ଷା, ପ୍ରକୃତ ଡିଜିଟାଲ୍ ସ୍ୱଚ୍ଛତା ଏବଂ ସ୍ୱାଧୀନ ତଦାରଖ ପାଇଁ। ଯଦିଓ ସିବିଆଇ ତଦନ୍ତର ଘୋଷଣା ଦୋଷୀମାନଙ୍କୁ ନ୍ୟାୟ ପ୍ରଦାନ କରିବାର ଆଶା ସୃଷ୍ଟି




କରିଥାଇ ପାରେ, କେବଳ ତଦନ୍ତ ସମସ୍ୟାର ସମାଧାନ କରି ପାରିବ ନାହିଁ। ପ୍ରକୃତ ଆବଶ୍ୟକତା ହେଉଛି, ଗଭୀର ବ୍ୟବସ୍ଥାଗତ ସଂସ୍କାର, ଯାହା ପ୍ରଯୁକ୍ତିବିଦ୍ୟାଠାରୁ ଆଗକୁ ଯାଇ ପ୍ରଶାସନିକ ଗଠନ ଏବଂ ଢାଞ୍ଚା- ଉଭୟକୁ ମଜଭୁତ କରିବ। ସ୍ପଷ୍ଟ ଏବଂ କଠୋର ଉତ୍ତରଦାୟିତ୍ୱ ବିନା ଏପରି ଘଟଣାର ପୁନରାବୃତ୍ତିକୁ ରୋକିବା କଷ୍ଟକର ହେବ। ନିଟ୍ ଭଳି ଏକ ମର୍ଯ୍ୟାଦାଜନକ ପରୀକ୍ଷାରେ ବସିବା ପାଇଁ ବର୍ଷ ବର୍ଷ ଧରି ଛାତ୍ରୀଛାତ୍ରମାନେ ଦିନ ଓ ରାତିକୁ ଏକ କରି ଦିଅନ୍ତି। ପରୀକ୍ଷା କେନ୍ଦ୍ରରେ ଯେପରି ସ୍ୱଚ୍ଛ ଓ ନିର୍ଭୁଲ୍ ଭାବେ ପରୀକ୍ଷା ହୋଇ ପାରିବ, ସେଥିପାଇଁ ପରୀକ୍ଷାର୍ଥୀଙ୍କ ନିମନ୍ତେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ମାର୍ଗଦର୍ଶିକା ପ୍ରସ୍ତୁତ ହୋଇଥାଏ। ହାଲୁକା, ଅଧା ହାତବିଶିଷ୍ଟ ପୋଷାକ, ଯାହା ଭାରି ଏମ୍ବ୍ରୟଡରୀ, ପକେଟ୍, ଜିପର୍ କିମ୍ବା ବଡ଼ ବଟନ୍ ବିନା ହୋଇଥିବ। କମ୍ ହିଲ୍‌ର ଚପଲ ହୋଇଥିବ। ପ୍ରାର୍ଥୀମାନଙ୍କୁ ସମ୍ପୂର୍ଣ୍ଣ ତଲାସି ପାଇଁ ଶେଷ ରିପୋର୍ଟିଂ ସମୟର ଅତି କମ୍‌ରେ ଗୋଟିଏ ଘଣ୍ଟା ପୂର୍ବରୁ ରିପୋର୍ଟ କରିବାକୁ ପଡ଼ିବ। ବାରଣ କରାଯାଇଥିବା ଜିନିଷ, ଯେପରିକି ମୋବାଇଲ୍ ଫୋନ୍, ବ୍ଲୁ-ଟୁଥ୍, ଇୟରଫୋନ୍, ମାଇକ୍ରୋଫୋନ୍, ପେଜର, ସ୍ୱାସ୍ଥ୍ୟ ବ୍ୟାଣ୍ଡ, କ୍ୟାମେରା, ଘଣ୍ଟା (ସ୍ମାର୍ଟ କିମ୍ବା ଆନାଲଗ୍) ଏବଂ କାଲକୁଲେଟର ନିଷେଧ। ବ୍ୟକ୍ତିଗତ ଜିନିଷ, ଯେପରିକି ୱାଲେଟ୍, ଚଷମା, ହ୍ୟାଣ୍ଡବ୍ୟାଗ୍, ବେଲ୍ଟ ଏବଂ କ୍ୟାପ୍ ବି ପରୀକ୍ଷା କେନ୍ଦ୍ରକୁ ନେବା ନିଷେଧ। ଅଳଙ୍କାର ଭିତରେ ଯେ କୌଣସି ଧାତୁ ଜିନିଷ, ମୁଦି, କାନଫୁଲ, ନାକ ପିନ୍ କିମ୍ବା ହାର ଓ ଷ୍ଟେସନାରୀରେ କଲମ, ପେନ୍ସିଲ୍, କାଗଜ, ପାଉଚ୍, ଜ୍ୟାମିତି ବାକ୍ସ, କିମ୍ବା ହ୍ୱାଇଟ୍‌ବୋର୍ଡ ନେବା ନିଷେଧ ହୋଇଥାଏ। ପ୍ୟାକ୍ ହୋଇଥିବା କିମ୍ବା ଖୋଲା ଖାଦ୍ୟ ସାମଗ୍ରୀ, ପାଣି ବୋତଲ (ଅନୁମତି ନଥିଲେ) ଏବଂ ଚା'/କଫି ସମ୍ପୂର୍ଣ୍ଣ ବାରଣ। ଦୁଃଖର କଥା ଯେ କୋମଳମତି ଛାତ୍ରୀଛାତ୍ରଙ୍କ ପାଇଁ ଏତେସବୁ କଟକଣା, ହେଲେ ପରୀକ୍ଷା ଆୟୋଜନକରୀଙ୍କ ପାଇଁ ସବୁ ମୁକୁଳା ଓ ମାଫ୍। ଥରେଅଧେ ନୁହେଁ, ଥରକୁ ଥର ଏପରି ଦୁର୍ଭାଗ୍ୟଜନକ ଘଟଣା ଆମ ଦେଶରେ ଘଟୁଛି। ଥରେ ଭାବନ୍ତୁ ତ, ଯେଉଁ ପରୀକ୍ଷାର୍ଥୀମାନେ ଏହି ନିଟ୍ ପରୀକ୍ଷାକୁ ନେଇ ଦିନରାତି ଅସୁମାରୀ ସ୍ୱପ୍ନ ଦେଖିଥିବେ, ସେମାନଙ୍କ ମାନସିକ ଅବସ୍ଥା କ'ଣ ହେଉଥିବ?

ଯେତେବେଳେ ୨.୨ ନିୟୁତରୁ ଅଧିକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପାଇଁ ନିର୍ଣ୍ଣାୟକ ଏକ ପରୀକ୍ଷା ବାରମ୍ବାର ବିବାଦରେ ଫସିଯାଏ, ଏହା କେବଳ ଏକ ଶିକ୍ଷାଗତ ବିଫଳତା ନୁହେଁ, ବରଂ ଜାତୀୟ ପ୍ରତିଭାର କ୍ଷୟର ଏକ ଗମ୍ଭୀର ସଙ୍କେତ। ଏହି ପରିସ୍ଥିତି ଆଉ ଏକ ସାଧାରଣ ଚିନ୍ତା ନୁହେଁ, ବରଂ ଏକ ସ୍ପଷ୍ଟ ଚେତାବନୀ ଯେ ଯଦି ତୁରନ୍ତ ଠୋସ୍ ଏବଂ ନିର୍ଣ୍ଣାୟକ ପଦକ୍ଷେପ ନିଆ ନଯାଏ, ତେବେ ବ୍ୟବସ୍ଥା ଉପରେ ବିଶ୍ୱାସ ସମ୍ପୂର୍ଣ୍ଣ ଭାବରେ ଭାଙ୍ଗିଯାଇ ପାରେ। ଏବେ ଏକ ଗମ୍ଭୀର ପ୍ରଶ୍ନ ମନରେ ଉଙ୍କି ମାରୁଛି ଯେ ଛାତ୍ରଛାତ୍ରୀମାନେ କ'ଣ ସର୍ବଦା ପରୀକ୍ଷା ଅନିଶ୍ଚିତତା, ବାତିଲ ଏବଂ ପୁନଃପ୍ରସ୍ତୁତିରେ ଭାରାକ୍ରାନ୍ତ ହେବେ? କୌଣସି ତଦନ୍ତ କିମ୍ବା ଆନୁଷ୍ଠାନିକ ପ୍ରତିଶ୍ରୁତି ଦ୍ୱାରା ଏହାର ଉତ୍ତର ଦିଆଯାଇ ପାରିବ ନାହିଁ। ଯାହା ଆବଶ୍ୟକ, ତାହା ହେଉଛି ଏକ ଦୃଢ଼ ଏବଂ ଦାୟିତ୍ୱବାନ୍ ବ୍ୟବସ୍ଥା, ଯେଉଁଠାରେ ତ୍ରୁଟିର ସମ୍ଭାବନାକୁ ସର୍ବନିମ୍ନ କରାଯିବ ଏବଂ ପ୍ରତ୍ୟେକ ସ୍ତରରେ ଦାୟିତ୍ୱ ସ୍ପଷ୍ଟ ହେବ। ଅନ୍ୟଥା ବିଶ୍ୱାସର ଏହି ସଙ୍କଟ ଗଭୀର ହେବ ଏବଂ ପ୍ରତିଭା ସବୁଠାରୁ ବଡ଼ ମୂଲ୍ୟ ଦେବ।

ମୋ: ୯୪୩୭୨୩୨୪୬୩

# ସତ୍ୟବାନ, ସାବିତ୍ରୀ ଓ ସନାତନ ଧର୍ମ



ବିମ୍ବାଧର ଦାସ

ମହାରାଜ ଅଶ୍ୱପତିଙ୍କ କନ୍ୟା ସାବିତ୍ରୀ ବନ ବିହାର ସମୟରେ ଅବନ୍ତୀ ରାଜ ଦ୍ୟୁମତସେନଙ୍କ ପୁତ୍ର ସତ୍ୟବାନଙ୍କ ରୂପ ଗୁଣରେ ଆକୃଷ୍ଟ ହୋଇ ତାଙ୍କୁ ମନେ ମନେ ପତି ରୂପେ ବରଣ କରିଥିଲେ। ଦ୍ୟୁମତସେନ ସେ ସମୟରେ ଶତ୍ରୁମାନଙ୍କ ଦ୍ୱାରା ରାଜ୍ୟରୁ ବିତାଡ଼ିତ ହୋଇ ବଣରେ ରହୁଥିଲେ। ତାଙ୍କର ଦୃଷ୍ଟିଶକ୍ତି ନଥିଲା। ପିତା ଅଶ୍ୱପତି ସାବିତ୍ରୀଙ୍କ ମନୋଭାବ ଜାଣି ନାରଦ ମହର୍ଷିଙ୍କ ପରାମର୍ଶ ନେଲେ। ଜ୍ୟୋତିର୍ବିଦ୍ୟାର ଅନ୍ୟତମ ପ୍ରବର୍ତ୍ତକ ଦେବର୍ଷି ନାରଦ ଉଭୟଙ୍କ ଜାତକ ଦେଖି ସତ୍ୟବାନ ଆଉ ଏକ ବର୍ଷରୁ ଅଧିକ ବଞ୍ଚିବେ ନାହିଁ ବୋଲି ସୂଚନା ଦେଇ ଏ ବିବାହ ପ୍ରସ୍ତାବରେ ଆଗେଇବାକୁ ବାରଣ କରିଥିଲେ। କିନ୍ତୁ ସାବିତ୍ରୀଙ୍କ ପାଇଁ ସତ୍ୟବାନ ପ୍ରଥମ ଓ ଶେଷ ପୁରୁଷ ଥିଲେ। ଅନ୍ୟ ପୁରୁଷଙ୍କ ବିଷୟରେ ଭାବିବା ହିଁ ସତୀତ୍ୱର ପରିପନ୍ଥୀ କହି ସତୀ ସାଧ୍ୱୀ ସାବିତ୍ରୀ ନିଜ ସଂକଳ୍ପରୁ ଓହରି ନଥିଲେ।

ସାବିତ୍ରୀଙ୍କ ବିବାହ ବନ ମଧ୍ୟରେ ହୋଇଥିଲା। ସେ ରାଜପ୍ରାସାଦ ତ୍ୟାଗ କରି ସ୍ୱାମୀ ଓ ଶାଶୂ ଶ୍ୱଶୁରଙ୍କ ସହିତ ପର୍ଣ୍ଣ କୁଟୀରରେ ବାସ କଲେ। ଶାଶୂ ଶ୍ୱଶୁରଙ୍କ ସେବାରେ ଜୀବନକୁ ଉତ୍ସର୍ଗ କରିଥିଲେ। ବଣ ମଧ୍ୟରେ ଦୁଃଖ କଷ୍ଟପୂର୍ଣ୍ଣ ଜୀବନଯାପନ କରି ସୁଦ୍ଧା ସାବିତ୍ରୀଙ୍କ ମନରେ କୌଣସି ଗ୍ଲାନି ନଥିଲା। ସତ୍ୟବାନଙ୍କ ବୟସ ସମ୍ବନ୍ଧରେ ନାରଦ କହିଥିବା କଥାକୁ ମନେ ରଖି ସେ କ୍ଷଣେ ମଧ୍ୟ ସ୍ୱାମୀଙ୍କ ସଙ୍ଗ ତ୍ୟାଗ କରୁ ନଥିଲେ। ହେଲେ ବିବାହର ଏକ ବର୍ଷ ବିତି ଯାଇଛି। ସବୁ ଦିନ ପରି ସାବିତ୍ରୀ ସ୍ୱାମୀଙ୍କ ସହ ବଣକୁ ଯାଇଥିଲେ। ସତ୍ୟବାନ କାଠ କାଟୁ କାଟୁ ମୁଣ୍ଡରେ ପୀଡ଼ା ଅନୁଭବ କଲେ। ଏଣୁ ସେ ସାବିତ୍ରୀଙ୍କ ନିକଟକୁ ଯାଇ ପୀଡ଼ା ବିଷୟରେ ବିଶଦ ଭାବେ କହିବା ପରେ ତାଙ୍କ କୋଳରେ ମୁଣ୍ଡ ରଖି ଶୋଇ ପଡ଼ିଲେ। ସାବିତ୍ରୀ ସେତେବେଳେ ନାରଦଙ୍କ କଥାକୁ ସ୍ମରଣ କଲେ; ଏହି ସମୟରେ ସେ ରକ୍ତ ବର୍ଣ୍ଣର ବସ୍ତ୍ର ପିନ୍ଧିଥିବା ଏକ ଦୀର୍ଘକାୟ ପୁରୁଷଙ୍କୁ ଦେଖିଲେ। ସେ ମୁକୁଟ ଧାରଣ କରିଥିଲେ ଏବଂ ସୂର୍ଯ୍ୟଙ୍କ ସଦୃଶ ତେଜୀୟାନ ଥିଲେ। ତାଙ୍କ ଶରୀର କୃଷ୍ଣବର୍ଣ୍ଣ ଏବଂ ଚକ୍ଷୁ ରକ୍ତବର୍ଣ୍ଣ ଥିଲା। ସେ ହାତରେ ଫାଶ ଧାରଣ କରି ସତ୍ୟବାନଙ୍କୁ ଚାହିଁକରି ରହିଥିଲେ। ତାଙ୍କୁ ଦେଖି ସାବିତ୍ରୀ ପରିଚୟ ମାଗିବାରୁ ସେ ନିଜକୁ ଯମ ବୋଲି କହିଥିଲେ। ଯମ ସାବିତ୍ରୀଙ୍କୁ ନିଜେ ଆସିବାର କାରଣ କହିଲେ- ଏହି ସତ୍ୟବାନ ଅତ୍ୟନ୍ତ ଧର୍ମପରାୟଣ, ରୂପବାନ ଏବଂ ସର୍ବଗୁଣସମ୍ପନ୍ନ ଅଟନ୍ତି। ଏଣୁ ମୋ ଦୂତମାନେ ତାଙ୍କ ପ୍ରାଣକୁ ନେବା ପାଇଁ ସମର୍ଥ ନୁହନ୍ତି, ଏଣୁ ପ୍ରବାଦ ଅଛି- ଧର୍ମ ରକ୍ଷତି ଧାର୍ମିକଂ। ଧର୍ମ ହିଁ ମନୁଷ୍ୟର ଶ୍ରେଷ୍ଠ ସମ୍ପଦ। ଧାର୍ମିକ ଇହଲୋକରେ ଶାନ୍ତି ଏବଂ ପରଲୋକରେ ସୁଖ ଲାଭ କରେ। ଧାର୍ମିକକୁ ବୈକୁଣ୍ଠରେ ସ୍ଥାନ ମିଳେ; ଏହା ଅକ୍ଷରେ ଅକ୍ଷରେ ସତ୍ୟ। ସତ୍ୟବାନଙ୍କ ଶରୀରରୁ ବୁଢ଼ା ଆଙ୍ଗୁଠି ପ୍ରମାଣ ନିଜ ଆୟତ୍ତ କ୍ଷୁଦ୍ର ପ୍ରାଣପୁରୁଷକୁ କାଳଫାଶରେ ବାନ୍ଧି ବଳପୂର୍ବକ ବାହାର କଲେ। ହଜାର ହଜାର ବର୍ଷ ପୂର୍ବେ ମୁନି ଋଷିମାନେ ଦିବ୍ୟଚକ୍ଷୁରେ ଦେଖି ବର୍ଣ୍ଣନ କରିଥିବାର କଥା ଆଜିକାଲିର ବୈଜ୍ଞାନିକ ଯୁଗରେ ମଧ୍ୟ ସତ୍ୟ ରୂପେ ପରିଣତ ହେଉଛି। ରୁଷିଆରେ ଏକ ପ୍ରକାର କ୍ୟାମେରା ବାହାର କରାଯାଇଛି, ଯାହା ସାହାଯ୍ୟରେ ଶରୀର ମଧ୍ୟସ୍ଥ ଅନ୍ୟ ଏକ ସୂକ୍ଷ୍ମ ଶରୀର ବା ଛାୟା ଶରୀରର ଫଟୋ ନିଆଯାଇ ପାରୁଛି। ସତ୍ୟବାନଙ୍କୁ ଫାଶରେ ନେଇ ଯାଉଥିବା ଯମଙ୍କୁ ସାବିତ୍ରୀ ଅନୁସରଣ କରିବାରୁ ସେ ତାଙ୍କୁ କହିଲେ, ହେ ସାବିତ୍ରୀ! ତୁମେ ଫେରିଯାଅ; ସ୍ୱାମୀଙ୍କ ସଂସ୍କାର କ୍ରିୟା କର; ତୁମେ ପତିଙ୍କଠାରୁ ଋଣମୁକ୍ତ ହୋଇଛ ଏବଂ ଯେତିକି ଦୂର ଆସିବା କଥା, ଆସିଲଣି। ଏଥର ଫେରିଯାଅ। ସନାତନ ଧର୍ମ ଅନୁସାରେ ସତୀ ସାଧ୍ୱୀ ସାବିତ୍ରୀ ପ୍ରତ୍ୟୁତ୍ତର ଦେଲେ- ପତି ହେଉଛନ୍ତି ପତ୍ନୀର ସର୍ବସ୍ୱ; ପତି ବିନା ପତ୍ନୀର ଅନ୍ୟ ଗତି ନାହିଁ। ପତିଙ୍କର କାୟ ମନୋବାକ୍ୟରେ ସେବା କରିବା ସ୍ତ୍ରୀର ଏକାନ୍ତ କର୍ତ୍ତବ୍ୟ।

ସାବିତ୍ରୀ କହିଛନ୍ତି- ମନ୍ତମେ ନିୟତେ ଭର୍ତ୍ତାସ୍ୱୟଂ ବା ତତ୍ର ଗଚ୍ଛତି ମୟା ଚ ତତ୍ର ଗନ୍ତବ୍ୟ ମେଷ ଧର୍ମଃ ସନାତନଃ। ଯମରାଜ ଓ ସାବିତ୍ରୀଙ୍କ ମଧ୍ୟରେ ଏହା ପରେ ଆଲୋଚନା ହୋଇଛି। ସାବିତ୍ରୀ କହିଲେ, ସାତ ପାଦ ଏକାଠି କଥାବାର୍ତ୍ତା ହୋଇ ଆସିଲେ ମିତ୍ରତା ଜାତ ହୁଏ। ଏ ଦୃଷ୍ଟିରୁ ଆମର ମଧ୍ୟ ମିତ୍ରତା ଜାତ ହୋଇଛି। ପ୍ରାହୁଃ ସପ୍ତପଦଂ ମୈତ୍ରଂ ବୁଧଃ ତତ୍ତ୍ୱଦର୍ଶିନଃ। ସାବିତ୍ରୀ ଯମଙ୍କୁ ଧର୍ମ ସମ୍ବନ୍ଧରେ କହିଛନ୍ତି। ବଣରେ ଅନେକ ଆତ୍ମଦର୍ଶୀ ଜ୍ଞାନୀ ମୁନି ଋଷି ବାସ କରନ୍ତି; ସଜ୍ଜନମାନେ ଧର୍ମକୁ ସର୍ବପ୍ରଧାନ ବୋଲି କୁହନ୍ତି। ଯମ କହିଲେ, ହେ ସାବିତ୍ରୀ ତୁମେ ଫେରିଯାଅ; ତୁମର ସ୍ୱର ବ୍ୟଞ୍ଜନ ବର୍ଣ୍ଣ ସମ୍ମିଳିତ କୋମଳ ଓ ବ୍ୟଞ୍ଜନାପୂର୍ଣ୍ଣ କଥାରେ ମୁଁ ଅତ୍ୟନ୍ତ ସନ୍ତୁଷ୍ଟ ହେଲି। ଏଠାରେ ଏହି ସତ୍ୟବାନଙ୍କ ଜୀବନ ବିନା ତୁମେ ଯେ କୌଣସି ବର ମାଗ, ମୁଁ ତାହା ଦେବାକୁ ପ୍ରସ୍ତୁତ ଅଛି। ସାବିତ୍ରୀ ସର୍ବପ୍ରଥମେ ଶ୍ୱଶୁର ଦ୍ୟୁମତସେନଙ୍କ ଚକ୍ଷୁଲାଭ କରିବା ପାଇଁ ପ୍ରଥମ ବର ଯାଚନା କଲେ। ଯମ ଏହା ପରେ ସେଠାରୁ ପ୍ରତ୍ୟାବର୍ତ୍ତନ କରିବାକୁ କହିବାରୁ ସାବିତ୍ରୀ କହିଲେ, ପତି ବିନା ମୋର ଗତି ନାହିଁ। ହେ ଦେବାତ୍ମା! ଅର୍ଥାତ୍ ନାରୀର ଏକମାତ୍ର ଗତି ବା ଆଶ୍ରୟ ପତି; ଗତିରେକା ପତିର୍ନାର୍ଯ୍ୟାଃ; ଇହ ବା ପର ଲୋକରେ ସ୍ୱାମୀ ହିଁ ତା'ର ଏକମାତ୍ର ସମ୍ବଳ। ସାବିତ୍ରୀ ସ୍ୱାମୀଙ୍କ ନିକଟରେ ଥିବାରୁ ଫେରିଯିବାକୁ ଇଚ୍ଛା କରୁ ନାହାନ୍ତି। ତା'ର କାରଣ ସଜ୍ଜନ ସଙ୍ଗତି। ଶଙ୍କରାଚାର୍ଯ୍ୟ ମଧ୍ୟ ସଜ୍ଜନ ସଙ୍ଗତିର ମାହାତ୍ମ୍ୟ ବର୍ଣ୍ଣନା କରି- 'ମୋହ ମୁଦ୍‌ଗର'ରେ କହିଛନ୍ତି- କ୍ଷଣମପି ସଜ୍ଜନ ସଙ୍ଗତି ରେକା ଭବତିଭବାର୍ଣ୍ଣବ ତରଣେ ନୌକା।' ଏହି ସଂସାର ସାଗର ତରିବା ପାଇଁ ସଜ୍ଜନ ସଙ୍ଗତି ନୌକା ପରି କାର୍ଯ୍ୟ କରେ। ସାବିତ୍ରୀ ଯମରାଜଙ୍କୁ ପରମ ସାଧୁ ବୋଲି ବିବେଚନା କରିବାରୁ ସାବିତ୍ରୀଙ୍କ ଶାସ୍ତ୍ର ସମ୍ବଳ ନୀତିପୂର୍ଣ୍ଣ ବଚନ ଶୁଣି ଦ୍ୱିତୀୟ ବର ମାଗିବାକୁ ଅନୁମତି ପ୍ରଦାନ କରିଥିଲେ। ଦ୍ୱିତୀୟ ବର ହେଉଛି, ତାଙ୍କର ପୁତ୍ରହୀନ ପିତା ଶହେ ପୁତ୍ରର ଜନକ ହେବେ।




ସାବିତ୍ରୀ ଯମଙ୍କ ନାମର ସାର୍ଥକତା ପ୍ରମାଣ କରି କହିଛନ୍ତି, 'ହେ ଧର୍ମରାଜ! ଆପଣ ପ୍ରାଣୀ ସମୂହକୁ ନିୟମରେ ସଂରକ୍ଷଣ କରିଛନ୍ତି। ସେହି ନିୟମାନୁସାରେ ଯେତେବେଳେ ଇଚ୍ଛା କରିଛନ୍ତି, ସେତେବେଳେ ଏହି ପ୍ରାଣୀମାନଙ୍କୁ ବାନ୍ଧି ନେଇଛନ୍ତି। ଏହି ପାଳନ ହେତୁ ଆପଣଙ୍କୁ 'ଯମ' ବୋଲି କୁହାଯାଏ।

ସାବିତ୍ରୀ ସଜ୍ଜନମାନେ ସନାତନ ଧର୍ମ ମହତ୍ତ୍ୱ ସମ୍ବନ୍ଧରେ ଯମରାଜଙ୍କୁ କହିଛନ୍ତି ଯେ ସଜ୍ଜନମାନେ କାର୍ଯ୍ୟରେ ବିଚାରରେ ଏବଂ କଥାରେ ସମାନତା ପ୍ରଦର୍ଶନ କରି ପ୍ରାଣୀମାନଙ୍କ ମଙ୍ଗଳ କରନ୍ତି। ସେମାନଙ୍କୁ ଦୟା ଦେଖାନ୍ତି ଓ ଦାନ ଦିଅନ୍ତି। 'ଆତ୍ମବତ୍ ସର୍ବଭୂତେଷୁ' ଏହି ସଂସାରରେ ସାଧୁ ଅସାଧୁ; ପାପ ପୁଣ୍ୟ ଆଦି ସବୁ ଦେଖିବାକୁ ମିଳେ। ମନୁଷ୍ୟମାନେ ଶାନ୍ତି ବଳରେ ନିଜକୁ ଶ୍ରେଷ୍ଠ ମନେ କରନ୍ତି- ପରୋପକାରାୟ ସତାଂ ବିଭୁତୟଃ।

ସାବିତ୍ରୀଙ୍କ ଜ୍ଞାନଗର୍ଭକ କଥାରେ ଅତ୍ୟନ୍ତ ପ୍ରୀତ ହୋଇ ଯମ କହିଲେ ତୃଷାର୍ତ୍ତ ପ୍ରାଣୀଙ୍କୁ ଜଳ ଯେପରି ତୃପ୍ତ କରେ, ଠିକ୍ ସେହିପରି ତୁମେ କହିଥିବା କଥାରେ ମୁଁ ସନ୍ତୁଷ୍ଟ ହେଲି। ଏଣୁ ସତ୍ୟବାନଙ୍କ ଜୀବନ ବ୍ୟତୀତ ଆଉ ଯେଉଁ ବର ଇଚ୍ଛା କରୁଛ ମାଗ। ସାବିତ୍ରୀ କହିଲେ- ତାଙ୍କର ପୁତ୍ରହୀନ ପିତା ଶତ ପୁତ୍ରର ଜନକ ହେବେ। ଲୋକ ସଜ୍ଜନମାନଙ୍କଠାରେ ଯେପରି ବିଶ୍ୱାସ ସ୍ଥାପନ କରେ, ସେପରି ନିଜଠାରେ ମଧ୍ୟ କରେନାହିଁ। ସଜ୍ଜନମାନେ କାୟ ମନୋବାକ୍ୟରେ ଏକରୂପୀ ଅଟନ୍ତି। ଏଣୁ କୁହାଯାଇଛି, 'ଚିତ୍ତେ ବାଚି କ୍ରିୟାୟଂଚ ସାଧୁନାମେକ ରୂପତା।' ପୁନଶ୍ଚ, ମିତ୍ରତାରୁ ହିଁ ସମସ୍ତ ପ୍ରାଣୀଙ୍କ ବିଶ୍ୱାସ ଜାତ ହୁଏ। ସଜ୍ଜନମାନଙ୍କ ହୃଦୟ ଅତ୍ୟନ୍ତ ଉଦାର। 'ଉଦାର ଚରିତାନାଂ ତୁ ବସୁଧୈବ କୁଟୁମ୍ବକମ୍।' ସଜ୍ଜନମାନଙ୍କ ସତ୍ୟ ଓ ଧର୍ମ ବଳରେ ସୂର୍ଯ୍ୟ ଯାତାୟାତ କରୁଛନ୍ତି। ଯଥାର୍ଥରେ ପ୍ରବାଦ ଅଛି- 'ସତ୍ୟେ ତିଷ୍ଠତି ମେଦିନୀ ସ୍ୱର୍ଗଃ ସତ୍ୟେ ପ୍ରତିଷ୍ଠିତଃ।' ସାବିତ୍ରୀଙ୍କ ଭକ୍ତିପୂତ ତାତ୍ତ୍ୱିକ କଥା ଶୁଣି ଯମ ଅତ୍ୟନ୍ତ ପ୍ରୀତ ହୋଇ ପୁନଃ ବର ମାଗିବା ପାଇଁ କହିଲେ। ସାବିତ୍ରୀ କହିଲେ, ହେ ଦେବ! ଆପଣ ଯଦି ମୋ ଉପରେ ସନ୍ତୁଷ୍ଟ ହୋଇଛନ୍ତି, ତେବେ ମୋ ସତ୍ୟବାନଙ୍କ ଔରସରୁ ବଳବୀର୍ଯ୍ୟଶାଳୀ ଶତ ପୁତ୍ରର ଜନନୀ ହେବାର ଆଶୀର୍ବାଦ କରନ୍ତୁ। ଯମ କହିଲେ ତଥାସ୍ତୁ। ଯମରାଜ ସତ୍ୟବାନଙ୍କୁ ମୁକ୍ତ କରିଦେବା ଦ୍ୱାରା ସାବିତ୍ରୀଙ୍କ ପତିବ୍ରତା ପଣର ପରାକାଷ୍ଠା ପ୍ରତିଷ୍ଠିତ ହେଲା। ଯୁଗେ ଯୁଗେ ସାବିତ୍ରୀଙ୍କ ଅଲୌକିକ ମହିମା ସାବିତ୍ରୀ ଅମାବାସ୍ୟା ରୂପେ ଏ ଧରା ବକ୍ଷରେ ଉଦ୍‌ଘୋଷିତ ହୋଇ ରହିଲା। ପତିବ୍ରତା ନାରୀର ମହିମା ହେଉଛି- ପତି ହି ଦେବତାଂ ସ୍ତ୍ରୀଣାଂ ପତିରେବ ପରାୟାଣମ। ଅନୁଗମ୍ୟଃ ସ୍ତ୍ରୀୟା ସାଧ୍ୱୀ ପତିଃ ପ୍ରାଣ ଧନେଶ୍ୱରଃ।

ପ୍ରାକ୍ତନ ସଂସ୍କୃତ ଶିକ୍ଷକ, ଖଦୋଳ, କଟକ
ମୋ: ୯୧୭୮୦୬୦୧୬୮

# ଗଣତନ୍ତ୍ର ପାଇଁ ଏକ ଅପୂର୍ବ ବିଜୟ

କେରଳରେ କଂଗ୍ରେସ ବ୍ୟବସ୍ଥାପିକା ଦଳର ଜଣେ ନେତାଙ୍କୁ ଚୟନ କରିବାର ନିଷ୍ପତ୍ତି ନେବାକୁ ୧୧ ଦିନ ଲାଗିବା ପରେ ଶେଷରେ ଏହା ହୋଇ ପାରିଛି ଗତ ବିଧାନସଭାରେ ବିରୋଧୀ ଦଳର ନେତାଙ୍କ ଭୂମିକା ତୁଲାଇ ଥିବା ଭିଡି ସତୀଶନ୍‌ଙ୍କ ମନୋନୟନ ପରେ। ଶ୍ରୀଯୁକ୍ତ ସତୀଶନ୍‌ଙ୍କୁ କେରଳର ମୁଖ୍ୟମନ୍ତ୍ରୀ ଭାବରେ ବଛାଯିବା ଯଥେଷ୍ଟ ମହତ୍ତ୍ୱପୂର୍ଣ୍ଣ। କେତେକ ଦୃଷ୍ଟିରୁ ଏହା ହେଉଛି ମତଦାତାମାନଙ୍କର ଏକ ବୃହତ୍ ଆନ୍ତଃ-ବର୍ଗଙ୍କ ପାଇଁ ବିଜୟ, ଯେଉଁମାନେ କି ସଦ୍ୟ ସମାପ୍ତ ବିଧାନସଭା ନିର୍ବାଚନରେ କଂଗ୍ରେସ ନେତୃତ୍ୱାଧୀନ ସଂଯୁକ୍ତ ଗଣତାନ୍ତ୍ରିକ ମେଣ୍ଟ (ୟୁଡିଏଫ୍)କୁ ଭରପୂର ସମର୍ଥନ ଦେଇଥିଲେ। କଂଗ୍ରେସ ହାଇକମାଣ୍ଡ କେରଳରେ ମୁଖ୍ୟମନ୍ତ୍ରୀ ଭାବରେ ଏଆଇସିସିର ସାଧାରଣ ସମ୍ପାଦକ କେସି ଭେନୁଗୋପାଳଙ୍କୁ ଅଧିଷ୍ଠିତ କରାଇବାକୁ ଚାହୁଁଥିଲେ, ଯିଏ ନିର୍ବାଚନ ଲଢ଼ି ନଥିଲେ, କିନ୍ତୁ ବ୍ୟବସ୍ଥାପିକା ସଭାରେ ତାଙ୍କ ପକ୍ଷରେ ଏହି ସର୍ବୋଚ୍ଚ ପଦରେ ଅଧିଷ୍ଠିତ ହେବାକୁ ସଂଖ୍ୟାଗରିଷ୍ଠ ସଦସ୍ୟଙ୍କ ସମର୍ଥନ ରହିଥିବା ଦାବି କରୁଥିଲେ। ଜନସାଧାରଣଙ୍କ ପ୍ରତିବାଦ, ମେଣ୍ଟ ଦଳମାନଙ୍କର ଗୁରୁତ୍ୱାରୋପ ଏବଂ ଦଳର ବରିଷ୍ଠ କର୍ମକର୍ତ୍ତାମାନଙ୍କ ସତର୍କତାପୂର୍ଣ୍ଣ ପରାମର୍ଶ ଦିଲ୍ଲୀ ନେତୃତ୍ୱଙ୍କୁ ନିଜର ଚିନ୍ତାର ପୁନର୍ବିଚାର କରିବାକୁ ବାଧ୍ୟ କରିଥିଲା। ଭେନୁଗୋପାଳଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ଆସୀନ କରାଇବାକୁ ଆଗ୍ରହୀ ଥିବା ଭଳି ମନେ ହେଉଥିବା ଦଳ ପକ୍ଷରୁ କରାଯାଉଥିବା ଏପରି ବିଳମ୍ବ ଲୋକମାନଙ୍କୁ ପ୍ରହେଳିକାର ଘେର ଭିତରେ ପକାଇ ଦେଇଥିବା ଭଳି ମନେ ହୋଇଥିଲା, କିନ୍ତୁ ନେତାଙ୍କ ଅପେକ୍ଷା ମତଦାତାମାନଙ୍କ ପ୍ରତି ଢଳିବାର ଅଭୂତପୂର୍ବ କାର୍ଯ୍ୟ ଗଣତନ୍ତ୍ର ପାଇଁ ଏକ ବଡ଼ ବିଜୟ କହିଲେ ଅତ୍ୟୁକ୍ତି ହେବନାହିଁ।

କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ ସିପିଆଇ(ଏମ୍) ନେତୃତ୍ୱାଧୀନ ବାମପନ୍ଥୀ ଗଣତାନ୍ତ୍ରିକ ମେଣ୍ଟ (ଏଲ୍‌ଡିଏଫ୍)କୁ ଗତ ନିର୍ବାଚନରେ ଗାଦିଚ୍ୟୁତ କରାଇବାରେ ସମର୍ଥ ହୋଇଥିଲା। ୨୦୨୧ ନିର୍ବାଚନରେ ଏଲ୍‌ଡିଏଫ୍ ବିଧାନସଭାରେ ୧୪୦ ଆସନ ମଧ୍ୟରୁ ୧୦୨ଟି ଆସନରେ ବିପୁଳ ବିଜୟ ଲାଭ କରି ଘୂର୍ଣ୍ଣାୟମାନ ଦରଜା ଦେଇ ପ୍ରବେଶ କରିଥିଲା। ୨୦୨୧ରେ ଦୁଇ ଗୋଟି ଲଗାତର ପରାଜୟ ଭୋଗି ୟୁଡିଏଫ୍ ଏକ ଦୁର୍ବଳ ହୋଇ ଯାଇଥିବା ଦଳର ପରିଚିତି ହାସଲ କରିଥିଲା; ଏବଂ ପିନାରାୟୀ ବିଜୟନ୍‌ଙ୍କ ନେତୃତ୍ୱାଧୀନ ସରକାର ବିକାଶ ଏବଂ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ଦୃଷ୍ଟିରୁ ପ୍ରଶଂସନୀୟ ରେକର୍ଡମାନ ହାସଲ କରି ଏକ ଦୁର୍ଜେୟ ସରକାର ଭାବରେ ମନେ ହୋଇଥିଲା। ଶ୍ରୀଯୁକ୍ତ ସତୀଶନ୍ 'ୟୁଡିଏଫ୍ ଟିମ୍' ଶବ୍ଦ ସୃଷ୍ଟି କରିଥିଲେ ଏବଂ ନିଜର ଦଳ ତଥା ୟୁଡିଏଫ୍‌ର ମିତ୍ର ଦଳଗୁଡ଼ିକଙ୍କ ମଧ୍ୟରେ ଆସ୍ଥାର ଏକ ଲହରୀକୁ ପ୍ରବେଶ କରାଇ ପାରିଥିଲେ ଯେ ସେମାନେ ଏଲ୍‌ଡିଏଫ୍‌ର କଡ଼ା ମୁକାବିଲା କରି ପାରିବେ। ବିଧାନସଭାର ଉପ-ନିର୍ବାଚନ ଏବଂ ୨୦୨୪ ଲୋକସଭା ନିର୍ବାଚନରେ ବିପୁଳ ବିଜୟ ହାସଲ କରିବା ୟୁଡିଏଫ୍ କର୍ମୀମାନଙ୍କ ମନରେ ଶ୍ରୀଯୁକ୍ତ ସତୀଶନ୍‌ଙ୍କ ନେତୃତ୍ୱ ପ୍ରତି ବିଶ୍ୱାସ ସୃଷ୍ଟି କରିବାର କାରଣ ଥିଲା। କେବଳ ୟୁଡିଏଫ୍ ଏବଂ ଏହାର ରଣନୀତି ସାମ୍ପ୍ରତିକ ବିଜୟ ଦିଗରେ ମେଣ୍ଟର ପଥ କଢ଼ାଇ ନେଇ ନଥିଲା। ଏଲ୍‌ଡିଏଫ୍ ସରକାର ମଧ୍ୟ ପୁନର୍ଗଠିତ ଟିମ୍ ୟୁଡିଏଫ୍‌କୁ ଶକ୍ତିଶାଳୀ କରିବା ନିମନ୍ତେ ବାରୁଦ ଯୋଗାଇ ଚାଲିଥିଲା। ଏଲ୍‌ଡିଏଫ୍‌ର ରାଜନୀତିକ ଯୁକ୍ତିଗୁଡ଼ିକରେ ରହିଥିବା ତ୍ରୁଟିପୂର୍ଣ୍ଣ ରେଖାଗୁଡ଼ିକୁ ଚିହ୍ନଟ କରିବାରେ ଶ୍ରୀଯୁକ୍ତ ସତୀଶନ୍‌ଙ୍କ ଭିତରେ ରହିଥିବା ରଣନୀତି ପ୍ରସ୍ତୁତିର କଳାକୁ ଖୋରାକ ଯୋଗାଇ ଥିଲା, ଯାହାକି ସଂଖ୍ୟାରେ ଯଥେଷ୍ଟ ଅଧିକ ଥିଲା, ଏବଂ ସେସବୁ ଉପରେ ଆଘାତ କରିବା ପାଇଁ ସାମର୍ଥ୍ୟ ମଧ୍ୟ।

ଲୋକସଭା ନିର୍ବାଚନରେ ହୋଇଥିବା କ୍ଷତି ଏବଂ ହିନ୍ଦୁ ଭୋଟ୍ ବ୍ୟାଙ୍କ୍‌ର ଅବକ୍ଷୟ ସିପିଆଇ(ଏମ୍) ଏବଂ ଏଲ୍‌ଡିଏଫ୍‌କୁ ନୂଆ କୌଶଳ ଉପରେ ଉଦ୍ୟମ କରିବାକୁ ପ୍ରୋତ୍ସାହିତ କଲା, ଯାହା ସେମାନେ କେବେହେଲେ କେରଳରେ ପୂର୍ବରୁ ଗ୍ରହଣ କରି ନଥିଲେ। ସେମାନେ ସେମାନଙ୍କର ପୂର୍ବ ଦୃଢ଼ତାକୁ ଫେରି ପାଇବା ପାଇଁ ଏନ୍ଏସ୍ଏସ୍ ଏବଂ ଏସ୍ଏନ୍‌ଡିପିର ନେତାମାନଙ୍କୁ, ଶକ୍ତିଶାଳୀ ନାୟାର ଏବଂ ଇଜାଭା ସମ୍ପ୍ରଦାୟଗୁଡ଼ିକର ସଂଗଠନମାନଙ୍କୁ ସନ୍ତୁଷ୍ଟ କରିବାକୁ ଯତ୍ପରୋନାସ୍ତି କାର୍ଯ୍ୟ କଲେ। ସଂଖ୍ୟାଲଘୁ ସମ୍ପ୍ରଦାୟମାନଙ୍କ, ବିଶେଷକରି ମୁସଲମାନମାନଙ୍କ ବିରୁଦ୍ଧରେ ଏସ୍ଏନ୍‌ଡିପି ଯୋଗମ୍‌ର ନେତାଙ୍କ ଦ୍ୱାରା ପ୍ରଦତ୍ତ ଘୃଣା-ପୂର୍ଣ୍ଣ ବିବୃତିଗୁଡ଼ିକୁ ଧୀରେ ଧୀରେ ପ୍ରସାରିତ କରିବାକୁ ଲାଗିଲେ। ଏହିଭଳି ଏକ ଦୃଶ୍ୟପଟରେ ଶ୍ରୀଯୁକ୍ତ ସତୀଶନ୍ ଧର୍ମନିରପେକ୍ଷ କାର୍ଡ ଧରି ପ୍ରବେଶ କଲେ। ଶେଷରେ କମ୍ରେଡ୍‌ମାନେ ନିଜକୁ ମୁସଲମାନମାନଙ୍କର ଭରସା ହରାଇ ଥିବା ଦେଖିବାକୁ ପାଇଲେ ଏବଂ ସେମାନଙ୍କର ପାରମ୍ପରିକ ଭୋଟ୍ ବ୍ୟାଙ୍କ୍‌କୁ ହାତରେ ରଖିବାରେ ଅସମର୍ଥ ହେଲେ। ଶ୍ରୀଯୁକ୍ତ ସତୀଶନ୍‌ଙ୍କ ସମ୍ମୁଖରେ ବର୍ତ୍ତମାନ ତାଙ୍କର ଯାତ୍ରା ଅତ୍ୟନ୍ତ କଷ୍ଟପୂର୍ଣ୍ଣ ହେବ, କାରଣ ଦଳର ଦୁଇ ବରିଷ୍ଠ ନେତା- ଏଆଇସିସିର ସାଧାରଣ ସମ୍ପାଦକ (ସଂଗଠନ) କେସି ଭେନୁଗୋପାଳ ଏବଂ ପୁରୁଖା ନେତା ରମେଶ ଚେନ୍ନିଥାଲା- ଯେଉଁମାନେ କି ମୁଖ୍ୟମନ୍ତ୍ରୀ ପଦ ପାଇଁ ଦୌଡ଼ରେ ହାରି ଯାଇଛନ୍ତି, ସେମାନଙ୍କର ଦାବିକୁ ଅଣଦେଖା କରାଯାଇ ଥିବାରୁ ସେମାନେ ଦଳର ମୁଖିଆଙ୍କ ନିକଟରେ ସେମାନଙ୍କର ଅସନ୍ତୋଷ ବ୍ୟକ୍ତ କରି ସାରିଛନ୍ତି। ବିଭିନ୍ନ ପ୍ରକାରର ଓଲଟପାଲଟ ଏବଂ ସମଷ୍ଟି ମଧ୍ୟରେ ଭାରସାମ୍ୟ ରକ୍ଷା କରି ଏକ କ୍ୟାବିନେଟ୍ ଗଠନ କରିବା ଖୋଦ୍ ଏକ ବଡ଼ ଆହ୍ୱାନ ହେବ, ଯାହାର ମୁକାବିଲା କରିବା ଶ୍ରୀଯୁକ୍ତ ସତୀଶନ୍‌ଙ୍କ ପାଇଁ ଅବଶ୍ୟ କଷ୍ଟକର ହେବ। ପାଞ୍ଚ ଗୋଟି ଗ୍ୟାରେଣ୍ଟି ସମେତ ଭୋଟରମାନଙ୍କୁ ୟୁଡିଏଫ୍ ଦେଇଥିବା ପ୍ରତିଶ୍ରୁତିଗୁଡ଼ିକ ପୂରଣ କରିବା ଏକ ବୋମା ସଦୃଶ ସାବ୍ୟସ୍ତ ହେବ; ରାଜ୍ୟ ସରକାର, ଯାହାକି କଷ୍ଟେମଷ୍ଟେ ନିଜର ଆର୍ଥିକ ଅବସ୍ଥାକୁ ପରିଚାଳନା କରୁଛନ୍ତି, ଯଦି ତାଙ୍କ ପ୍ରଦତ୍ତ ସବୁ ପ୍ରତିଶ୍ରୁତି ପୂରଣ କରିବାକୁ ଚାହିଁବେ, ତା'ହେଲେ ତାଙ୍କୁ ରାଜସ୍ୱ ସୃଷ୍ଟି କରିବାର ନୂତନ ପରିସରଗୁଡ଼ିକର ଅନୁସନ୍ଧାନ କରିବାକୁ ହେବ। ସାମ୍ପ୍ରଦାୟିକ ଶକ୍ତିମାନଙ୍କର ଏକ ଗୋଷ୍ଠୀ, ଯେଉଁମାନେ ଶ୍ରୀଯୁକ୍ତ ସତୀଶନ୍‌ଙ୍କୁ ସନ୍ତୁଷ୍ଟ କରିବାକୁ ଉଦ୍ୟମ କରୁଥିବା ସନ୍ଦେହ କରାଯାଇ ଆସୁଛି, ରାଜ୍ୟ ଓ ଏହାର ଲୋକମାନେ ଏକଜୁଟ ହୋଇ ରହିବା ପାଇଁ ସେମାନଙ୍କର ଏଭଳି ଉଦ୍ୟମକୁ ତାଙ୍କୁ ପ୍ରତିହତ କରିବାକୁ ପଡ଼ିବ। ସମୟ ଆସୁଛି, ଯେତେବେଳେ କି ଶ୍ରୀଯୁକ୍ତ ସତୀଶନ୍‌ଙ୍କ ନେତୃତ୍ୱର କଡ଼ା ପରୀକ୍ଷା ହେବ।

# ଆଜି ନଗଦ, କାଳି ବାକି

ଆଗାମୀ କାଲିକୁ ଆମେ ଆଶା ବାନ୍ଧୁ। କାଲିକୁ ଦେଖିବା କି ନାହିଁ, ତାହା ପରମାତ୍ମାଙ୍କ ହାତର କଥା। ଭବିଷ୍ୟତ ଯୋଜନାକୁ ପ୍ରସ୍ତୁତ କରନ୍ତି ସେ। ତେବେ ଯେତିକି ଦିନ ଜିଉଁଛେ, ଅନ୍ତତଃ ଟିକିଏ ଭଲରେ ଜିଇଁବାକୁ ଚେଷ୍ଟା କରିବା ଉଚିତ୍। ସେଥିପାଇଁ କୁହାଯାଏ, ଅତୀତକୁ ଆଉ ସଜାଡ଼ି ହେବନି। ଯାହା ଘଟି ଯାଇଛି, ସେଥିରୁ କିଛି ଶିକ୍ଷା ସଂଗ୍ରହ କରିବା ସିନା, ତାକୁ ଗୋଳେଇ ଘାଣ୍ଟି, ଦୋହରାଇ କିଛି ଲାଭ ନାହିଁ। ଭବିଷ୍ୟତ ତ ଅନିଶ୍ଚିତ। ତାକୁ କିଏ ବା ଦେଖିଛି? ଆଉ ବର୍ତ୍ତମାନ ହେଉଛି ଆମର। ଆଜି ହିଁ ଆମ ପାଇଁ ଶ୍ରେୟ। ଶ୍ରେଷ୍ଠ ସମ୍ପତ୍ତି। ତାକୁ ନେଇ ଜିଇଁ ଶିଖିବା। ଆଜି ହିଁ ଆଗାମୀ କାଲିକୁ ଗଢ଼ିଥାଏ। ବର୍ତ୍ତମାନର ଗୋଟିଏ ପାଦ ଦୃଢ଼ ହେଲେ ଆଗକୁ ଆଉ ଗୋଟିଏ ପାଦ ବଢ଼ାଇ ପାରିବା। ବର୍ତ୍ତମାନର ପାଦ ଖସିଗଲେ ଆଗକୁ କ'ଣ ପାଦ ବଢ଼ାଇ ପାରିବା? ସେଥିପାଇଁ ବୋଧହୁଏ ଅନେକ ଦୋକାନରେ ଲେଖା ଥାଏ- 'ଆଜି ନଗଦ, କାଲି ବାକି।' ଅର୍ଥାତ୍ ବ୍ୟବସାୟୀକୁ ବୋଧହୁଏ ସେ ପାଠଟି ଭଲ ଭାବରେ ମାଲୁମ୍ ଥାଏ। ଯେଉଁ ଗ୍ରାହକ କାଲିକୁ ଦେବି କହି ଚାଲିଯାଏ, ତା'ଠାରୁ ଆଉ ଧନ ଆଦାୟ କରିବା ସହଜ ନୁହେଁ। ହୁଏତ ତା'ର କିଛି ଅସୁବିଧା ହୋଇଯାଇପାରେ ବା ସେ ପୁଣି ଥରେ ତା' ଦୋକାନକୁ ଆସି ନପାରେ!

ଆମକୁ ମିଳିଥିବା ସୁନ୍ଦର ଜୀବନଟି ମଧ୍ୟ ନଗଦରେ ଚଳେ। ଏଥିରେ ବାକିର ପ୍ରଶ୍ନ ଉଠେନାହିଁ। କିନ୍ତୁ ବିଡ଼ମ୍ବନା ହେଉଛି, ଆମେ ଅନେକ ସମୟରେ ବାକିରେ ଚଳିବାକୁ ଇଚ୍ଛା କରୁ। ଭଲ କାମ, ସତ୍ ଚିନ୍ତନ, ସୁବିଚାରକୁ ଆଜି ଗୁରୁତ୍ୱ ନଦେଇ କାଲିକୁ ରଖିଦେଉ। ଆଉ ଆଜି ହିଁ ଅଦରକାରୀ ଜିନିଷ ସବୁ ସଂଗ୍ରହ କରିନେଉ। ଫଳରେ ଜୀବନ ଯାତ୍ରାରେ କେବଳ ଦୁଃଖ ହିଁ ପାଇଥାଉ। ଏହାର ଏକ ଉଦାହରଣ।

ବାପା ଦୁଇ ପୁଅକୁ ପାଞ୍ଚଶହ ଲେଖାଏଁ ଟଙ୍କା ଓ ଅଲଗା ଅଲଗା ଚିଠା ଦେଇ କହିଲେ- 'ଏ ପାଞ୍ଚଶହ ଲେଖାଏଁ ଟଙ୍କା ଓ ଚିଠା ନିଅ। ବଜାରରୁ ସଉଦା ଆଣିବ।' ଦୁଇ ପୁଅ ଭିନ୍ନ ଭିନ୍ନ ଦୋକାନକୁ ଗଲେ। ସଉଦା ସଂଗ୍ରହ କଲେ। କିନ୍ତୁ ସଉଦାର ମୂଲ୍ୟ ପାଞ୍ଚଶହ ଟଙ୍କାଠାରୁ ବେଶି ହେଉଛି। ଦୋକାନୀ ବାକି ବି ଦେଉନାହିଁ। ଗୋଟିଏ ପୁଅ ସେହି ପାଞ୍ଚଶହ ଟଙ୍କାରେ ଅତି ଆବଶ୍ୟକ ଜିନିଷ ନେଇ ଆସିଲା। ଅନ୍ୟ ପୁଅଟି କେବଳ ଚିଠା ଅନୁସାରେ ସଉଦା ଆଣିଲା। ଅତି ଆବଶ୍ୟକ ବା କମ୍ ଆବଶ୍ୟକ ଜିନିଷ କ'ଣ ସେ ବୁଝିଲା ନାହିଁ। ଫଳରେ ବଡ଼ପୁଅକୁ ଆଉ ଥରେ ଦୋକାନକୁ ଯିବାକୁ ପଡ଼ିଲା ନାହିଁ। ସାନପୁଅ ପୁଣି ଟଙ୍କା ନେଇ ଦୋକାନକୁ ଗଲା।

ଠିକ୍ ସେମିତି ଆମ ପାଇଁ ଅତି ଆବଶ୍ୟକ କର୍ମ କ'ଣ, ତାହା ଆଜି କରିବା। ଦୟା, ସ୍ନେହ, ପ୍ରେମ, କରୁଣା ଭଳି ଅତି ଆବଶ୍ୟକୀୟ ସଉଦା ଆଜି ହିଁ ନଗଦ ଜୀବନରେ କିଣିନେବା। ଘୃଣା, ହିଂସା, କପଟତା ଭଳି ସଉଦା କାଲିକୁ ରଖିଲେ ଚଳିବ।

# ଭୋର୍‌ରୁ ଫିଲିଂ ଷ୍ଟେସନ୍‌ରେ ଲମ୍ବା ଧାଡ଼ି



**କଟକ,୧୪ା୫/ଏନ୍‌ଏନ୍‌ଏସ୍:** ଆଜି ଭୋର୍‌ରୁ କଟକ ସହରରେ ବିଭିନ୍ନ ଫିଲିଂ ଷ୍ଟେସନରେ ଲମ୍ବା ଧାଡ଼ି ଦେଖିବାକୁ ମିଳିଛି । ବିଶେଷ କର ପେଟ୍ରୋଲ ପାଇଁ ବାଇକ୍ ଓ ସ୍କୁଟିର ଅସମ୍ଭାଳ ଭିଡ଼ ପରିଲକ୍ଷିତ ହୋଇଛି । ଗତକାଲି ଅପରାହ୍ଣରୁ ଇନ୍ଧନ ତୈଳ ସଙ୍କଟ ନେଇ ଲୋକଙ୍କ ମଧ୍ୟରେ ଆତଙ୍କ ଯୋଗୁ ସହରରେ ଏଭଳି ପରିସ୍ଥିତି ଉପୁଜିଛି । କେଉଁ ଫିଲିଂ ଷ୍ଟେସନରେ ପେଟ୍ରୋଲ ଓ ଡିଜେଲ ନଥିବା ଲେଖା ଯାଇଛି ତ ଆଉ କେଉଁଠି ଲମ୍ବାଧାଡ଼ି ଲାଗିଛି । କିଛି କିଛି ସ୍ଥାନରେ ପରିସ୍ଥିତି ଏଭଳି ହୋଇଛି ଯେଉଁଠି ଭିଡ଼ ନିୟନ୍ତ୍ରଣ କରିବାକୁ ପୁଲିସ ମୁତୟନ ହୋଇଛନ୍ତି । କିଛି ଫିଲିଂ ଷ୍ଟେସନରେ ବାଇକ ପିଛା ସର୍ବାଧିକ ୨୦୦ ଟଙ୍କା ଏବଂ କାର ପିଛା ୫୦୦ ଟଙ୍କାର ତେଲ ମିଳୁଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ତେଲ ଅଭାବ ନଥିବା ସରକାରଙ୍କ ପକ୍ଷରୁ ବାରମ୍ବାର କୁହାଯିବା ସତ୍ତ୍ୱେ ପେଟ୍ରୋଲ, ଡିଜେଲ ପାଇଁ ପମ୍ପରେ ଲୋକେ ଗହଳି କରିଥିବା ଦେଖିବାକୁ ମିଳିଛି । ମଧ୍ୟପ୍ରାଚ୍ୟ ଯୁଦ୍ଧ ଚାଲିଥିବାରୁ ଆଗକୁ ଆଉ ତେଲ ମିଳିବନି ବୋଲି ଲୋକମାନଙ୍କ ମଧ୍ୟରେ ଧାରଣା ସୃଷ୍ଟି ହୋଇଛି । ଏପରିକି କିଛି ଦିନ ପୂର୍ବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକଙ୍କୁ ଆବଶ୍ୟକ ନଥିଲେ ପେଟ୍ରୋଲ ଓ ଡିଜେଲ ଚାଳିତ ଗାଡ଼ି ଅଧିକ ବ୍ୟବହାର ନ କରିବାକୁ ପରାମର୍ଶ ଦେଇଥିଲେ । ଯେଉଁଥି ପାଇଁ ଲୋକଙ୍କ ମଧ୍ୟରେ ଅଧିକ ଆଶଙ୍କା ଦେଖା ଦେଇଛି । ଯାହା ଫଳରେ ଗୁରୁବାର କଟକ ସହର ବିଭିନ୍ନ ସ୍ଥାନରେ କିଛି ପେଟ୍ରୋଲ ପମ୍ପ ବନ୍ଦ ରହିଥିଲା । ବାଦାମବାଡ଼ି, ଚାଉଳିଆଗଞ୍ଜ, ଲିଙ୍କ ରୋଡ, କଲେଜ ଛକ, ବକ୍ସି ବଜାର, ବଜ୍ରକବାଟି ଏବଂ ମାଛୁଆ ବଜାର ଓ ଖାନନଗର ଅଞ୍ଚଳରେ ଥିବା ଫିଲିଂ ଷ୍ଟେସନର ଆଜି ରାତିରେ ମଧ୍ୟ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି ।

# ୧୮ରେ ଅଭିଯୋଗ ଶୁଣାଣି ଶିବିର

**କଟକ,୧୫ା୫/ଏନ୍‌ଏନ୍‌ଏସ୍:** ଆସନ୍ତା ୧୮ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏହି ଶୁଣାଣି ଶିବିର ସକାଳ ୭ଟାରେ ଆରମ୍ଭ ହୋଇ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଚାଲିବ । ଅଭିଯୋଗକାରୀ ଏହି ସମୟରେ ଉପସ୍ଥିତ ରହି ନିଜ ଅଭିଯୋଗ ପଞ୍ଜିକରଣ କରି ପାଳି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା ସହ ଶୃଙ୍ଖଳିତ ଭାବେ ଶୁଣାଣିରେ ଭାଗ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ଏଥିରେ ଜିଲ୍ଲାପାଳ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଶୁଣାଣି କରିବେ । ଏଥିସହ ଜିଲ୍ଲାର ବିଭିନ୍ନ ପଞ୍ଚାୟତ ସ୍ତରରେ ଶୁଣାଣି ମଧ୍ୟ ସକାଳ ୭ରୁ ୧୦ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

# ଆଜି ସାବିତ୍ରୀ, ଫଳ ଦର ଆକାଶ ଛୁଆଁ

**କଟକ,୧୫ା୫/ଏନ୍‌ଏନ୍‌ଏସ୍:** ଶନିବାର ସାବିତ୍ରୀ ବ୍ରତ । ସଧବା ମହିଳାଙ୍କ ପାଇଁ ଉପାସନାର ଶ୍ରେଷ୍ଠ ଦିନ । ସ୍ୱାମୀଙ୍କ ଦୀର୍ଘାୟୁ ଜୀବନ କାମନା କରି ବିବାହିତାମାନେ ଏହି ବ୍ରତ କରିବେ । ସକାଳ ଠାରୁ ଅପରାହ୍ଣ ଯାଏଁ ମହିଳାମାନେ ପୂଜାକାର୍ଯ୍ୟରେ ବ୍ୟସ୍ତ ରହିବେ । ଏହି ବ୍ରତକୁ ନେଇ ବିବାହିତାମାନେ ଉତ୍ସାହିତ ଥିବା ବେଳେ ସେମାନଙ୍କର ସ୍ୱାମୀମାନେ ଅଥବା ବାପଘର ଲୋକେ ସାବିତ୍ରୀ ବଜାରରେ ଅହେତୁକ ଦର ବୃଦ୍ଧି ପାଇଁ ଚିନ୍ତାରେ ପଡ଼ିଛନ୍ତି । ସାବିତ୍ରୀ ବଜାରରେ ଦରଦାମ ବୃଦ୍ଧି ଘଟିଥିବା ପରିଲକ୍ଷିତ ହୋଇଛି ।

ଆମ୍ବ କିଲୋ ପ୍ରତି ୭୦ରୁ ୧୦୦ ଟଙ୍କା ଥିବା ବେଳେ ଅଙ୍ଗୁର କିଲୋ ୧୬୦ରୁ ୨୦୦ ଟଙ୍କା ରହିଛି । ସେଓ କିଲୋ ୩୦୦, ଡାଳିମ୍ବ କିଲୋ ୩୦୦ ଟଙ୍କା, ପଣସ ଗୋଟା ୧୦୦ରୁ ୨୫୦, ସପୁରୀ ଗୋଟା ୭୦ରୁ ୧୦୦ ଟଙ୍କା, ପାଚିଲା କଦଳୀ ଡଜନକୁ ୧୨୦ ଟଙ୍କା ଛୁଇଁଥିଲା ବେଳେ କଟକରେ ଲିଚୁ କିଲୋ ପିଛା ୨୬୦ ଟଙ୍କାରେ ବିକ୍ରି ହୋଇଛି ।

ଦର ବୃଦ୍ଧି ଗ୍ରାହକଙ୍କୁ କଷ୍ଟ ହେଉଥିଲେ ମଧ୍ୟ ବାଧ୍ୟ ହୋଇ କିଣୁଛନ୍ତି । ଗତକାଲିଠାରୁ ସାବିତ୍ରୀ ପାଇଁ କଟକ ସହର ଖୁବ୍ ଚଳଚଞ୍ଚଳ ଦେଖାଯାଇଛି । ଲୁଗା ଦୋକାନରୁ ଫଳ ଦୋକାନ ସବୁଠି ନାହିଁ ନଥିବା ଭିଡ଼ ଦେଖିବାକୁ ମିଳୁଛି । ଦରଦାମ ଅଧିକ ଥିବାରୁ ଗ୍ରାହକ ଅସନ୍ତୋଷ ଥିବାବେଳେ ଚଢ଼ା ଦରରେ କିଣି ଅଳ୍ପ ଲାଭରେ ବିକୁଥିବା କହିଛନ୍ତି ଫଳ ବେପାରୀ ।

# ଅଣଓଡ଼ିଆ କମ୍ପାନୀକୁ ଅହେତୁକ ଅନୁକମ୍ପା ଅଭିଯୋଗ




**ଭୁବନେଶ୍ୱର,୧୩ା୫/ଏନ୍‌ଏନ୍‌ଏସ୍:** ସାରା ରାଜ୍ୟରେ ପ୍ରାୟ ଦଶ ହଜାରରୁ ଅଧିକ କମ୍ପ୍ୟୁଟର ପ୍ରଶିକ୍ଷଣ କେନ୍ଦ୍ର ଦୀର୍ଘ ବର୍ଷରୁ କାର୍ଯ୍ୟରତ ଅଛି । କମ୍ପାନୀ ଆକ୍ଟ, ସୋସାଇଟି ରେଜିଷ୍ଟ୍ରେସନ ଆକ୍ଟ, ଟ୍ରଷ୍ଟ ଆକ୍ଟ, ଏମ୍‌ଏସ୍‌ଏମ୍‌ଇ ଉଦ୍ୟମ୍ ପୋର୍ଟାଲରେ ପଞ୍ଜିକୃତ ଏହି ଶିକ୍ଷାନୁଷ୍ଠାନରୁ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ଉଭୟ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଚାକିରି କରୁଛନ୍ତି । ମାତ୍ର ରାଜ୍ୟ ସରକାର ଏକ ଅଣଓଡ଼ିଆ କମ୍ପାନୀକୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ଭୟର ବାତାବରଣ ସୃଷ୍ଟି କରିବାକୁ ଉଦ୍ୟମ କରୁଥିବା ଅଲ୍ ଓଡ଼ିଶା କମ୍ପ୍ୟୁଟର୍ ଟ୍ରେନିଂ ସେଣ୍ଟର ଆସୋସିଏସନ୍ ପକ୍ଷରୁ ଅଭିଯୋଗ କରାଯାଇଛି ।

ଭୁବନେଶ୍ୱର ସ୍ଥିତ ରେଡକ୍ରସ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଆସୋସିଏସନର ସଭାପତି ସୟଦ ସଫିର୍ ଅଲ୍ଲୀ କହିଛନ୍ତି ଯେ ରାଜ୍ୟ ସରକାର ଓଡ଼ିଶା ନଲେଜ୍ କର୍ପୋରେସନ ଲିମିଟେଡ୍ (ଓକେସିଏଲ୍) ନାମକ ଏକ ଅଣଓଡ଼ିଆ ଘରୋଇ କମ୍ପାନୀକୁ କମ୍ପ୍ୟୁଟର ପ୍ରଶିକ୍ଷଣ ପାଇଁ ସରକାରୀ ସଂସ୍ଥା ଭାବେ ପ୍ରତିପାଦିତ କରିବାକୁ ପ୍ରୟାସ କରୁଛନ୍ତି । ଓଡ଼ିଶା କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ସି) ପକ୍ଷରୁ ଗତ ଡିସେମ୍ବର ୧୨ ତାରିଖରେ ପ୍ରକାଶ ପାଇଥିବା ନିଯୁକ୍ତି ବିଜ୍ଞପ୍ତିରେ କମ୍ପ୍ୟୁଟର ଦକ୍ଷତା ପରୀକ୍ଷାକୁ ଗୁରୁତ୍ୱ ଦେଇ ଯେ କୌଣସି ଅନୁଷ୍ଠାନରୁ କମ୍ପ୍ୟୁଟର ପ୍ରମାଣପତ୍ର ଗ୍ରହଣଯୋଗ୍ୟ ବୋଲି କୁହାଯାଇଥିଲା । ମାତ୍ର ରାଜ୍ୟ ସରକାରଙ୍କ ସୂଚନା ପ୍ରଯୁକ୍ତି ବିଭାଗ ପକ୍ଷରୁ ଗତ ଜାନୁଆରୀ ମାସରେ ଅହେତୁକ ଏବଂ ଅବୈଧ ଅନୁକମ୍ପା ପ୍ରଦର୍ଶନ କରାଯାଇ କେବଳ ଓକେସିଏଲ୍‌ର ପ୍ରମାଣପତ୍ର ଗ୍ରହଣୀୟ ବୋଲି ବିଜ୍ଞପ୍ତି ପ୍ରକାଶ କରାଗଲା । ଏଥିପାଇଁ ୨୦୨୧ ମସିହା ଗେଜେଟ୍ ବିଜ୍ଞପ୍ତିକୁ ଆଳ କରାଯାଇଛି । ଏହି ଗେଜେଟ୍ ବିଜ୍ଞପ୍ତି ମାନ୍ୟବର ଓଡିଶା ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ଥିବାବେଳେ ସରକାର କିପରି ଏବଂ କାହା ଚାପରେ କେବଳ ଓକେସିଏଲ୍ ପ୍ରମାଣପତ୍ର ଗ୍ରହଣୀୟ ବୋଲି ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ପ୍ରଶ୍ନ ଉଠିଛି । ଓକେସିଏଲ୍ କମ୍ପାନୀ ସହିତ କିଛି ସରକାରୀ ଅଧିକାରୀ ଅନ୍ଧାରୀ ବୁଝାମଣା କରି ଏହି ଯୋଜନାବଦ୍ଧ ଷଡ଼ଯନ୍ତ୍ର କରୁଛନ୍ତି ଏବଂ ରାଜ୍ୟର ଲକ୍ଷ ଲକ୍ଷ ପ୍ରଶିକ୍ଷିତ କମ୍ପ୍ୟୁଟର ଯୁବାଙ୍କୁ ଚାକିରି ପାଇଁ ଆବେଦନ କରିବାରୁ ବଞ୍ଚିତ କରିବା ପାଇଁ ସୁଚିନ୍ତିତ ଯୋଜନା କରାଯାଉଛି ବୋଲି ସଭାପତି ଅଭିଯୋଗ କରିଛନ୍ତି । ଅପରପକ୍ଷରେ ରାଜ୍ୟର ଯୁବକ ଯୁବତୀଙ୍କୁ ଲୁଟିବା ପାଇଁ ମଧ୍ୟ ଯୋଜନା କରାଯାଉଥିବା ଆସୋସିଏସନ କହିଛି । ସମ୍ପ୍ରତି ମାତ୍ର ୫ ହଜାର ଟଙ୍କାରେ ସେମାନେ କମ୍ପ୍ୟୁଟର ପ୍ରଶିକ୍ଷଣ ପାଇ ପାରୁଛନ୍ତି । କେବଳ ଓକେସିଏଲ୍ ସାର୍ଟିଫିକେଟ ବାଧ୍ୟତାମୂଳକ କରି ଏହି ଦରକୁ ପ୍ରାୟ ୧୦ ଗୁଣା ବୃଦ୍ଧି କରିବେ ଏବଂ ସେହି ମୁନାଫାରୁ ଉଚ୍ଚପଦସ୍ଥ ଅଧିକାରୀମାନେ ଭାଗ ନେବାକୁ ଷଡଯନ୍ତ୍ର କରାଯାଉଥିବା ସ୍ପଷ୍ଟ ଅନୁମେୟ ହେଉଛି । ଏଣୁ ସରକାର ଗେଜେଟ୍ ବିଜ୍ଞପ୍ତିକୁ ଉଚ୍ଛେଦ କରି ଓକେସିଏଲକୁ ଦିଆଯାଉଥିବା ମାତ୍ରାଧିକ ଅନୁକଂପା ପ୍ରତ୍ୟାହାର କରନ୍ତୁ ବୋଲି ଦାବି ହୋଇଛି । ଦୀର୍ଘ ବର୍ଷରୁ କାର୍ଯ୍ୟରତ ସମସ୍ତ କମ୍ପ୍ୟୁଟର ପ୍ରଶିକ୍ଷଣ କେନ୍ଦ୍ରଗୁଡ଼ିକର ସ୍ଥିତି ବଜାୟ ରଖିବା ପାଇଁ ମନିଟରିଂ ବଡି ଗଠନ କରି ନିର୍ଦ୍ଦିଷ୍ଟ ପାଠ୍ୟକ୍ରମ, ପ୍ରଶିକ୍ଷଣ ଅବଧି, ପ୍ରଶିକ୍ଷଣ ନିମିତ୍ତ ନିର୍ଦ୍ଦିଷ୍ଟ ଦେୟ ନିର୍ଦ୍ଧାରଣ, ଅନୁଷ୍ଠାନ ଗୁଡ଼ିକର ଅନୁବନ୍ଧନ ପାଇଁ ସହଜ ସରଳ ପାରିପାର୍ଶ୍ୱିକ ସ୍ଥିତି ନିର୍ଦ୍ଧାରଣ କରି ସୁରୁଖୁରୁରେ ପ୍ରଶିକ୍ଷଣ କେନ୍ଦ୍ରଗୁଡ଼ିକ ପରିଚାଳନାରେ ସରକାର ସହଯୋଗ କରନ୍ତୁ । କାର୍ଯ୍ୟରତ କମ୍ପ୍ୟୁଟର ପ୍ରଶିକ୍ଷଣ କେନ୍ଦ୍ରଗୁଡ଼ିକ ବିରୁଦ୍ଧରେ ଓକେସିଏଲ୍ ପକ୍ଷରୁ ନକାରାତ୍ମକ ପ୍ରଚାର ପ୍ରସାର ବିରୋଧରେ ସରକାର କଡ଼ା କାର୍ଯ୍ୟାନୁଷ୍ଠାନ ନେବା ସହ ସମସ୍ତ କମ୍ପ୍ୟୁଟର ପ୍ରଶିକ୍ଷଣ କେନ୍ଦ୍ରଗୁଡ଼ିକଠାରୁ ପ୍ରାପ୍ତ ପ୍ରମାଣପତ୍ର ଗୁଡ଼ିକୁ ଗ୍ରହଣ କରି ଦକ୍ଷତା ପରୀକ୍ଷାକୁ ପ୍ରାଧାନ୍ୟ ଦେଇ ବେକାର ଯୁବକଯୁବତୀମାନଙ୍କୁ ନିଯୁକ୍ତିର ସୁଯୋଗ ଦେବାକୁ ଆସୋସିଏସନ୍ ଦୃଢ଼ ଦାବି କରିଛି । ଏହି ସାମ୍ବାଦିକ ସମ୍ମିଳନୀରେ ସମ୍ପାଦକ ତାପସ କୁମାର ପତି, ରାଜ୍ୟ ସଂଯୋଜକ ଇଞ୍ଜିନିୟର ଅବିନାଶ ଦାସ, ପ୍ରଭାତ ଦେହୁରୀ, ସତ୍ୟବ୍ରତ ସାହୁ, ମନୋରଞ୍ଜନ କର, କାଳନ୍ଦୀ ବେହେରା, ବିଭାସ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ସିଲଭର୍ ସିଟି ହସ୍ପିଟାଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି



**କଟକ,୧୫ା୫/ଏନ୍‌ଏନ୍‌ଏସ୍:** କଟକର ଚାଉଳିଆଗଞ୍ଜ ସ୍ଥିତ ବେସରକାରୀ ଚିକିତ୍ସାଳୟ 'ସିଲଭର ସିଟି ହସ୍ପିଟାଲ' ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବିରେ ହିନ୍ଦୁ ସେନା ପକ୍ଷରୁ ଜୋରଦାର ପ୍ରତିବାଦ କରାଯାଇଛି । ଏହି ସଂଗଠନ ପକ୍ଷରୁ କଟକ ସିଡିଏମଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ସିଡିଏମଓଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି । ସୂଚନା ଅନୁଯାୟୀ, କଟକ ଆଖପାଖ ଏବଂ ବାହାର ଅଞ୍ଚଳର ବହୁ ରୋଗୀ ଉନ୍ନତମାନର ଚିକିତ୍ସା ଆଶାରେ ଏହି ହସ୍ପିଟାଲ ଉପରେ ନିର୍ଭର କରି ଆସୁଛନ୍ତି । ମାତ୍ର ବାରମ୍ବାର ଚିକିତ୍ସା ଅବହେଳା ଯୋଗୁଁ ଏହି ଚିକିତ୍ସାଳୟଟି ଜନସାଧାରଣଙ୍କ ବିଶ୍ୱାସ ହରାଉଥିବା ଅଭିଯୋଗ ହୋଇଛି । କିଛି ଦିନ ତଳେ ଭଦିମୂଳ ଅଞ୍ଚଳର ଜଣେ ରୋଗୀଙ୍କର ଏହି ସିଲଭର ସିଟି ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା । ଚିକିତ୍ସାରେ ଚରମ ଅବହେଳା କରାଯିବା ସହ ରୋଗୀଙ୍କ ସ୍ୱାସ୍ଥ୍ୟ କାର୍ଡରୁ ବେଆଇନ ଭାବେ ଟଙ୍କା ହଡ଼ପ କରାଯାଇଥିବା ନେଇ ମୃତକଙ୍କ ପରିବାର ଲୋକେ ସେତେବେଳେ ହସ୍ପିଟାଲ ସମ୍ମୁଖରେ ଧାରଣା ଦେଇଥିଲେ । ପରିବାରକୁ ନ୍ୟାୟ ପ୍ରଦାନ ଦାବିରେ ସେମାନେ ଅଡ଼ି ବସିବା ସହ ଏନେଇ ଚାଉଳିଆଗଞ୍ଜ ଥାନାରେ ଏକ ଏତଲା ମଧ୍ୟ ଦେଇଥିଲେ । ମାତ୍ର ଏହି ଘଟଣାକୁ ୫ ଦିନ ବିତିଯାଇଥିଲେ ମଧ୍ୟ ସମ୍ପୃକ୍ତ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ବିରୋଧରେ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ତେଣୁ ଏହି ହସ୍ପିଟାଲ ଉପରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ରୋଗୀମାନଙ୍କୁ କେମିତି ସଠିକ୍ ଭାବେ ଚିକିତ୍ସା ସେବା ଯୋଗାଇ ଦିଆଯାଇପାରିବ ଏବଂ ଭବିଷ୍ୟତରେ ଯେପରି ଏଭଳି ରୋଗୀ ମୃତ୍ୟୁର ପୁନରାବୃତ୍ତି ନଘଟେ, ସେଥିପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ନେବାକୁ ହିନ୍ଦୁ ସେନା ଦାବି କରିଛି । ଏହି ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ ସମୟରେ ହିନ୍ଦୁ ସେନାର ସଦସ୍ୟମାନଙ୍କ ସହିତ ଭଦିମୂଳ ଅଞ୍ଚଳର ସମ୍ପୃକ୍ତ ମୃତକଙ୍କ ପରିବାର ଲୋକେ ମଧ୍ୟ ସାମିଲ ଥିଲେ । ଏହି ସମ୍ବାଦକୁ ଗଣମାଧ୍ୟମ ପ୍ରତିନିଧି ଆଲୋକ ନାୟକ ଉପସ୍ଥାପନ କରିଛନ୍ତି ।

# ସୋଫିଆଙ୍କ ଜନସମ୍ପର୍କ ପଦଯାତ୍ରା



**କଟକ,୧୫ା୫/ଏନ୍‌ଏନ୍‌ଏସ୍:** କଟକ ମହାନଗର ନିଗମ ଅନ୍ତର୍ଗତ ୧୦ ନମ୍ବର ୱାର୍ଡରେ ବିଧାୟିକା ସୋଫିଆ ଫିର୍ଦୌଷଙ୍କ ପକ୍ଷରୁ ଏକ ବିଶାଳ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସାଇଦାନୀ ବଗିଚା ଛକରୁ ଏହି ପଦଯାତ୍ରା ବାହାରି ରେବାବଗିଚା, କାଫଲା ବଜାର, ସିଦ୍ଧେଶ୍ୱର ସାହି, ରାମଗଡରେ ସମାପ୍ତ ହୋଇଥିଲା । ବରିଷ୍ଠ ନେତ୍ରୀ ଗିରିବାଳା ବେହେରା ଏଥିରେ ସାମିଲ ହୋଇ ସ୍ଥାନୀୟ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ବିକ୍ରମ ସାମଲ, ନୂତନ ଦାସ, ଆସିଫ ଖାନ, ଅଫସନା ବେଗମ,ପୂର୍ଣ୍ଣିମା ବେହେରା, ରାଜଶ୍ରୀ ପାତ୍ର, ଅଙ୍ଗୁରୀ ବେଗମ, ସଞ୍ଜୟ ଦାସ, ଜଫର ବକ୍ସ, ବସନ୍ତ ନାୟକ, ଯୁଗଳ ସାମଲ ମଧ୍ୟରେ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଅଞ୍ଚଳବାସୀ ଏହି ପଦଯାତ୍ରାରେ ବିଧାୟିକାଙ୍କ ସହିତ ସାମିଲ ହୋଇଥିଲେ । ଏହି ଅବସରରେ ପଦଯାତ୍ରା କମିଟିର ଅଧକ୍ଷ ବିରେନ୍ଦ୍ର ଦାସ, ସେକ ଲିଆକତ ଉଦ୍ଦୀନ ଅହମ୍ମଦ, ଚନ୍ଦନ ଦାସ, ମୀର ମୁଜାଫର ଅଲ୍ଲୀ, ସୁରଜିତ ଦାସ, ସନ୍ତୋଷ ପାତ୍ର, ସେକ ଆବିଦ, ସେକ ଇମତିୟାଜ, ଶୋନୁ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ ।

# ଗଙ୍ଗା ମନ୍ଦିର ଅଞ୍ଚଳରେ ଭୟାବହ ଅଗ୍ନିକାଣ୍ଡ

**କଟକ,୧୫ା୫/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ଗଙ୍ଗା ମନ୍ଦିର ଅଞ୍ଚଳରେ ଥିବା ମେହେଟା ହାଉସର ଗ୍ରାଉଣ୍ଡ ଫ୍ଲୋର୍‌ରେ ଭୀଷଣ ଅଗ୍ନିକାଣ୍ଡ ଘଟିଛି । ଅଗ୍ନିକାଣ୍ଡ ସମୟରେ ଘର ମଧ୍ୟରେ କିଛି ଲୋକ ଫସି ରହିଥିଲେ । ତେବେ ଖବର ପାଇ ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ତୁରନ୍ତ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା । ସୌଭାଗ୍ୟବଶତଃ ଘରେ ଥିବା ସମସ୍ତ ଲୋକଙ୍କୁ ସୁରକ୍ଷିତ ଭାବେ ବାହାରକୁ ବାହାର କରାଯାଇଛି । ଏହି ଦୁର୍ଘଟଣାରେ କେହି ମୃତାହତ ହୋଇନଥିବା ସୂଚନା ମିଳିଛି । ଅଗ୍ନିଶମ ବାହିନୀର କର୍ମଚାରୀମାନେ ଘଟଣା ସ୍ଥଳରେ ନିୟୋଜିତ ହୋଇ ନିଆଁକୁ ଆୟତ କରିଥିଲେ । ଅଗ୍ନିକାଣ୍ଡର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ସର୍ଟସର୍କିଟ ଯୋଗୁ ନିଆଁ ଲାଗିଥାଇପାରେ ବୋଲି ପ୍ରାଥମିକ ଭାବେ ଅନୁମାନ କରାଯାଉଛି । ତଳ ମହଲାରେ ଥିବା ଆସବାବପତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି । ସ୍ଥାନୀୟ ପୁଲିସ ମଧ୍ୟ ଘଟଣା ସ୍ଥଳରେ ପହଞ୍ଚି ଭିଡ଼ ନିୟନ୍ତ୍ରଣ ସହ ତଦନ୍ତ ଆରମ୍ଭ କରିଛି ।

# ସମାଜସେବୀ ମମତା ଦାସଙ୍କ ଚତୁର୍ଥ ସ୍ମୃତି ଉତ୍ସବ



**କଟକ,୧୫ା୫/ଏନ୍‌ଏନ୍‌ଏସ୍:** କିଛି ପାଇବାର ଆଶା ନରଖି ନିଷ୍କାମ ସେବା ଧର୍ମ ନିର୍ବାହ କରିବା ଆଜିର ସମାଜ ପାଇଁ ବଡ଼ ଆବଶ୍ୟକତା ବୋଲି ସମାଜସେବୀ ମମତା ଦାସଙ୍କ ଚତୁର୍ଥ ସ୍ମୃତି ଉତ୍ସବରେ ବିଶିଷ୍ଟ ଅତିଥିମାନେ ମତପ୍ରକାଶ କରିଛନ୍ତି । ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନଠାରେ ମମତା ଦାସ ସ୍ମୃତି ସଂସଦ ପକ୍ଷରୁ ଏହି ଚତୁର୍ଥ ସ୍ମୃତି ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।

ଏହି କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ଓଡ଼ିଶା ସିଲେକ୍ସନ କମିଶନ୍‌ର ସଦସ୍ୟ ପ୍ରଫେସର ଡାକ୍ତର ଶ୍ରୁତି ଦାସ ଉଦ୍‌ଘାଟନ କରିଥିଲେ । ଉତ୍ସବରେ ମୁଖ୍ୟବକ୍ତା ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡାକ୍ତର ଜ୍ଞାନୀ ଦେବାଶିଷ ମିଶ୍ର ଯୋଗଦେଇଥିଲେ । ଉତ୍କଳ ସାହିତ୍ୟ ସମାଜର ସଭାପତି ଡାକ୍ତର ଗୋବିନ୍ଦ ଚନ୍ଦ୍ର ଚାନ୍ଦ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ଡାକ୍ତର ଅନୁପ ମାର୍ଥା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ସ୍ମୃତି ସଂସଦ ପକ୍ଷରୁ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ସମାଜସେବୀ ସିକନ କୁମାର ସାହୁଙ୍କୁ ସ୍ୱତନ୍ତ୍ର 'ମମତା ସମାଜସେବା ସମ୍ମାନ' ଏବଂ ନଗେନ୍ଦ୍ର ନାଥଙ୍କୁ 'ମମତା ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଛି । ପୁରସ୍କାର ସ୍ୱରୂପ ସେମାନଙ୍କୁ ନଗଦ ୧୦,୦୦୦ ଟଙ୍କାର ଅର୍ଥରାଶି, ମାନପତ୍ର ଏବଂ ଉପଢୌକନ ପ୍ରଦାନ କରାଯାଇଥିଲା । ଅନୁଷ୍ଠାନର ସଭାପତି ପ୍ରଫେସର ବିଜୟାନନ୍ଦ ସିଂହଙ୍କ ପ୍ରେରିତ ବାର୍ତ୍ତାରେ ସମାଜସେବୀ ମମତା ଦାସଙ୍କ କର୍ମମୟ ଜୀବନ ସମ୍ପର୍କରେ ଆଲୋକପାତ କରାଯାଇଥିଲା । ଉତ୍ସବରେ ସ୍ମୃତି ସଂସଦର ପୃଷ୍ଠପୋଷକ ଡାକ୍ତର ରବିନାରାୟଣ ଦାସ କହିଥିଲେ ଯେ ସମାଜସେବାକୁ ଉପଯୁକ୍ତ ସ୍ୱୀକୃତି ପ୍ରଦାନ କରିବା ହିଁ ଏହି ସ୍ମୃତି ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ । ସ୍ମୃତି ସଂସଦର ସମ୍ପାଦକ ଡାକ୍ତର କମଳ ମାହୁନ୍ତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଯୁବ ଗବେଷକ ଶଙ୍ଖଚୂଡ଼ ଦାସ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ । ରଶ୍ମିତା ଦାସ ଓ ସ୍ମିତା ପଟ୍ଟନାୟକ ସମ୍ମାନିତ ପ୍ରତିଭାଙ୍କ ମାନପତ୍ର ପାଠ କରିଥିଲେ ଏବଂ ସ୍ମୃତି ସଂସଦର ଉପସଭାପତି ଶିବାଶିଷ କର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆମ୍ବୁଲାନ୍ସରୁ ତେଲ ସରିଯିବାରୁ ରୋଗୀ ମୃତ ଅଭିଯୋଗ



**କଟକ,୧୫ା୫/ଏନ୍‌ଏନ୍‌ଏସ୍:** ଆମ୍ବୁଲାନ୍ସରୁ ପେଟ୍ରୋଲ ସରିଯିବା ଫଳରେ ରୋଗୀର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । କେନ୍ଦ୍ରାପଡ଼ା ଅଞ୍ଚଳର ଜଣେ ଯୁବକ ବିଷ ପିଇ ଗୁରୁତର ହେବାରୁ ପରିବାର କଟକ ଏସସିବି ମେଡ଼ିକାଲକୁ ଆଣୁଥିଲେ । ତେବେ ସେଠାରୁ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲକୁ ଘରୋଇ ଆମ୍ବୁଲାନ୍ସରେ ସ୍ଥାନାନ୍ତରିତ କରାଯାଇଥିଲା । ଯିବାବେଳେ କାଠଯୋଡ଼ି ନଦୀ ବ୍ରିଜ ଉପରେ ହଠାତ ପେଟ୍ରୋଲ ଶେଷ ହୋଇଯାଇଥିଲା । ଫଳରେ କିଛି ସମୟ ପରେ ରୋଗୀର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏମିତିକି ଆମ୍ବୁଲାନ୍ସରୁ ଅକ୍ସିଜେନ ମଧ୍ୟ ଶେଷ ହୋଇଯାଇଥିବା ସେମାନେ ଅଭିଯୋଗ କରିଛନ୍ତି । ଅପରପକ୍ଷେ ଆମ୍ବୁଲାନ୍ସ ମାଲିକ ତେଲ ସରିଯିବା ଘଟଣାକୁ ଅସ୍ୱୀକାର କରିଛନ୍ତି ।

# ପେଟ୍ରୋଲ୍ ପମ୍ପ ବନ୍ଦ ରଖିବା ପଡ଼ିଲା ମହଙ୍ଗା

## ତାଗିଦ୍‌କଲେ ଜିଲ୍ଲାପାଳ



**କଟକ,୧୫ା୫/ଏନ୍‌ଏନ୍‌ଏସ୍:** ପେଟ୍ରୋଲ ଓ ଡିଜେଲ ଗଚ୍ଛିତ ଥାଇ ମଧ୍ୟ ଗ୍ରାହକମାନଙ୍କୁ ନଦେଇ ବେଆଇନ ଭାବେ ପମ୍ପ ବନ୍ଦ ରଖିବା ଏକ ଫିଲିଙ୍ଗ୍ ଷ୍ଟେସନକୁ ମହଙ୍ଗା ପଡ଼ିଛି । କଟକ କନିକା ଛକ ସ୍ଥିତ ଏକ ପେଟ୍ରୋଲ ପମ୍ପରେ ପର୍ଯ୍ୟାପ୍ତ ତେଲ ଥାଇ ମଧ୍ୟ ତାହାକୁ ବନ୍ଦ ରଖାଯାଇଥିବା ନେଇ କୌଣସି ସୂତ୍ରରୁ ଖବର ପାଇ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ ହଠାତ୍ ସେଠାରେ ପହଞ୍ଚିଥିଲେ । ଜିଲ୍ଲାପାଳ ନିଜେ ଫିଲିଙ୍ଗ ଷ୍ଟେସନରେ ପହଞ୍ଚି ପମ୍ପଟି କାହିଁକି ବନ୍ଦ ରଖାଯାଇଛି ବୋଲି କଡ଼ା ଭାଷାରେ ପ୍ରଶ୍ନ କରିଥିଲେ । ଏହାର ଜବାବରେ ଟାଙ୍କି ମାଲିକ କହିଥିଲେ ଯେ, ଜରୁରୀକାଳୀନ ପରିସ୍ଥିତି ପାଇଁ ସେମାନେ ତେଲ ମହଜୁଦ ରଖିଛନ୍ତି । ମାଲିକଙ୍କ ଏଭଳି ଦାୟିତ୍ୱହୀନ ଉତ୍ତର ଶୁଣି ଜିଲ୍ଲାପାଳ ପ୍ରବଳ ବିରକ୍ତି ପ୍ରକାଶ କରିବା ସହ ତୁରନ୍ତ ଫିଲିଙ୍ଗ ଷ୍ଟେସନ ଖୋଲି ସାଧାରଣ ଜନତାଙ୍କୁ ତେଲ ଯୋଗାଇବା ପାଇଁ କଡ଼ା ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳଙ୍କ କଠୋର ଆଭିମୁଖ୍ୟ ଓ ନିର୍ଦ୍ଦେଶ ପରେ ତୁରନ୍ତ ପେଟ୍ରୋଲ ପମ୍ପଟିକୁ ଖୋଲାଯାଇ ଗ୍ରାହକମାନଙ୍କୁ ତେଲ ବଣ୍ଟନ କରାଯାଇଥିଲା ।

# ଗାଜିଆବାଦ ପରେଡ୍‌ରେ କମାଣ୍ଡାଣ୍ଟ ନାଗେନ୍ଦ୍ର ଶର୍ମାଙ୍କ ନେତୃତ୍ୱକୁ ପ୍ରଶଂସା



**କଟକ,୧୫ା୫/ଏନ୍‌ଏନ୍‌ଏସ୍:** କଟକ ମୁଣ୍ଡଳୀ ସ୍ଥିତ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀର ତୃତୀୟ ବାଟାଲିୟନ ପାଇଁ ଏକ ଗୌରବମୟ ତଥା ଐତିହାସିକ ମୁହୂର୍ତ୍ତ ସୃଷ୍ଟି ହୋଇଛି । ଗାଜିଆବାଦର କମଳା ନେହରୁ ନଗର ସ୍ଥିତ ୮ମ ବ୍ୟାଟାଲିୟନ ଏନ୍‌ଡିଆର୍‌ଏଫ୍ ମୁଖ୍ୟାଳୟରେ ଆୟୋଜିତ ଏକ ଭବ୍ୟ ଆନୁଷ୍ଠାନିକ ପରେଡରେ ଭାରତର କେନ୍ଦ୍ରୀୟ ଗୃହମନ୍ତ୍ରୀ ଅମିତ ଶାହ ଯୋଗଦେଇ ଜାତୀୟ ବିପର୍ଯ୍ୟୟ ମୁକାବିଲା ବାହିନୀକୁ ଗରିମାମୟ ସର୍ବୋଚ୍ଚ ସମ୍ମାନ (ଆୱାର୍ଡ) ପ୍ରଦାନ କରିଛନ୍ତି । ଏହି ସମ୍ମାନ ଭାରତର ଯେକୌଣସି ସେନା କିମ୍ବା ଅର୍ଦ୍ଧସେନା ବାହିନୀକୁ ଦିଆଯାଉଥିବା ସର୍ବୋଚ୍ଚ ସମ୍ମାନ ଭାବେ ପରିଚିତ । ଏହି ମହାନ ମୁହୂର୍ତ୍ତରେ କଟକ ମୁଣ୍ଡଳୀ ଏନଡିଆରଏଫର ବରିଷ୍ଠ କମାଣ୍ଡାଣ୍ଟ ନାଗେନ୍ଦ୍ର ଶର୍ମା ସେଠାରେ ଆୟୋଜିତ ସ୍ୱତନ୍ତ୍ର ପରେଡର ନେତୃତ୍ୱ ନେଇ ଓଡ଼ିଶା ତଥା ମୁଣ୍ଡଳୀ ବାହିନୀ ପାଇଁ ଗୌରବ ଆଣିଛନ୍ତି । ତାଙ୍କର ସଫଳ ନେତୃତ୍ୱରେ ସମଗ୍ର ପରେଡ କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପନ୍ନ ହୋଇଥିବା ବେଳେ ଏହା ଏନଡିଆରଏଫ ଇତିହାସରେ ଏକ ସ୍ମରଣୀୟ ଅଧ୍ୟାୟ ହୋଇ ରହିବ ବୋଲି ଅଭିହିତ କରାଯାଇଛି । ଏହି ଐତିହାସିକ ଅବସରରେ ଗୃହମନ୍ତ୍ରୀ ଅମିତ ଶାହ ଏନଡିଆରଏଫର ୨୦ ବର୍ଷର ସଫଳ ଯାତ୍ରାକୁ ଉଚ୍ଚ ପ୍ରଶଂସା କରି କହିଥିଲେ ଯେ, ବିପର୍ଯ୍ୟୟ ପରିଚାଳନା ଏବଂ ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍ ବିଶ୍ୱସ୍ତରରେ ଭାରତକୁ ଏକ ସ୍ୱତନ୍ତ୍ର ଓ ସମ୍ମାନଜନକ ପରିଚୟ ଦେଇଛି । ଏହି ବାହିନୀ କେବଳ ଦେଶ ଭିତରେ ନୁହେଁ, ବରଂ ଆନ୍ତର୍ଜାତୀୟ ସ୍ତରରେ ମଧ୍ୟ ଏକ ଭରସାଯୋଗ୍ୟ 'ଫାର୍ଷ୍ଟ ରେସପଣ୍ଡର' (ପ୍ରଥମ ସାହାଯ୍ୟକାରୀ) ଭାବେ ନିଜର ଯୋଗ୍ୟତା ପ୍ରତିପାଦିତ କରିପାରିଛି । ଗୃହମନ୍ତ୍ରୀ ନିଜ ଅଭିଭାଷଣରେ ବାହିନୀକୁ ଆଗାମୀ ଦିନରେ 'ଶୂନ୍ୟ ଜନହାନି' ଏବଂ ସର୍ବନିମ୍ନ ସମ୍ପତ୍ତି ନଷ୍ଟକୁ ମୁଖ୍ୟ ମନ୍ତ୍ର ଭାବେ ଗ୍ରହଣ କରି ଆଗକୁ ବଢ଼ିବାକୁ ଆହ୍ୱାନ ଦେଇଥିଲେ । ଶ୍ରୀ ଶାହ ସ୍ପଷ୍ଟ କରିଥିଲେ ଯେ, ଏହି ସର୍ବୋଚ୍ଚ ସମ୍ମାନ କେବଳ ଏନଡିଆରଏଫ ପାଇଁ ନୁହେଁ, ବରଂ ଏହା ସହିତ କାର୍ଯ୍ୟ କରୁଥିବା ଏସଡିଆରଏଫ୍, ପଞ୍ଚାୟତ, ଏନ୍‌ସିସି, ଏନ୍‌ଏସ୍‌ଏସ୍ ଏବଂ ହଜାର ହଜାର 'ଆପଦା ମିତ୍ର' ସ୍ୱେଚ୍ଛାସେବୀଙ୍କ ସାମୂହିକ ଅବଦାନର ଏକ ବଡ଼ ସ୍ୱୀକୃତି । ଏହି ସମ୍ବାଦକୁ ଗଣମାଧ୍ୟମ ପ୍ରତିନିଧି ଆଲୋକ ନାୟକ ଉପସ୍ଥାପନ କରିଛନ୍ତି ।



## ପ୍ରଥମ ପୃଷ୍ଠାରୁ

### ୩ ଟଙ୍କା ବଢ଼ିଲା ...

ଲାଗୁ ହେବା ସଂକେତ ପାଇବା ମାତ୍ରେ ଗୁରୁବାର ବିଳମ୍ବିତ ରାତିରୁ ହିଁ ଦେଶର ବିଭିନ୍ନ ସହରର ତୈଳ ଟାଙ୍କିଗୁଡ଼ିକରେ ବାଇକ୍ ଏବଂ କାର୍‌ଗୁଡ଼ିକର ଲମ୍ବା ଲାଇନ୍ ଦେଖିବାକୁ ମିଳିଥିଲା। ଲୋକମାନେ ଟାଙ୍କି ଫୁଲ୍ କରିବା ସହ ଜେରିକେନ୍‌ରେ ମଧ୍ୟ ତେଲ ସଂଗ୍ରହ କରୁଥିବା ଦେଖାଯାଇଥିଲା। ଫଳରେ ପେଟ୍ରୋଲ ପମ୍ପଗୁଡିକରେ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଲୋକେ ଘଣ୍ଟା ଘଣ୍ଟା ଧରି ପେଟ୍ରୋଲ ପମ୍ପରେ ଛିଡା ହୋଇ ଅପେକ୍ଷା କରି ରହିବାର ବିକଳ ଚିତ୍ର ସାମ୍ନାକୁ ଆସିଛି। ତେବେ ଏବେ ଯେତେବେଳେ ପେଟ୍ରୋଲ-ଡିଜେଲ୍ ମୂଲ୍ୟ ବୃଦ୍ଧି ପାଇଛି ସେତେବେଳେ ପରିବହନ ଖର୍ଚ୍ଚ ବଢ଼ିବା ନିଶ୍ଚିତ ହୋଇଯାଇଛି। ସୁତରାଂ ଆଗାମୀ ଦିନରେ ପନିପରିବା, କ୍ଷୀର, ରାସନ ସାମଗ୍ରୀ ଏବଂ ଅନଲାଇନ୍ ଡେଲିଭରି ସେବାଗୁଡ଼ିକ ମଧ୍ୟ ମହଙ୍ଗା ହେବାର ସମ୍ଭାବନା ରହିଛି। ଅର୍ଥନୀତିଜ୍ଞମାନଙ୍କ ଅନୁମାନ ଅନୁଯାୟୀ, ଏହି ଇନ୍ଧନ ମୂଲ୍ୟ ବୃଦ୍ଧି ଯୋଗୁଁ ଦେଶର ଖୁଚୁରା ମୁଦ୍ରାସ୍ଫୀତି ସିଧାସଳଖ ୦.୨୫% ରୁ ୦.୩୦% ପର୍ଯ୍ୟନ୍ତ ବଢ଼ିଯିବ, ଯାହା ଚଳିତ ଆର୍ଥିକ ବର୍ଷରେ ମୋଟ ମୁଦ୍ରାସ୍ଫୀତିକୁ ୬% ସୀମା ପାଖାପାଖି ପହଞ୍ଚାଇ ଦେବ।

### ଜୁନ୍ ୨୧ରେ ନିଟ୍ ...

ନିଆଯିବ। ପରୀକ୍ଷା ପ୍ରଣାଳୀରେ ସ୍ୱଚ୍ଛତା ଆଣିବା ପାଇଁ ଆସନ୍ତା ବର୍ଷ ଠାରୁ ନିଟ୍ ପରୀକ୍ଷା ଓଏମ୍ଆର ସିଟ୍ ବଦଳରେ କମ୍ପ୍ୟୁଟର ଭିତ୍ତିକ ପରୀକ୍ଷା ବା ସିବିଟି ମୋଡ୍‌ରେ କରାଯିବ।

ଶ୍ରୀ ପ୍ରଧାନ ନିଟ୍ ପରୀକ୍ଷା ପରିଚାଳନାରେ ସ୍ୱଚ୍ଛତା, ସାଧୁତା ଏବଂ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସୁରକ୍ଷା ପାଇଁ କେନ୍ଦ୍ର ସରକାରଙ୍କ ଦୃଢ଼ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଗତ ମେ' ୩ ତାରିଖରେ ନିଟ୍ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏନ୍‌ଟିଏର ଅଭିଯୋଗ ନିବାରଣ ପ୍ରଣାଳୀ ମାଧ୍ୟମରେ ଏକ ଆପତ୍ତି ମିଳିଥିଲା ଯେ ବଜାରରେ ଉପଲବ୍ଧ କିଛି 'ଗେସ୍ ପେପର'ର ପ୍ରଶ୍ନ ସହ ଚଳିତ ବର୍ଷର ମୂଳ ପ୍ରଶ୍ନପତ୍ରର ସାମଞ୍ଜସ୍ୟ ରହିଛି। ଏହାକୁ ଗମ୍ଭୀରତାର ସହ ନେଇ ଉଚ୍ଚଶିକ୍ଷା ବିଭାଗ ଏବଂ ଏନଟିଏ ତୁରନ୍ତ ଏକ ପ୍ରାଥମିକ ସମୀକ୍ଷା କରି ମାମଲାକୁ ଭାରତ ସରକାରଙ୍କ ସମ୍ପୃକ୍ତ ଏଜେନ୍ସିଗୁଡ଼ିକୁ ହସ୍ତାନ୍ତର କରିଥିଲେ। ବିଭିନ୍ନ ରାଜ୍ୟର ସଂସ୍ଥାଗୁଡ଼ିକ ସହ ସମନ୍ୱୟ ରକ୍ଷା କରାଯାଇ ଏହା ନିଶ୍ଚିତ ହୋଇଥିଲା ଯେ, 'ଗେସ୍ ପେପର' ଆଳରେ ପ୍ରକୃତ ପରୀକ୍ଷା ପ୍ରଶ୍ନପତ୍ର ହିଁ ଲିକ୍ କରାଯାଇଥିଲା। ଶ୍ରୀ ପ୍ରଧାନ କହିଛନ୍ତି, କୌଣସି ଯୋଗ୍ୟ ଓ ମେଧାବୀ ଛାତ୍ର ଶିକ୍ଷା ମାଫିଆ କିମ୍ବା ଜାଲିଆତି କରୁଥିବା ବ୍ୟକ୍ତିଙ୍କ ଷଡ଼ଯନ୍ତ୍ର ଯୋଗୁଁ ନିଜର ଅଧିକାରରୁ ଯେପରି ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ଆମେ ପରୀକ୍ଷା ବାତିଲ କରିବାର କଠୋର ନିଷ୍ପତ୍ତି ନେଇଥିଲୁ। ପୂର୍ବରୁ ହୋଇଥିବା ଅନିୟମିତତା ପରେ ଗଠିତ 'ରାଧାକୃଷ୍ଣନ୍ କମିଟି'ର ପ୍ରତ୍ୟେକ ସୁପାରିଶକୁ ୨୦୨୫ ଏବଂ ୨୦୨୬ ବର୍ଷ ପାଇଁ ଅକ୍ଷରେ ଅକ୍ଷରେ ପାଳନ କରାଯାଇଥିଲା। ଏହା ସତ୍ତ୍ୱେ ଏପରି ଦୁର୍ଭାଗ୍ୟଜନକ ଘଟଣା ଘଟିଥିବାରୁ ସରକାର ଏହାକୁ ଗମ୍ଭୀରତାର ସହ ଗ୍ରହଣ କରିଛନ୍ତି। ସରକାର ସମସ୍ତ ପରୀକ୍ଷାର୍ଥୀଙ୍କୁ ଧୈର୍ଯ୍ୟର ସହ ପୁନଃ ପରୀକ୍ଷା ପାଇଁ ପ୍ରସ୍ତୁତ ହେବାକୁ ସେ ଅନୁରୋଧ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ଏନଟିଏରେ ରହିଥିବା ସମସ୍ତ ତ୍ରୁଟିକୁ ସୁଧାରି ଏଥିରେ 'ଶୂନ୍ୟ ତ୍ରୁଟି' ସୁନିଶ୍ଚିତ କରାଯିବ। ପରୀକ୍ଷା ପରିଚାଳନାରେ ସଂପୂର୍ଣ୍ଣ ସ୍ୱଚ୍ଛତା ବଜାୟ ରଖିବାକୁ ଏବଂ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଛି। ଶିକ୍ଷା ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ, ଭୁଲ୍ କାର୍ଯ୍ୟ ପ୍ରତି ଆମର 'ଶୂନ୍ୟ ସହନଶୀଳତା' ରହିଛି ଏବଂ ଏହା ପରୀକ୍ଷା ମାଫିଆଙ୍କ ବିରୁଦ୍ଧରେ ଏକ ଲମ୍ବା ଲଢ଼େଇ। ସିବିଆଇ ତଦନ୍ତରେ କୌଣସି ବି ଦୋଷୀଙ୍କୁ ଛଡ଼ାଯିବ ନାହିଁ। ଶିକ୍ଷା ମାଫିଆଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

### ସଅଳ ଆସିବ ...

୨୦୦୫ ମସିହାରୁ ଏକ ସ୍ୱତନ୍ତ୍ର ପରିସଂଖ୍ୟାନ ମଡେଲ୍ ବ୍ୟବହାର କରି କେରଳରେ ମୌସୁମୀ ଆଗମନର ସଠିକ୍ ଆକଳନ କରିଆସୁଛି। ଭାରତ ମହାସାଗର, ପ୍ରଶାନ୍ତ ମହାସାଗରର ପବନର ଗତିପଥ ଏବଂ ଉତ୍ତର-ପଶ୍ଚିମ ଭାରତର ତାପମାତ୍ରାକୁ ଅନୁଧ୍ୟାନ କରି ଏହି ରିପୋର୍ଟ ପ୍ରସ୍ତୁତ କରାଯାଏ। ବିଗତ ୨୧ ବର୍ଷ ମଧ୍ୟରେ କେବଳ ୨୦୧୫ ମସିହାକୁ ବାଦ୍ ଦେଲେ, ପାଣିପାଗ ବିଭାଗର ଏହି ମଡେଲ୍ ସମ୍ପୂର୍ଣ୍ଣ ସଠିକ୍ ପ୍ରମାଣିତ ହୋଇଛି।

### ୧ ଡଲାର ...

ସବୁଠାରୁ ସର୍ବନିମ୍ନ କ୍ଲୋଜିଂ ରେକର୍ଡ। କେବଳ ଚଳିତ ବର୍ଷ ୨୦୨୬ ମଧ୍ୟରେ ଭାରତୀୟ ଟଙ୍କା ଡଲାର ତୁଳନାରେ ୬% ରୁ ଅଧିକ ହ୍ରାସ ପାଇସାରିଲାଣି। ଗତ ୬ଟି ଟ୍ରେଡିଂ ସେସନ୍‌ରେ ହିଁ ଏହା ପ୍ରାୟ ୨% ଦୁର୍ବଳ ହୋଇସାରିଲାଣି। ବିଶ୍ୱ ବଜାରରେ ଅନିଶ୍ଚିତତା ଯୋଗୁଁ ବିଦେଶୀ ନିବେଶକମାନେ ଭାରତୀୟ ସେୟାର ବଜାରରୁ କ୍ରମାଗତ ଭାବେ ନିଜର ପୁଞ୍ଜି ପ୍ରତ୍ୟାହାର କରି ଆମେରିକୀୟ ବଜାରରେ ସୁରକ୍ଷିତ ନିବେଶ କରୁଛନ୍ତି। ଏହାଦ୍ୱାରା ଡଲାରର ଚାହିଦା ବଢ଼ିବାରେ ଲାଗିଛି। ଅନ୍ୟପକ୍ଷେ ଆମେରିକାର ଖୁଚୁରା ବଜାର ଓ ରୋଜଗାର ସମ୍ବନ୍ଧୀୟ ସକାରାତ୍ମକ ତଥ୍ୟ ଆସିବା ପରେ ୟୁଏସ୍ ଫେଡେରାଲ୍ ରିଜର୍ଭ, ସୁଧ ହାର ସହଜରେ କମାଇବ ନାହିଁ ବୋଲି ସ୍ପଷ୍ଟ ହୋଇଛି, ଯାହା ଡଲାର ଇଣ୍ଡେକ୍ସ (୯୯.୧୫)କୁ ଟଙ୍କା ତୁଳନାରେ ଆହୁରି ଅଧିକ ଶକ୍ତିଶାଳୀ କରିଦେଇଛି। ଏହା ସହିତ ଆମେରିକାର ୧୦-ବର୍ଷର ଟ୍ରେଜେରୀ ବଣ୍ଡ୍ ୟିଲ୍ଡ ମଧ୍ୟ ପ୍ରାୟ ଏକ ବର୍ଷର ସର୍ବୋଚ୍ଚ ସ୍ତର (୪.୫୩%) କୁ ଚାଲିଯାଇଛି, ଯାହା ନିବେଶକମାନଙ୍କୁ ଭାରତ ଭଳି ବିକାଶଶୀଳ ବଜାରରୁ ପୁଞ୍ଜି ପ୍ରତ୍ୟାହାର କରି ଡଲାରରେ ବିନିଯୋଗ କରିବାକୁ ଆକର୍ଷିତ କରୁଛି। ମୋଟାମୋଟି ଗତ ଫେବୃଆରୀ ମାସରୁ ଆମେରିକା-ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ସାମରିକ ଉତ୍ତେଜନା ଯୋଗୁଁ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏଲ୍‌ପିଜି ଓ ତୈଳ ପରିବହନ ମାର୍ଗ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍' ପ୍ରଭାବିତ ହୋଇଛି। ଏହି କାରଣରୁ ଆନ୍ତର୍ଜାତୀୟ ବଜାରରେ ବ୍ରେଣ୍ଟ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ୍ ପିଛା ପ୍ରାୟ ୧୦୯ ଡଲାର ପାର୍ କରିଯାଇଛି। ଭାରତ ତା'ର ଆବଶ୍ୟକତାର ୮୫% ରୁ ଅଧିକ ତୈଳ ଆମଦାନୀ କରୁଥିବାରୁ, ଏଥିପାଇଁ ଅଧିକ ଡଲାର ପେମେଣ୍ଟ କରିବାକୁ ପଡୁଛି, ଯାହା ଟଙ୍କା ଉପରେ ଚାପ ପକାଉଛି। ଟଙ୍କା ଦୁର୍ବଳ ହେବା ଦ୍ୱାରା ଦେଶରେ ତୈଳ, ଖାଇବା ତେଲ, ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ଭଳି ଆମଦାନୀ ହେଉଥିବା ଜିନିଷର ମୂଲ୍ୟ ବଢ଼ିବ, ଯାହା ମାସିକ ଘରୋଇ ଖର୍ଚ୍ଚକୁ ସାମାନ୍ୟ ବଢ଼ାଇପାରେ। ସେହିପରି ଯେଉଁମାନେ ବିଦେଶରେ ପଢୁଛନ୍ତି କିମ୍ବା ବୁଲିବାକୁ ଯାଉଛନ୍ତି, ସେମାନଙ୍କ ଖର୍ଚ୍ଚ ବୃଦ୍ଧି ପାଇବ। ତେବେ ସରକାର ନିକଟରେ ବିଦେଶୀ ଟୁର୍ ପ୍ୟାକେଜ୍ ଉପରେ ଟିସିଏସ୍ ହାରକୁ ସରଳୀକରଣ କରି ମାତ୍ର ୨% ରଖିଛନ୍ତି, ଯାହା ଯାତ୍ରୀମାନଙ୍କୁ କିଛିଟା ଆଶ୍ୱସ୍ତି ଦେବ। ଅନ୍ୟପକ୍ଷେ ଟଙ୍କାର ମୂଲ୍ୟ ହ୍ରାସ ପାଇବା ଦ୍ୱାରା ଭାରତର ଆଇଟି, ଫାର୍ମାସ୍ୟୁଟିକାଲ୍ସ (ଔଷଧ ଶିଳ୍ପ) ଏବଂ ରପ୍ତାନିକାରୀ ମାନେ ଉପକୃତ ହେବେ, କାରଣ ସେମାନେ ବିଦେଶରୁ ଡଲାର ଆକାରରେ ରୋଜଗାର କରୁଥିବା ଆୟର ଭାରତୀୟ ମୂଲ୍ୟ ବୃଦ୍ଧି ପାଇବ।

### ବଢ଼ିଲା ଘରୋଇ ...

ଓ ସୁପର ଡିଲକ୍ସ ବସ୍ ଭଡ଼ା ୪ରୁ ୬ ପଇସା ବଢ଼ିଛି। ଏହି ଦର ଆସନ୍ତାକାଲି ଅର୍ଥାତ ଶନିବାର ଠାରୁ ଲାଗୁ ହେବ। ତେବେ ସାଧାରଣ ବସ୍ ଭଡ଼ା ପ୍ରତି କି.ମି ପିଛା ୮୮ ପଇସା ଥିବା ବେଳେ ଏବେ ୯୦ ଓ ଏକ୍ସପ୍ରେସ୍ ବସ୍ ଭଡ଼ା ୯୨ ପଇସାରୁ ୯୪ ପଇସାକୁ ବୃଦ୍ଧି ପାଇଛି। ସେହିପରି ଡିଲକ୍ସ ବସ୍ ଭଡ଼ା ୧୨୭ ପଇସାରୁ ୧୩୧ ପଇସା, ଏସି ଡିଲକ୍ସ ୧୫୫ ପଇସାରୁ ୧୫୯ ପଇସା ଓ ସୁପର ଡିଲକ୍ସ ଭଡ଼ା ୨୪୧ ପଇସାରୁ ୨୪୭ ପଇସାକୁ ବଢ଼ାଇ ଦିଆଯାଇଛି। ତେବେ ଶେଷ ଥର ରାଜ୍ୟରେ ୧୬ ମାର୍ଚ୍ଚ ୨୦୨୪ରେ ବସ୍ ଭଡ଼ା ବଢ଼ିଥିଲା। ଏବେ ଡିଜେଲ୍ ୩ଟଙ୍କା ବଢ଼ିଥିବାବେଳେ ଦର ବଢ଼ିବା ସ୍ୱାଭାବିକ ବୋଲି ଅଲ୍ ଓଡ଼ିଶା ବସ୍ ଓନର ଆସୋସିଏସନର ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ କହିଛନ୍ତି।

### ରାଜ୍ୟରେ ୯୪.୬୧% ...

ପ୍ରକ୍ରିୟାରେ ୩୮ ହଜାର ୧୨୩ ଜଣ ବୁଥସ୍ତରୀୟ ଅଧିକାରୀ ବା ବିଏଲଓ ଘରେ ଘରେ ପହଞ୍ଚି ଭୋଟରଙ୍କ ତଥ୍ୟ ଯାଞ୍ଚ କରିବେ। ଏଥିରେ ଆହୁରି ୭ ହଜାର ୧୩୨ ବୁଥ୍ ନୂଆ କରି ସୃଷ୍ଟି ହେବ। ଏସ୍ଆଇଆର ପ୍ରକ୍ରିୟା ଶେଷ ହେବା ବେଳକୁ ୪୫ ହଜାର ୨୫୫ ବୁଥ୍ ରହିବ। ସେମାନଙ୍କୁ ସହଯୋଗ କରିବା ପାଇଁ ରାଜ୍ୟରେ ବିଭିନ୍ନ ରାଜନୈତିକ ଦଳ ତରଫରୁ ୨୭ ହଜାର ୭୨୩ ଜଣ ବୁଥସ୍ତରୀୟ ଏଜେଣ୍ଟ ବା ବିଏଲଏ ନିୟୋଜିତ ହୋଇଛନ୍ତି। ରାଜ୍ୟରେ ୩୮ ହଜାର ୧୨୩ ବୁଥ୍‌ରୁ ବିଜେପି ୧୬ ହଜାର ୬୦୪ଟି ବିଏଲଏ ନିଯୁକ୍ତ କରିଥିବାବେଳେ ବିଜେଡି ୭୯୩୪ ଜଣ ଓ କଂଗ୍ରେସ ୩୧୮୫ଜଣ ବିଏଲଏଙ୍କୁ ନିଯୁକ୍ତ କରିଛି। ବାକିଥିବା ବୁଥ୍‌ରେ ମଧ୍ୟ ବିଏଲଏ ନିଯୁକ୍ତ କରିବା ପାଇଁ ଅନୁରୋଧ କରୁଛୁ। ବାମ ଦଳ ଓ ଅନ୍ୟାନ୍ୟ ଦଳ ଏଯାଏଁ ଜଣେ ବି ବିଏଲଏ ନିଯୁକ୍ତ କରିନାହାଁନ୍ତି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ କହିଛନ୍ତି।

### ବସ୍, ଟ୍ରକ୍ ପାଇଁ ...

ଆବଶ୍ୟକୀୟ ଇନ୍ଧନ ମହଜୁଦ ରଖାଯିବ। ଏହା ସହିତ ଟ୍ରକଗୁଡ଼ିକ ସୁବିଧା ପାଇଁ ଜାତୀୟ ରାଜପଥ (ହାଇୱେ) କଡ଼ରେ ପ୍ରତି ଜିଲ୍ଲାରେ ପେଟ୍ରୋଲ୍ ପମ୍ପ ଚିହ୍ନଟ କରାଯିବ ଏବଂ ଗାଡ଼ିଗୁଡ଼ିକର ଦୈନିକ ଆବଶ୍ୟକତା ଅନୁଯାୟୀ ସେହି ନିର୍ଦ୍ଦିଷ୍ଟ ପମ୍ପଗୁଡ଼ିକୁ ତୈଳ ଯୋଗାଣ ପ୍ରକ୍ରିୟାକୁ ସରକାର ଓ ତୈଳ କମ୍ପାନୀ ସିଧାସଳଖ ମନିଟରିଂ କରିବେ।

## ବାଇକ୍-ଅଟୋ ଧକ୍କା, ଜଣେ ମୃତ

# କ୍ଷତିପୂରଣ ଦାବିରେ ରାତିସାରା ରାସ୍ତା ଅବରୋଧ

**ରାୟଗଡ଼ା,୧୫।୫/ଏନ୍ଏନ୍ଏସ୍:** ରାୟଗଡ଼ା-କୋରାପୁଟ ଜିଲ୍ଲା ସୀମାନ୍ତ ଧାମଣଗଣ୍ଡା ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ଭାଇ ଗୁରୁତର ଆହତ ହୋଇଛନ୍ତି। କୁମ୍ଭିକଟା ଫାଣ୍ଡି ଅନ୍ତର୍ଗତ ୩୨୬ ନମ୍ବର ଜାତୀୟ ରାଜପଥରେ ଗୁରୁବାର ରାତିରେ ଏହି ଦୁର୍ଘଟଣା ଘଟିଥିଲା। ମୀନପାଇ ଗ୍ରାମର ସୁନୀଲ ମିଣିଆକା (୨୮) ବାଇକ୍ ଯୋଗେ କୁମ୍ଭାରିପୁଟ ପଞ୍ଚାୟତ ମଞ୍ଚାପଦର ଗ୍ରାମକୁ ଯାଇ ଘରକୁ ଫେରୁଥିବା ସମୟରେ ଏକ ଅଟୋ ସହ ଧକ୍କା ହୋଇଥିଲା। ଫଳରେରେ ଘଟଣାସ୍ଥଳରେ ସୁନୀଲଙ୍କ ମୃତ୍ୟୁ ହୋଇଥିବାବେଳେ ତାଙ୍କ ସାନଭାଇ ମିଳନ ମିଣିଆକା (୧୨) ଗୁରୁତର ଆହତ ହୋଇଛନ୍ତି। ଉକ୍ତ ଘଟଣାକୁ କେନ୍ଦ୍ର କରି ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ଗୁରୁବାର ରାତି ପ୍ରାୟ ୮ଟା ୩୦ରୁ ଶୁକ୍ରବାର ସକାଳ ୭ଟା ପର୍ଯ୍ୟନ୍ତ ଜାତୀୟ ରାଜପଥ ଅବରୋଧ କରି ଧାରଣାରେ ବସିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହନ ଅଟକି ରହିଥିଲା। ଅନେକ ଯାତ୍ରୀ ଭୋକ ଓପାସରେ ବସ୍ ଭିତରେ ଫସି ରହିଥିବା ଦେଖିବାକୁ ମିଳିଥିଲା। ଖବରପାଇ ପୂର୍ବତନ ସରପଞ୍ଚ କୈଳାସ ମିଣିଆକା, ଉପଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା, ତହସିଲଦାର୍ ପ୍ରିୟଦର୍ଶିନୀ ସ୍ୱାଇଁ, ବିଡିଓ ସୁଜିତ କୁମାର ମିଶ୍ର ଓ ଏସ୍‌ଡିପିଓ ଗୌରହରି ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ପ୍ରଶାସନ ପକ୍ଷରୁ ରେଡକ୍ରସ୍ ପାଣ୍ଠିରୁ ତୁରନ୍ତ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଏହାସହ ମୃତକଙ୍କ ପରିବାରକୁ ସରକାରୀ ଯୋଜନା ଅନୁଯାୟୀ ଅନ୍ୟାନ୍ୟ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟିଥିଲା। ପରେ ପୁଲିସ୍ ରାସ୍ତାରୁ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ଗୁରୁବାର ରାତିରୁ ୧୦ ଘଣ୍ଟା ଧରି ରାସ୍ତା ଅବରୋଧ କରିଥିଲେ ମଧ୍ୟ କୌଣସି ପ୍ରଶାସନିକ ଅଧିକାରୀ ପହଞ୍ଚି ନଥିଲେ। ଆବଶ୍ୟକ ପୁଲିସ୍ କର୍ମଚାରୀ ନଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଥିଲା।

## ଯୁବୋଦୟ ଛାତ୍ରଛାତ୍ରୀଙ୍କ ସଫଳତା

# ଜେଇଇ, ନିଟ୍ ଓ ସିବିଏସ୍‌ଇ ବୋର୍ଡରେ ଉତ୍କୃଷ୍ଟ ପ୍ରଦର୍ଶନ



**ବଲାଙ୍ଗୀର,୧୫।୫/ଏନ୍ଏନ୍ଏସ୍:** ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଯୁବୋଦୟ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ଜାତୀୟସ୍ତରର ପ୍ରବେଶିକା ପରୀକ୍ଷାରେ ଚମତ୍କାର ପ୍ରଦର୍ଶନ କରିଛନ୍ତି। କେବଳ ପ୍ରବେଶିକା ନୁହେଁ, ବୋର୍ଡ ପରୀକ୍ଷାରେ ମଧ୍ୟ ଛାତ୍ରଛାତ୍ରୀମାନେ ଉତ୍କୃଷ୍ଟ ଫଳାଫଳ କରିଥିବା ସଦ୍ୟ ପ୍ରକାଶିତ ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀର ଫଳାଫଳରୁ ସ୍ପଷ୍ଟ ହୋଇଛି। ସୂଚନାନୁସାରେ ଗତ ୧୦ ବର୍ଷ ଧରି ଯୁବୋଦୟ ଶିକ୍ଷାନୁଷ୍ଠାନ ପ୍ରତି ବର୍ଷ ୨୦ ଜଣ ନୂତନ ଛାତ୍ରଛାତ୍ରୀଙ୍କୁ ଆଇଆଇଟି, ଏଆଇଆଇଏମ୍ଏସ୍ ଓ ସରକାରୀ ମେଡିକାଲ୍ କଲେଜରେ ଭର୍ତ୍ତି କରାଇବାରେ ସଫଳ ହୋଇଆସୁଛି। ନିକଟସ୍ଥ ଅଞ୍ଚଳର ସମସ୍ତ ଶିକ୍ଷାନୁଷ୍ଠାନ ମଧ୍ୟରେ ଏହା ସର୍ବାଧିକ ବୋଲି କୁହାଯାଉଛି। ବଲାଙ୍ଗୀରର ପ୍ରସିଦ୍ଧ ଶିକ୍ଷାନୁଷ୍ଠାନ ଯୁବୋଦୟର ଛାତ୍ରଛାତ୍ରୀ ଚଳିତ ବର୍ଷ ମଧ୍ୟ ବୋର୍ଡ ପରୀକ୍ଷାରେ ଉତ୍କୃଷ୍ଟ ଫଳାଫଳ କରି ଶିକ୍ଷାନୁଷ୍ଠାନର ଗୌରବ ବଢ଼ାଇଛନ୍ତି। ଅନେକ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ସଫଳତାର ନୂଆ ଇତିହାସ ରଚିଛନ୍ତି। ଶିକ୍ଷାନୁଷ୍ଠାନ କୃତୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୌଶିକ କୁମାର ସାହୁ ୯୪.୨୦ ପ୍ରତିଶତ ନମ୍ବର ରଖି ସର୍ବୋଚ୍ଚ ସ୍ଥାନ ଅଧିକାର କରିଛନ୍ତି। ସେହିପରି ସୌମ୍ୟ ରଞ୍ଜନ ପଣ୍ଡା ୯୩.୬୦ ପ୍ରତିଶତ, ସାହିଲ୍ କୁମାର ଦାଶ ୯୩.୪୦ ପ୍ରତିଶତ, ପୌଲୋମି ଯୋଶୀ ୯୨.୮୦ ପ୍ରତିଶତ, ବିଶ୍ୱଜିତ ସାହୁ ୯୨.୬୦ ପ୍ରତିଶତ, ଆଦର୍ଶ ଦାଶ ୯୨.୦୦ ପ୍ରତିଶତ ଓ ବିନୟ ମେହେର ୯୨.୦୦ ପ୍ରତିଶତ ନମ୍ବର ରଖି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ସେହିପରି କ୍ରୀଷ୍ଣା ବିଶେକ ମାଝୀ ୯୧.୮୦ ପ୍ରତିଶତ, ଅମିଶା ଲେଙ୍କା ୯୧.୬୦ ପ୍ରତିଶତ, ଅନନ୍ୟା ପଣ୍ଡା ୯୧.୨୦ ପ୍ରତିଶତ, ଆର୍ଯ୍ୟ ଶ୍ଳୋକ ମୁଣ୍ଡ ୯୧.୨୦ ପ୍ରତିଶତ, ଶ୍ରୀୟାଂଶୀ ଜେନା ୯୧.୨୦ ପ୍ରତିଶତ, ସିଦ୍ଧାର୍ଥ ଲେଙ୍କା ୯୧ ପ୍ରତିଶତ, ସିଲଭାରାଣୀ ପ୍ରଧାନ ୯୧ ପ୍ରତିଶତ ଓ ପଲ୍ଲବୀ ପ୍ରିୟଦର୍ଶିନୀ ଧଳ ୯୧ ପ୍ରତିଶତ ନମ୍ବର ରଖି ସଂସ୍ଥାକୁ ଗୌରବାନ୍ୱିତ କରିଛନ୍ତି। ଏହାସହ ଜ୍ୟୋତି ପ୍ରକାଶ ଭୋଇ ୯୦.୪୦ପ୍ରତିଶତ, ସ୍ୱାଗତ ପାଢ଼ୀ ୯୦.୪୦ ପ୍ରତିଶତ, ଶ୍ଳୋକ ସୌରଭ ସାହୁ ୯୦.୨୦ପ୍ରତିଶତ, ଅଞ୍ଜଳି ଭୋଇ ୯୦.୨୦ ପ୍ରତିଶତ, ଯଶୋଦା ମେହେର ୯୦.୨୦ପ୍ରତିଶତ, ଗୌରୀ ବେହେରା ୯୦ ପ୍ରତିଶତ, ମୁକ୍ତି ସୁଧା ପାତ୍ର ୯୦ ପ୍ରତିଶତ, ଶ୍ରୀଆଂଶ ଖମାରୀ ୯୦ ପ୍ରତିଶତ ଓ ସୁଭ୍ରାଂଶୁ ଶେଖର ସାହୁ ୯୦ ପ୍ରତିଶତ ନମ୍ବର ରଖି କୃତିତ୍ୱ ଅର୍ଜନ କରିଛନ୍ତି। ଚଳିତ ବର୍ଷ ଯୁବୋଦୟର ସମୁଦାୟ ୩୯୬ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୪ ଜଣ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ନୂଆ କୀର୍ତ୍ତି ସୃଷ୍ଟି କରିଛନ୍ତି। ସେହିପରି ୧୪୧ ଜଣ ଛାତ୍ରଛାତ୍ରୀ ୮୦ ପ୍ରତିଶତରୁ ଅଧିକ ନମ୍ବର ହାସଲ କରିଥିବାବେଳେ ୩୬୩ ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଯୁବୋଦୟ ପକ୍ଷରୁ କୁହାଯାଇଛି ଯେ ନିୟମିତ ପାଠପଢ଼ା, ଅନୁଭବୀ ଶିକ୍ଷକଙ୍କ ମାର୍ଗଦର୍ଶନ, ସୁସଂଗଠିତ ପରୀକ୍ଷା ପ୍ରଣାଳୀ ଓ ଛାତ୍ରଛାତ୍ରୀଙ୍କ ନିରନ୍ତର ପରିଶ୍ରମ ଏହି ସଫଳତାର ମୂଳ କାରଣ। ଅନୁଷ୍ଠାନର ନିର୍ଦ୍ଦେଶକ ଶ୍ରୀ ଅମ୍ବରୀଶ ଦାଶ କହିଛନ୍ତି ଯେ ଜେଇଇ ଓ ନିଟ୍ ପରି ଜାତୀୟସ୍ତରର ପରୀକ୍ଷାକୁ ଲକ୍ଷ୍ୟ କରି ଯେଉଁ ଛାତ୍ରଛାତ୍ରୀ ସମାନ୍ତର ଭାବେ ନିଜକୁ ପ୍ରସ୍ତୁତି କରିଥାନ୍ତି ବୋର୍ଡର ଭଲ ଫଳାଫଳ ସଦା ତାଙ୍କ ପାଇଁ ଏକ ଅତିରିକ୍ତ ସଫଳତା ଭାବେ ଆସିଥାଏ।

## ଟିଟିଲାଗଡ଼ ପୁଲିସ୍‌ର ଚଢ଼ଉ

# ଅଟୋରୁ ଗଞ୍ଜେଇ ଜବତ, ୨ ଗିରଫ



**ଟିଟିଲାଗଡ଼,୧୫।୫/ଏନ୍ଏନ୍ଏସ୍:** ଟିଟିଲାଗଡ଼ର ଝାଡ଼ବନ୍ଧ ନିକଟରେ ଏକ ଅଟୋରୁ ପୁଲିସ୍ ଗଞ୍ଜେଇ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତମାନେ ହେଲେ ସଇଁତଲା ଥାନା କେରମେଲି ଗାଁର ଅଟୋ ଚାଳକ ସନ୍ତୋଷ ସାହୁ ଓ ବିହାରର ଭାଗଲପୁରର ରତନ ଯାଦବ। ପ୍ରକାଶଥାଉକି ଗଞ୍ଜେଇ ମାଫିଆମାନେ ଟିଟିଲାଗଡ଼ ରେଳ ଷ୍ଟେସନ୍‌କୁ ନିଜର ମୁଖ୍ୟ ଟାର୍ଗେଟ୍ ବା ଚାଲାଣ କେନ୍ଦ୍ର ଭାବେ ବ୍ୟବହାର କରୁଥିଲେ। ବୁଧବାର ଏକ ଅଟୋରେ ଗଞ୍ଜେଇ ଷ୍ଟେସନ୍ ଅଭିମୁଖେ ନିଆଯାଉଥିବାବେଳେ ଟିଟିଲାଗଡ଼ ପୁଲିସ୍ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଏସ୍ଆଇ କିରଣ ଜାନି, ଏଏସ୍ଆଇ ମନୋଜ ବିଶି ଓ ଏସ୍ଆଇ କାର୍ତ୍ତିକ ପ୍ରଧାନ ଗାଡ଼ିକୁ ମାଡ଼ି ବସିଥିଲେ। ଯାଞ୍ଚ ସମୟରେ ଅଟୋରୁ ୯ କେଜି ୪୪୦ ଗ୍ରାମ୍ ଓଜନର ଗଞ୍ଜେଇ ଉଦ୍ଧାର କରାଯାଇଛି ଯାହାର ଆନୁମାନିକ ମୂଲ୍ୟ ଦେଢ଼ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି। ଗିରଫ ଅଭିଯୁକ୍ତ ରତନ ଯାଦବ ପ୍ରାଥମିକ ଜେରା ବେଳେ ସଇଁତଲାରୁ ଏହି ଗଞ୍ଜେଇ ସଂଗ୍ରହ କରି ବାହାର ରାଜ୍ୟକୁ ଚାଲାଣ କରିବା ପାଇଁ ଯୋଜନା କରୁଥିବା ସ୍ୱୀକାର କରିଛି। ଏହାପୂର୍ବରୁ ମଧ୍ୟ ସେ ବହୁବାର ଏପରି ଚୋରାଚାଲାଣ କରିସାରିଥିବା ପୁଲିସ୍ ଆଗରେ କହିଛି। ଏନେଇ ଟିଟିଲାଗଡ଼ ପୁଲିସ୍ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

# ଜିଲ୍ଲାସ୍ତରୀୟ ମେଧାବୀ ସମ୍ବର୍ଦ୍ଧନା ସମାରୋହ



**ନବରଙ୍ଗପୁର,୧୫।୫/ଏନ୍ଏନ୍ଏସ୍:** ନବରଙ୍ଗପୁର ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଜିଲ୍ଲାସ୍ତରୀୟ ମେଧାବୀ ସମ୍ବର୍ଦ୍ଧନା ସମାରୋହ ଜିଲ୍ଲା ଶିକ୍ଷାଧିକାରୀ ଛତ୍ରପତି ସାହୁଙ୍କ ଆବାହକରେ ଆୟୋଜିତ ହୋଇଯାଇଛି। ଜିଲ୍ଲାପାଳ ଡ.ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ନବରଙ୍ଗପୁର ଜିଲ୍ଲାର ଏହି ମେଧାବୀ ଛାତ୍ରଛାତ୍ରୀମାନେ ନବରଙ୍ଗପୁର ମାଟିର ଗର୍ବ ଓ ଗୌରବ ଏବଂ ଆଗକୁ ଆହୁରି ପରିଶ୍ରମ କରି ନିଜ ନିଜ କ୍ଷେତ୍ରରେ ସୁନାମ ଆଣିବା ସହ ସମାଜ ମଙ୍ଗଳରେ ନିଜକୁ ନାମ ସାର୍ଥକ କରିବାକୁ ମନ୍ତ୍ରୀ ଶ୍ରୀ ଗଣ୍ଡ ଆହ୍ୱାନ କରିଥିଲେ। ନବରଙ୍ଗପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଚଳିତ ବର୍ଷ ଦଶମ ଶ୍ରେଣୀ ପରୀକ୍ଷାରେ ଏ-୧ ଗ୍ରେଡ୍ ଅର୍ଥାତ୍ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଜିଲ୍ଲାର ୮୦ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରକାଶଥାଉକି ଚଳିତ ବୋର୍ଡ ପରୀକ୍ଷା ପାସହାର୍‌ରେ ଜିଲ୍ଲାରେ ୮୫ ଟି ବିଦ୍ୟାଳୟ ୧୦୦ ପ୍ରତିଶତ ସଫଳତା ହାସଲ କରିଛନ୍ତି। ୯ ଜଣ ବିଦ୍ୟାର୍ଥୀ ଏ-୧ ଏବଂ ୧୭୨ ଜଣ ଏ-୨ ଗ୍ରେଡ୍ ହାସଲ କରିଛନ୍ତି। ମୋଟ୍ ୧୭,୩୦୨ ଜଣ ପାସ୍ କରିଛନ୍ତି। ପାସ୍‌ହାର ଗତ ବର୍ଷ ୯୫.୩ ପ୍ରତିଶତ ଏବଂ ଚଳିତ ବର୍ଷ ୯୭.୪ ପ୍ରତିଶତ ରହିଛି।

# କୁଳପତିଙ୍କ ମହାବିଦ୍ୟାଳୟ ପରିଦର୍ଶନ



**ରେଢ଼ାଖୋଲ,୧୫।୫/ଏନ୍ଏନ୍ଏସ୍:** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଏବଂ ଭାରତ ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ପୁରୁଣାଗଡ଼ରେ ଉତ୍‌ଖନନ ପ୍ରକ୍ରିୟା ଆୟୋଜିତ ହେଉଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟଅତିଥି ଭାବେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି କଦଳୀଗଡ଼ସ୍ଥିତ ଅର୍ଜୁନ ସ୍ନାତକ ମହାବିଦ୍ୟାଳୟ ସୌଜନ୍ୟମୂଳକ ଭାବେ ପରିଦର୍ଶନ କରିଥିଲେ। ମହାବିଦ୍ୟାଳୟ ପକ୍ଷରୁ କଲେଜ ଅଧ୍ୟକ୍ଷ ଅଖିଳେନ୍ଦ୍ର ଶାସନୀ ତାଙ୍କୁ ଉପଢ଼ୌକନ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ଜଣାଇଥିଲେ। ଏହି ସମୟରେ କୁଳପତି ମହାବିଦ୍ୟାଳୟର ଆନୁଷଙ୍ଗିକ ବ୍ୟବସ୍ଥା, ଶୈକ୍ଷଣିକ ପରିବେଶ ଓ ଗ୍ରନ୍ଥାଳୟ ବୁଲି ଦେଖିଥିଲେ ଏବଂ ସମସ୍ତ ବ୍ୟବସ୍ଥା ପଚାରି ବୁଝିଥିଲେ। ମହାବିଦ୍ୟାଳୟର ଇତିହାସ ଅଧ୍ୟାପକ ବୈନତେୟ ସାହୁ, ଓଡ଼ିଆ ଅଧ୍ୟାପିକା ବିସ୍ମିତା ମହାକୁଡ଼, ଶିକ୍ଷା ବିଭାଗ ଅଧ୍ୟାପିକା ବିଷ୍ଣୁପ୍ରିୟା ଦେହୁରୀ ପ୍ରମୁଖ କଲେଜର ଅଗ୍ରଗତି ଏବଂ ଛାତ୍ରଛାତ୍ରୀଙ୍କ ସଫଳତା ବିଷୟରେ କୁଳପତିଙ୍କୁ ଅବଗତ କରାଇଥିଲେ। କୁଳପତିଙ୍କ ସହ ଘୋଷରାମାଳ ସରପଞ୍ଚ ପ୍ରେମଶିଳା ପ୍ରଧାନ, ଜିଲ୍ଲାପରିଷଦ ସଭ୍ୟ ଶରତ ଚନ୍ଦ୍ର ପ୍ରଧାନ, କଲେଜ ପରିଚାଳନା କମିଟି ସଭାପତି, ସମ୍ପାଦକଙ୍କ ସହ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ବଜ୍ରପାତରେ ଚାଷୀ ମୃତ

**ପାଟଣାଗଡ଼,୧୫।୫/ଏନ୍ଏନ୍ଏସ୍:** ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଥାନା ଅନ୍ତର୍ଗତ ଧାକୁଦ ଗାଁରେ ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ମଙ୍ଗଳୁ ବାଗ। ମଙ୍ଗଳୁ ଭାଗ ଚାଷରେ ଡାଲୁଅ ଧାନ କରିଥିଲେ। ଗୁରୁବାର ରାତିରେ ଯୋଗିମୁଣ୍ଡା ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ବର୍ଷା ହୋଇଥିବାରୁ ଅମଳ ଧାନ ଓଦା ହୋଇଯିବା ଭୟରେ ମଙ୍ଗଳୁ ତାଙ୍କପୁଅ ଓ ଗ୍ରାମର ଅନ୍ୟ ଦୁଇ ଜଣଙ୍କୁ ଡାକି ଧାନ ଘୋଡ଼ାଇବାକୁ ଯାଇଥିବାବେଳେ ବଜ୍ରପାତ ହେବାଦ୍ୱାରା ସମସ୍ତେ ମୂର୍ଚ୍ଛା ହୋଇ ପଡ଼ି ଯାଇଥିଲେ। ପ୍ରାୟ ୨ ଘଣ୍ଟା ପରେ ଚେତା ଫେରିବା ସହ ମଙ୍ଗଳୁଙ୍କ ମୃତ୍ୟୁ ହୋଇଥିବା ଦେଖି ଗ୍ରାମବାସୀ ପ୍ରଥମେ ପୁଲିସ୍‌କୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପାଟଣାଗଡ଼ ପୁଲିସ୍ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ମଙ୍ଗଳୁ ଜଣେ ଭାଗଚାଷୀ ହୋଇଥିବା ଖବରପାଇ ଚାଷୀନେତା ଜ୍ୟୋତି ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଆବଶ୍ୟକ ପଦକ୍ଷେପ ନେବା ପାଇଁ ପାଟଣାଗଡ଼ ପ୍ରଶାସନ ନିକଟରେ ଦାବି କରିଛନ୍ତି।

### ରାଜ୍ୟରେ ସ୍ୱତନ୍ତ୍ର ଚଳଚ୍ଚିତ୍ର ...

ସିନେମା କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ, ବରଂ ଏହା ହେଉଛି ଗୋଟିଏ ଜାତିର ସ୍ମୃତି, ସଂସ୍କୃତି, ଭାବନା ଓ ଆତ୍ମାର ଏକ ପ୍ରକୃତ ପ୍ରତିଛବି। ଯେଉଁ ସମାଜ ମହାନ ସିନେମା ନିର୍ମାଣ କରେ, ସେ ବିଶ୍ୱ ଦରବାରରେ ନିଜର ଅସ୍ତିତ୍ୱକୁ ସୁଦୃଢ଼ କରିପାରେ।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ଓଡ଼ିଆ ସିନେମାକୁ କାହାର ନକଲ କରିବା ଦରକାର ନାହିଁ, ବରଂ ଏହାକୁ ନିଜସ୍ୱ ସ୍ୱର ଖୋଜିବାକୁ ହେବ। ସେ କହିଥିଲେ ଯେ, ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ ତାଙ୍କୁ ନେଇ ଗଢ଼ି ଉଠିଥିବା ଓଡ଼ିଆ ସଂସ୍କୃତି, କଳିଙ୍ଗର ସାମୁଦ୍ରିକ ଇତିହାସ, ଆଦିବାସୀ ସଂସ୍କୃତି, ବାତ୍ୟା ବନ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକଙ୍କ ସଂଘର୍ଷର କାହାଣୀ, ଗ୍ରାମ୍ୟ ଓଡ଼ିଶାର ସୁଖଦୁଃଖ, ମହାନଦୀ ଓ ଅନ୍ୟାନ୍ୟ ନଦୀର ନଈକୂଳିଆ ଜନଜୀବନ ଇତ୍ୟାଦି ଅନେକ ମୌଳିକ ବିଷୟ ରହିଛି। ଓଡ଼ିଆ ଜନଜୀବନ ସହିତ ଯୋଡ଼ି ହୋଇଥିବା ମୌଳିକ ବିଷୟବସ୍ତୁକୁ ନେଇ ଚଳଚ୍ଚିତ୍ର ପ୍ରସ୍ତୁତ କଲେ, ଲୋକଙ୍କ ମନକୁ ଆକର୍ଷିତ କରିପାରିବ ବୋଲି ସେ ମତ ଦେଇଥିଲେ।

ଚଳଚ୍ଚିତ୍ର ନିର୍ମାଣ କ୍ଷେତ୍ରରେ ଦକ୍ଷତା ହାସଲ କରିବା ପାଇଁ ଓଡ଼ିଶାରେ ଫିଲ୍ମ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟର ଆବଶ୍ୟକତା ଅଛି ବୋଲି ପ୍ରକାଶ କରି ଓଡ଼ିଶାରେ ଏହିପରି ଏକ ପ୍ରତିଷ୍ଠାନ ସ୍ଥାପନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଚଳଚ୍ଚିତ୍ର ଶିଳ୍ପର ଅବନତି ପାଇଁ ବିଗତ ଦିନର ବ୍ୟବସ୍ଥାକୁ ସମାଲୋଚନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗତ ସରକାର ଏ ଦିଗରେ ଧ୍ୟାନ ଦେଇ ନ ଥିଲେ, କିନ୍ତୁ ଏବେ ଓଡ଼ିଆ ଅସ୍ମିତାର ସରକାର ଆସିଛି। ସେ ସ୍ପଷ୍ଟ କରିଛନ୍ତି ଯେ ଏବେ ଓଡ଼ିଆ ଚଳଚ୍ଚିତ୍ରର ଉନ୍ନତି ପାଇଁ ଅର୍ଥ କେବେ ହେଲେ ବାଧକ ହେବ ନାହିଁ ଏବଂ ଖୁବ୍ ଶୀଘ୍ର ରାଜ୍ୟରେ ଏକ ଶକ୍ତିଶାଳୀ ଚଳଚ୍ଚିତ୍ର ଭିତ୍ତିଭୂମି ପ୍ରସ୍ତୁତ କରାଯିବ।

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ, ୨୦୩୬ ରେ ଓଡ଼ିଶା ଯେଉଁ ଶତାବ୍ଦୀର ବର୍ଷ ପାଳନ କରିବାକୁ ଯାଉଛି ସେଥିରେ ଓଡ଼ିଶା ଚଳଚ୍ଚିତ୍ର ଶିଳ୍ପ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଆଜିର ବାର୍ତ୍ତାଳାପ ଆଗାମୀଦିନରେ ଆମ ଚଳଚ୍ଚିତ୍ର ଶିଳ୍ପକୁ ଆଗେଇନେବ ବୋଲି ପୂର୍ଣ୍ଣ ବିଶ୍ୱାସ ପ୍ରକାଶ କରିଥିଲେ।

ଉକ୍ତ କାର୍ଯ୍ୟକ୍ରମରେ କୋରେଇ ବିଧାୟକ ତଥା ଅଭିନେତା ଆକାଶ ଦାସ ନାୟକ, ଦିଗପହଣ୍ଡି ବିଧାୟକ ତଥା ଅଭିନେତା ସିଦ୍ଧାନ୍ତ ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଡକ୍ଟର ବିଜୟ କେତନ ଉପାଧ୍ୟାୟ ଏବଂ ଲଳିତ କଳା ଏକାଡେମୀର ନିର୍ଦ୍ଦେଶକ ଡକ୍ଟର ଚନ୍ଦ୍ରଶେଖର ହୋତା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସିନେ ଜଗତର ଲୋକପ୍ରିୟ କଳାକାର ଅନୁଭବ ମହାନ୍ତି, ଅନୁ ଚୌଧୁରୀ, ପୁଷ୍ପା ପଣ୍ଡା, ହରିହର ମହାପାତ୍ର, ପିଙ୍କି ପ୍ରଧାନ, ପ୍ରଯୋଜକ ସିଦ୍ଧାର୍ଥ ଅଗ୍ରୱାଲଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଓ ସିନେ ଟେକ୍ନିସିଆନମାନେ ଆଲୋଚନାରେ ସାମିଲ ହୋଇଥିଲେ। ମୁଖ୍ୟମନ୍ତ୍ରୀ ଏହି ସମସ୍ତ କଳାକାର ଓ ଚଳଚ୍ଚିତ୍ର କର୍ମୀଙ୍କ ସହ ସେମାନଙ୍କର ବିଭିନ୍ନ ସମସ୍ୟା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ଏବଂ ସେଗୁଡ଼ିକର ସ୍ଥାୟୀ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ।

# ଝାରସୁଗୁଡ଼ା ପ୍ରିମିୟର କ୍ରିକେଟ୍ ଲିଗ୍ ଆରମ୍ଭ

**ଝାରସୁଗୁଡ଼ା,୧୫।୫/ଏନ୍ଏନ୍ଏସ୍:** ଝାରସୁଗୁଡ଼ା ସହରରେ ଥିବା ମନମୋହନ ସ୍କୁଲ୍ ପଡ଼ିଆରେ ୧୬ ତାରିଖରୁ ପ୍ରଥମକରି ଟି-୨୦ ପ୍ରିମିୟର ଲିଗ୍ ଆରମ୍ଭ ହେଉଛି। ଏଥିରେ ଝାରସୁଗୁଡ଼ାର ବ୍ଲାକ୍ ଡାଏମଣ୍ଡ ଟାଇଟାନ୍ସ, ଝାରସୁଗୁଡ଼ା ଟାଉନ ବୀର୍, ଝଣ୍ଡା ଛକ ଲେଜେଣ୍ଡସ୍, ଗ୍ଲୋବାଲ୍ ଟସ୍କର୍ସ, ରୟାଲ୍ ଚ୍ୟାଲେଞ୍ଜର୍ସ ବ୍ରଜରାଜନଗର, ଆର୍ଯ୍ୟାନ୍ ଡିସି, ଡ଼ି ଆୟ୍ ୱାରିୟର୍ସ ଓ ମଙ୍ଗଳ ବଜାର ସୁପର୍ କିଙ୍ଗସ ମୋଟ୍ ୮ଟି ଦଳ ଭାଗ ନେଉଛନ୍ତି। ଏହି ଲିଗ୍ ମ୍ୟାଚ୍ ପାଇଁ ୨୦୦ ଖେଳାଳିଙ୍କ ନିଲାମ୍ ହୋଇଥିଲା। ୮ଟି ଦଳର ମାଲିକମାନେ ନିଜ ନିଜର ଟିମ୍ ପାଇଁ ଖେଳାଳି ଚୟନ କରିଥିଲେ। ପ୍ରିମିୟର୍ ଲିଗ୍‌ର କର୍ମକର୍ତ୍ତାମାନେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ଯେ ୮ଟି ଦଳର ଖେଳାଳିଙ୍କୁ ସଂସ୍ଥା ପକ୍ଷରୁ ଜର୍ସି ଓ କିଟ୍ ଯୋଗାଇ ଦିଆଯାଉଛି। ଏହାର ପ୍ରଚାର ଏବଂ ପ୍ରସାର ପାଇଁ ସମସ୍ତ ପ୍ରକାର ଆଧୁନିକ ଉପକରଣର ବ୍ୟବସ୍ଥା କରାଯାଇଛି। ଏହି ପ୍ରିମିୟର୍ ଲିଗ୍‌ରେ ନୂତନ ଟି-୨୦ ନିୟମ ଅନୁସାରେ ସମସ୍ତ ମ୍ୟାଚ୍ ଅନୁଷ୍ଠିତ ହେବ। ସମସ୍ତ ମ୍ୟାଚ୍ ଗୁଡ଼ିକ ପାଇଁ ୩୦ ଲକ୍ଷ ଟଙ୍କାର ବ୍ୟୟଅଟକଳ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରତିକ ଯାଦବ, ୟାସିନ୍ କ୍ୟୁରେସି, ପୁଷ୍କର ରାଜ, ରିଶାବ ସିଂହ ଓ ଚନ୍ଦ୍ର କିରନ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରାର୍ଥନା ହେଉଛି ଆତ୍ମାର ଲାଳସା। ଏହାକୁ ପ୍ରତିଦିନ ଆମ ଦୁର୍ବଳତାର ସ୍ୱୀକାରୋକ୍ତି ବୋଲି କୁହାଯାଇପାରେ। - ଗାନ୍ଧୀ ବାଣୀ



ନିତିଦିନ NITIDIN

## ରଥଗଡ଼ା ଏବେ ଚାଲିଛି



ଡ. ଲିଙ୍ଗରାଜ ରଥ

ବଡ଼ ଦାରୁଣ ଏ ଗ୍ରୀଷମ କାଳ
ଲାଗଇ ଗରମ ... ବହଇ ଝାଳ
ଆଷାଢ଼ ଶୁକଳ ଦ୍ୱିତୀୟା ତିଥି ତ
ପାଖେଇ ପାଖେଇ ଆସୁଛି
ରଥ ଗଡ଼ା ଏବେ ଚାଲିଛି।
ଅକ୍ଷୟ ତୃତୀୟା ଶୁଭ ଦିବସେ
ଚାଲୁ ହେଲା କାମ ବଡ଼ ହରଷେ
ମହାରଣା ଭାଇ ଭୋକଶୋଷ ଭୁଲି
ଅହରହ କାମେ ଲାଗିଛି
ରଥ ଗଡ଼ା ଏବେ ଚାଲିଛି।
ଠକ ଠକ ଶୁଭେ ରଥ ଦାଣ୍ଡରେ
କାମ ଚାଲିଅଛି ରଥ ଖଳାରେ
ଧୀରେ ଧୀରେ କାମ ଆଗେଇ ରଥର
ଗୁଜ ଅନୁକୂଳ ସରିଛି
ରଥ ଗଡ଼ା ଏବେ ଚାଲିଛି।
ଭୋଇ- ମହାରଣା ସେବକ ଭାଇ
କାମ କରୁଛନ୍ତି ମନ ଲଗାଇ
ଭକତି ଭାବରେ ରଥ ଗଡ଼ା ଚାଲେ
କାମ ତ ଆଗେଇ ଯାଉଛି
ରଥ ଗଡ଼ ଏବେ ଚାଲିଛି।

**ରଙ୍ଗ ବଜାର, ଭୁବନେଶ୍ୱର**
**ମୋ: ୯୪୩୭୦୧୪୨୪୪**

## ମାଆ



ଅଜୟ କୁମାର ସେଠୀ

ମାଆଟି ମୋର କେତେ ନିଜର
ତା'ପରି କେ ଆଉ ନାହିଁ
ସିଏତ ମୋର ପ୍ରଥମ ଗୁରୁ
ସବୁ ଦୁଃଖଯାଏ ସହି।
ତା' ହାତଧରି ଚାଲି ଶିଖିଲି
ବଢ଼ିଲି ତା କ୍ଷୀର ପିଇ
ତା' କୋଳ ମୋର ଶୀତ ବାରେଣୀ
ରକ୍ଷା କବଚ ମୋ ପାଇଁ।
ରୋଗେ ପଡ଼ିଲେ ଆଖିକି ତାର
ନିଦ ତ ଆସିନଥାଏ
ରାତି ସାରା ସେ ଜଗି ବସଇ
ଦେହ ଭଲ ହେବା ଯାଏଁ।
ମୋ ପାଇଁ ସିଏ ସବୁ ସହିଛି
ଛାତିକି ପଥର କରି
ରକତ, ମାଂସ ଦେଇ ଗଢ଼ିଛି
ନାହିଁ କେ ତାର ସରି।
ତା' ପାଖେ ନାହିଁ ବାଛ ବିଚାର
ସନ୍ତାନ ତା ସବୁ କିଛି
କହି ପାରିବ ଏମିତି କିଏ
ମାଆ ପରି କାହିଁ ଅଛି।
ବସୁଧାଠାରୁ ବଡ଼ ହୃଦୟ
ସାଗର ପରିତା ମନ
ପିଲା ପାଇଁ ସେ ପିଅଇ ବିଷ
ଦେଇବି ପାରେ ଜୀବନ।
ଯେତେ ଦୂରେ ଥିଲେ ମାଆର କଥା
ପଡ଼ିଥାଏ ଥରେ ମନେ
କରୁଣାମୟୀ, ଜନମଦାୟୀ
ଆସଇ ନିତି ସପନେ।

**ଅଞ୍ଜିରା, ଓହ୍ଲାଣ,**
**ନିରାକାରପୁର, ଜି: ପୁରୀ**
**ମୋ: ୯୯୩୭୧୯୮୮୭୮**



## ଗପ

# ପୂଜକର ମାଛଖିଆ



ଡକ୍ଟର କୃତ୍ତିବାସ ନାୟକ

ଜଙ୍ଗଲ ଭିତରେ ଗୋଟିଏ ପୁରୁଣା ଚଣ୍ଡୀ ମନ୍ଦିର ଥିଲା। ସେହି ମନ୍ଦିର ପାଖରେ ଗୋଟାଏ ବଡ଼ ପୋଖରୀ ଥିଲା। ସେଥିରେ ପ୍ରଚୁର ମାଛ ଥିଲେ। ତାକୁ କିଏ କେବେ କାହିଁକି ତିଆରି କରିଥିଲେ, ସେକଥା ଜଣାନାହିଁ। ସେ ମନ୍ଦିରରେ କେହି ପୂଜକ ନଥିଲେ କି କେହି ଭକ୍ତ ସେଠାକୁ ଯାଆନ୍ତି ନାହିଁ।

ଥରେ ଜଣେ ଠକ ସେହି ଜଙ୍ଗଲରେ ବୁଲୁବୁଲୁ ଆଗ ପୋଖରୀକୁ ଦେଖିଲା। ବଡ଼ ସାନ କେତେ ମାଛ ସେଥିରେ ଭର୍ତ୍ତି ହେଇଛନ୍ତି। ତାଙ୍କୁ ଧରି ନେବାକୁ କେହି ନାହାନ୍ତି। ସେ ଭାବିଲା-କଳେ ବଳେ କୌଶଳେ ଏହି ମାଛମାନଙ୍କୁ ଧରି ଖାଇବି। କିନ୍ତୁ ଏହାର ଜଗୁଆଳି କିଏ ମୋତେ ଜଣାନାହିଁ। ସେ ଯଦି କେବେ ମୋତେ ଦେଖିଦେବ, ତେବେ ମାରି ପକେଇବ। ଏଥିପାଇଁ ସେ ଗୋଟାଏ ଉପାୟ ଖଞ୍ଜିଲା। ଗାଆଁକୁ ଯାଇ ଗୋଟାଏ ମାଛଧରା ଜାଲ ମାଗି ଆଣିଲା। ନିଜର ପୋଷାକ ବଦଳାଇ ଜଣେ ବାବାଜୀ ହୋଇ ମନ୍ଦିର ପାଖକୁ ଆସିଲା। ଚଣ୍ଡୀ ମନ୍ଦିର ଭିତରକୁ ଯାଇ ପୂଜା କରିବାର ବାହାନା କଲା। ଜାଲ ପକାଇ କିଛି ମାଛ ଧରି ଆଣି ତାକୁ ଶୁଖିଲା ପତର ଜାଳି ପୋଡ଼ିଲା। ଦେବୀଙ୍କ ମୂର୍ତ୍ତି ଆଗରେ ତାକୁ ଭୋଗ ଲଗାଇ ନିଜେ ଖାଇଲା। ଏମିତି କିଛିଦିନ କରିବା ପରେ ସେ ଦେଖିଲା- କେତେଜଣ ଭକ୍ତ ଆସି ସେଇଠି ପହଞ୍ଚିଲେ। ପୂଜକ ରୂପରେ ଥିବା ଠକ କହିଲା- ମାଆ ମୋତେ ସ୍ୱପ୍ନରେ କହିଛନ୍ତି। ଏହି ପୋଖରୀର ସବୁ ମାଛ ମୋର। ସବୁଦିନ କିଛି କିଛି ମାଛ ଧରି ମୋତେ ଖୋଇବୁ। ସେହି ପ୍ରସାଦକୁ ତୁ ଖାଇଦେବୁ। ପୂଜକଙ୍କ କଥାକୁ ବିଶ୍ୱାସ କରି ଲୋକମାନେ ପୂଜକଙ୍କ ପାଇଁ ଭଲ ଅରୁଆ ଚାଉଳ, ପନିପରିବା ଆଣି ଯୋଗାଇଦେଲେ। ମଜାରେ ଠକ ସେଇଠି ରହି ସବୁଦିନ ଭାତ ତରକାରୀ ମାଛପୋଡ଼ା ଖାଇଲା।

ଦିନେ ଜଣେ ଭକ୍ତ ଦେଖିଲେ, ପୂଜକ ଜାଲ ପକେଇ ମାଛ ଧରୁଛନ୍ତି। ବଡ଼ମାଛଗୁଡ଼ିକୁ ଛାଡ଼ିଦେଇ କେବଳ ଛୋଟମାଛକୁ ଧରି ନେଇଗଲେ। ଭକ୍ତ ଜଣକ ପଚାରିଲେ- ଆପଣ ବଡ଼ମାଛକୁ ଛାଡ଼ିଦେଇ ଛୋଟମାଛକୁ ନେଉଛନ୍ତି କାହିଁକି ?

ପୂଜକ ଉତ୍ତର ଦେଲେ- ମୋର ଚୁଲି ଛୋଟ। ସେଥିରେ ବଡ଼ମାଛ ପଶିପାରିବ ନାହିଁ। ନିର୍ବୋଧ ଠକର କଥା ତାଙ୍କ ମନକୁ ପାଇଲା ନାହିଁ। ସେ କହିଲେ-ଛୋଟ ଚୁଲି କ'ଣ ବଡ଼ ହେଇପାରିବ ନାହିଁ ? ତମର ଛୋଟବୁଦ୍ଧି ପାଇଁ ଏମିତି ଛୋଟମାଛକୁ ଧରୁଛ। ଛୋଟମାଛମାନେ ବଡ଼ ହେବେ, ଏକଥା କ'ଣ ଜାଣିନା ?

ଠକ ପୂଜାରୀ କହିଲା-ଏକଥା ତ ଆଗରୁ ମୋତେ କେହି କହି ନାହାନ୍ତି। ଏବେ ତ ଏମିତି ଚାଲିଛି, ଚାଲୁଥାଉ। ସେ ଲୋକଜଣକ ଜାଣିଗଲେ, ପୂଜକ ଜଣକ କେବଳ ବୋକା ନୁହଁନ୍ତି, ଠକ ଆଉ ଅଳସୁଆ। ସେ ବିରକ୍ତି ପ୍ରକାଶ କରି ସେଇଠୁ ଚାଲିଗଲେ।

**ଶୈଳଶ୍ରୀ ବିହାର,**
**ଭୁବନେଶ୍ୱର-୭୫୧୦୨୧**
**ମୋ: ୭୯୭୮୯୬୨୫୩୪**

### ଅଜବ ଗଜବ

# ଘର ଭିତରେ ଟ୍ରେନ

କାହା ଘର ଭିତରେ ଦେଇ ଟ୍ରେନ୍ ଚଳାଚଳ କରୁଥିବା କଥା ଶୁଣିଲେ କେହି ମୋଟେ ବିଶ୍ୱାସ କରିବେ ନାହିଁ। କିନ୍ତୁ ଜଣେ ବ୍ୟକ୍ତି ଥିଲେ ଯାହାଙ୍କ ରାଜ ମହଲ ଦେଇ ଦିନେ ଟ୍ରେନ୍ ଚଳାଚଳ କରୁଥିଲା। ତାଙ୍କ ଘର ଭିତରେ ଥିଲା ଷ୍ଟେସନ। ଏହି ବ୍ୟକ୍ତି ଜଣଙ୍କ ହେଉଛନ୍ତି ଉତ୍ତର ପ୍ରଦେଶ ରାମପୁରର ନବାବ ହମିଜ ଅଲ୍ଲୀ ଖାଁ। ଏହି ଷ୍ଟେସନ ନିର୍ମାଣ ପାଇଁ ସେତେବେଳେ ସେ ୧୧୩ କୋଟି ଟଙ୍କା ଖର୍ଚ୍ଚ କରିଥିଲେ। ତାହା ଏକ ବିଳାସପୂର୍ଣ୍ଣ ହୋଟେଲଠାରୁ କମ୍ ନଥିଲା। ଟ୍ରେନଟିର ନାମ ରଖାଯାଇଥିଲା 'ଦ ସାଲୁନ୍'। ସେଥିରେ ଥିଲା ଆଡ଼ମ୍ବର ପୂର୍ଣ୍ଣ ୪ଟି ଡବା। ସବୁ ଡବାରେ ଦାମୀ ସୋଫା, ବିଳାସପୂର୍ଣ୍ଣ ପଲଙ୍କ ଓ ଅନ୍ୟାନ୍ୟ ଆସବାବପତ୍ର ରହିଥିଲା। ତଳେ ରେଶମି ଗାଲିଚା ବିଛାଯାଇଥିଲା। ଡବାରେ ମଧ୍ୟ ଥିଲା ଏକ ରୋଷଶାଳା। ସହ ପ୍ରତି ଡବାରେ ବିଭିନ୍ନ ବିଳାସପୂର୍ଣ୍ଣ ସାମଗ୍ରୀ ରହିଥିଲା। ନବାବ ହମିଦ ଅଲ୍ଲୀ ଖାଁ ନିଜ ଉଦ୍ୟମରେ ୪୦ କିଲୋମିଟର ଲମ୍ବର ରେଳ ଲାଇନ ନିର୍ମାଣ କରିଥିଲେ। ନବାବ ମଧ୍ୟ ସେହି ଟ୍ରେନରେ ସାଧାରଣ ଲୋକଙ୍କୁ ଯାତାୟତ ସୁବିଧା ପ୍ରଦାନ କରିଥିଲେ। ୧୯୩୦ ଜୁନ୍ ୩୦ରେ ତାଙ୍କର ପରଲୋକ ଘଟିଥିଲା।




### ବିଶ୍ୱାସ କର ବା ନକର

# କଣ୍ଟାର ଶେଯରେ ୩୬ ଦିନ



ଯୁବତୀଙ୍କ ନାମ ଝୋ ଜି। ସେ ଚୀନର ଜଣେ ମହିଳା ଶିଳ୍ପୀ। ସେ ଥରେ ପୂରା ୩୬ ଦିନ କଣ୍ଟା ଶେଯରେ ଶୋଇ ସାରା ଦୁନିଆକୁ ଚକିତ କରି ଦେଇଥିଲେ। ସେ ବେଜିଂ ଆର୍ଟ ଗ୍ୟାଲେରୀରେ ଲୁହା କଣ୍ଟା ତାରରେ ନିର୍ମିତ ଶେଯ ବିଛାଯାଇଥିବା ଖଟରେ ଏତେ ଦିନ ପଡ଼ିରହି ନୂଆ ରେକର୍ଡ଼ କରିଥିଲେ। ଆର୍ଟ ଗ୍ୟାଲେରୀର ପ୍ରଦର୍ଶନୀ କକ୍ଷରୁ କେବେ ବାହାରକୁ ଯାଇନଥିଲେ। ସେ ପ୍ରତିଦିନ ଅଳ୍ପ ଅଳ୍ପ ପାଣି ପିଉଥିଲେ। ଖାଉଥିଲେ ମଧ୍ୟ ଅଳ୍ପ ଅଳ୍ପ ଖାଦ୍ୟ। ତାଙ୍କୁ ଦେଖିବା ପାଇଁ ଲୋକମାନଙ୍କ ନିର୍ଦ୍ଦିଷ୍ଟ ସମୟରେ କକ୍ଷ ଭିତରକୁ ଛଡ଼ା ଯାଉଥିଲା। କଣ୍ଟା ତାରରେ ବିଭିନ୍ନ କଳାକୃତି ନିର୍ମାଣ କରିବା ତାଙ୍କର ସଉକ ଥିଲା। ସେ ଅଧିକାଂଶ ସମୟ ପଶୁପକ୍ଷୀମାନଙ୍କ କଳାକୃତି ନିର୍ମାଣ କରୁଥିଲେ।

## କିଏ କୋଉଠି ରହେ



ପ୍ରକାଶ କୁମାର ଚାନ୍ଦ

ଆକାଶେ ସୁରୁଯ ଜହ୍ନ ଆଉ ତାରା
ଜିଆ ରହେ ମାଟି ତଳେ
ଗାଈ ଛେଳି ମେଣ୍ଢା ଗୁହାଳେ ରୁହନ୍ତି
ମାଛ ରହିଥାଏ ଜଳେ।
ମୂଷାପଲ ସବୁ ଗାତରେ ରୁହନ୍ତି
ଉଇ ଗଢିଦିଏହୁଙ୍କା
ଗୋଳିଆ ପାଣିରେ କଙ୍କଡା ରୁହଇ
ଭାଲୁର ବାସଟି ଗୁମ୍ଫା।
ଗଛର ଡାଳରେ ମାଙ୍କଡ ରୁହଇ
ପକ୍ଷୀ ରହେ ଗଢି ବସା
ଜମି ଯାଇଥିବା ଅସନା ପାଣିରେ
ଗୁଣୁଗୁଣୁ ହୁଏ ମଶା।
ପାରା ତ ଭାଡିରେ କୁଞ୍ଚ ତ ଶାଢ଼ୀରେ
ମଥାରେ ଓଢଣା ରହେ
ନଈରେ ନଉକା ନଉକାର କାତ
ନାଉରି ହାତରେ ରହେ।
ଇନ୍ଦ୍ରଧନୁ ଦେହେ ସାତରଙ୍ଗ ରହେ
ବଗିଚାରେ ରହେ ମାଳି
ମେଘର କୋଳରେ ବିଜୁଳି ହସଇ
ଚିତ୍ରଶିଳ୍ପୀ ହାତେ ତୂଳୀ।
ଦେଉଳ ଉପରେ ଦଧିନଉତି ଟି
ତା, ପରେ ପତାକା ଥାଏ
ନାଟମଣ୍ଡପରେ ଦେବଦାସୀ ପାଦେ
ଘୁଙ୍ଗୁର ଯେ ରହିଥାଏ।

**ଜୟପୁରଶାସନ, ପିପିଲି, ପୁରୀ**
**ମୋ: ୭୦୦୮୯୨୫୯୫୪**

## ବୋଉ ବିନା



ଚିତ୍ତରଞ୍ଜନ ମହାନ୍ତ

ତୋ ବିନା ଘର, ଘର ନୁହେଁ
ଦୁନିଆ ଦିଶେନି ରଙ୍ଗିନ
ଆଖପାଖ ସବୁ ନିର୍ଜନ
ଫିକା ଫିକା ଲାଗେ ଜୀବନ।
ଥିଲେ ତୁହି ପାଶେ ମୋହର
ମଥାରେ ଥାଏ ତୋର ହାତ
ବେଳକାଳ ଦେଖି ଦେଉ
ଜଳଖିଆ ଆଉ ଭାତ।
ତୁ ତ କିଛି ଖାଇନାହୁଁ
ନ ଦେଇ କେବେରେ ମତେ
ଉପାସରେ ଶୋଇଥିବା
କେତେଥର ଦେଖିଛି ତତେ।
ତୁ ଗୋଟେ ନିଆରା ମଣିଷ
ଭୁଲି ତୋ ଆପଣାର ସୁଖ
ପର ହିତ ତୋ ଜୀବନ ବ୍ରତ
ଧନ୍ୟ ମା-ପୁଅ ସମ୍ପର୍କ।
ପଣତ କାନିର ବିତାନେ
ସୁରକ୍ଷିତ ତୋର ସନ୍ତାନ
ବୋଉର କୋଳ ନିରାପଦ
ଆସୁ ବା ଯେତେ ତୋଫାନ।
ଶବଦ ଝରେ ତୋର ମୁଖୁ
ମଧୁର କୋକିଳର କୁହୁ
ଜନନୀ-ଜନମ ଭୂଇଁ
କିଏ ବଡ଼ ଅଛି ତହୁଁ।
ଭାଗ୍ୟବାନ ମା ଅଛି ଯାର
ଶିଖାଇଛି ଜୀବନ ମନ୍ତ୍ର
ଭଲ ପାଇବା, ଦେଶ ପ୍ରେମ
ହେଉ ଆମ ଜୀବନ ତନ୍ତ୍ର।

**ତଗିରା, ରାଣିତାଲ, ଭଦ୍ରକ- ୭୫୬୧୧୧**
**ମୋ: ୯୪୩୮୬୭୦୧୫୦**

## ଥିଲା ଗୋଟିଏ ଓଧ



ଡ. ସଂକର୍ଷଣ ସାମଲ

ଥିଲା ଗୋଟିଏ ଓଧ, ହୋଇଲା ରାତି ଅଧ
ନଈବନ୍ଧକୁ ଗଡ଼ିଲା, ପାଣି ଭିତରେ ବୁଡ଼ିଲା
ବୁଡ଼ିଲା ପୁଣି ଉଠିଲା, ଉଠିଲା ପୁଣି ବୁଡ଼ିଲା
ବୁଡ଼ିଲା ପୁଣି ଉଠିଲା, ଉଠିଲା ପୁଣି ବୁଡ଼ିଲା
ଧରିଲା ଏକ ରୋହି, ଘରକୁ ନେଲା ବୋହି
ଖାଇଲା ତାକୁ ଖାଇଲା, ବସିଲା ପୁଣି ଖାଇଲା
ଖାଇଲା ପୁଣି ବସିଲା, ବସିଲା ପୁଣି ଖାଇଲା
ଖାଇଲା ଟିକେ ଚାହିଁଲା, ଚାହିଁଲା କେତେ ସଇଲା ?
ସବୁକୁ ଦେଲା ସାଆରି, ପେଟଟା ହେଲା ଭାଆରି
ପାରିଲା ନାଇଁ ଉଉଠି, ଗଡ଼ିଲା କରି ପାଆଟି
ଗଡ଼ିଲା ଖାଲି ରଡ଼ିଲା, ରଡ଼ିଲା ଖାଲି ଗଡ଼ିଲା
ଗଡ଼ିଲା ଖାଲି ରଡ଼ିଲା, ରଡ଼ିରଡ଼ିକା ଗଡ଼ିଲା
ଆସିଲା କୋକି ବଇସ, ପିଆଇଦେଲା ଔଷଧ
ଅଉଷଧ କଲା କାଟୁ, ଶୋଇପଡ଼ିଲା ପେଟୁ
ଓଧ
ଟିକିଏ ପରେ ଉଠିଲା, ଗୋଡ଼ ହାତକୁ ଛାଟିଲା
ପାଟିକି କରି ମେଲା, ହାଇଟେ ମାରିଦେଲା
ଓଧ
ଦିଇକାନକୁ ଧଇଲା, ମନକୁ ମନ କହିଲା-
ଆଉ ଲୋଭରେ ଖାଇବି ନାଇଁ
କି ଏମିତି ଭୋଗିବି ନାଇଁ।

**ଇ.ବି-୩୪୨, ଲକ୍ଷ୍ମୀସାଗର, ବ୍ରିଟ୍ କଲୋନୀ**
**ଷ୍ଟେଜ୍-୨, ଭୁବନେଶ୍ୱର-୬**
**ମୋ: ୯୯୩୮୮୨୮୩୧୯**

### ଜାଣିଛକି

## ସଂଖ୍ୟା-୪

୧. ଇଂରାଜୀରେ One, Two, Three, Four, Five six, ଭଳି ଅନେକ ସଂଖ୍ୟା ରହିଛି। କିନ୍ତୁ ୪ ହେଉଛି ଏପରି ଏକ ସଂଖ୍ୟା, ଯାହାର ଅର୍ଥ ଚାରି ଏବଂ ଅକ୍ଷର ସଂଖ୍ୟା ମଧ୍ୟ ଚାରି (Four)। ଇଂରାଜୀରେ ଏକା ଅର୍ଥ ଓ ଏକା ଅକ୍ଷର ବିଶିଷ୍ଟ ଏଭଳି ସଂଖ୍ୟା ଆଉ ନାହିଁ।
୨. ୪ ହେଉଛି ଦୁଇଟି ସଂଖ୍ୟାର ସର୍ବନିମ୍ନ ଗୁଣଫଳ। ଏହାଠାରୁ କମ୍ ଗୁଣଫଳ ଆଉ ନାହିଁ। ଦୁଇ ଗୁଣନ ଦୁଇ (୨X୨=୪) ଚାରି।
୩. ମଣିଷ ଶରୀରର ମୁଖ୍ୟ ଅଙ୍ଗ ହେଉଛି ୪। ୨ ହାତ ଓ ୨ ଗୋଡ଼।
୪. ଦିଗ ସଂଖ୍ୟା ୪। ପୂର୍ବ, ପଶ୍ଚିମ, ଉତ୍ତର ଓ ଦକ୍ଷିଣ।
୫. ସାଧାରଣ ଘରର କୋଣ ସଂଖ୍ୟା ୪।
୬. ପୃଥିବୀରେ ସାଧାରଣତଃ ୪ଟି ଋତୁ ରହିଛି, ସେଗୁଡ଼ିକ ହେଲା ବସନ୍ତ, ଗ୍ରୀଷ୍ମ, ଶରତ ଓ ଶୀତ (ଭାରତରେ କିନ୍ତୁ ଋତୁ ସଂଖ୍ୟା-୬)।
୭. ମଣିଷ ହୃତପିଣ୍ଡରେ ୪ଟି କୋଠରୀ ରହିଛି। ସେଗୁଡ଼ିକ ହେଲା ଡାହାଣ ଅଳିନ୍ଦ, ବାମ ଅଳିନ୍ଦ, ଡାହାଣ ନିଳୟ ଓ ବାମ ବିଳୟ।



### ତୁମ ପାଇଁ ବହି



## ଶିଶୁ ପ୍ରତିଭା

**ସଂପାଦକ: ପ୍ରକାଶ ମଙ୍ଗରାଜ**
**ଠିକଣା: ସେକ୍ଟର ୩/୭୧୨,**
**ନୀଳାଦ୍ରିବିହାର, ଭୁବନେଶ୍ୱର-୨୧**
**ମୂଲ୍ୟ: ୩୦ ଟଙ୍କା**

ଏହି ଶିଶୁ ପତ୍ରିକାର ମଲାଟ ଖୁବ୍ ଆକର୍ଷଣୀୟ। ଏଥିରେ ଥିବା ରାଜାଙ୍କ କୁହୁକ ଢୋଲ, ଆମ୍ବ ଚୋରିରୁ କବିରତ୍ନ, ମନ ପରିବର୍ତ୍ତନ ଆଦି ଗପ ବେଶ କୌତୂହଳପ୍ରଦ। କବିତାଗୁଡ଼ିକ ମଧ୍ୟ ସରଳ ଓ ସୁଖପାଠ୍ୟ। ଏହା ଛଡ଼ା ଏଥିରେ ରହିଛି ଶିଶୁ ଲେଖକଙ୍କ ପରିଚୟ, ପ୍ରକୃତି ସାଥିରେ ସାଲିସ, ଧାରାବାହିକ ପିଲାଙ୍କ ଉପନ୍ୟାସ ଓ ବିଜ୍ଞାନ କଥା। ସବୁ ଦୃଷ୍ଟିରୁ ପତ୍ରିକାଟି ବେଶ୍ ମନୋଲୋଭା ହୋଇପାରିଛି।

### କୁନାକୁନିଙ୍କ ଚିତ୍ର





ଅଦ୍ୱିତୀୟ,
କ୍ଲାସ୍-୨,
ଏୟାର ଫୋର୍ସ ସ୍କୁଲ,
ଗୌହାଟୀ, ଆସାମ



ଏ.ଅଭିଲାଷ ପାତ୍ର,
କ୍ଲାସ୍-୫,
ପ୍ରଭୁଜୀ ଇଂଲିଶ୍ ମିଡ଼ିୟମ୍ ସ୍କୁଲ,
ଭୁବନେଶ୍ୱର



**'ନବପଲ୍ଲବ'ର ବିଭିନ୍ନ ବିଭାଗ ପାଇଁ ଲେଖା ପଠାନ୍ତୁ**

ଲେଖା ଓ ଛବି ପଠାଇବାର ଠିକଣା: ମାର୍ଫତ୍- ନିତିଦିନ, ଶେଡ୍ ନଂ-ଟିଏସ୍-୨/୨୧୦/ଏ, ଜୋନ୍-ବି, ସେକ୍ଟର୍-ଏ, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୦ ଅଥବା nabapallaba@nitidin.com



**ଆଜିର ମ୍ୟାଚ୍**

କୋଲ୍‌କାତା ନାଇଟ୍ ରାଇଡର୍ସ ବନାମ ଗୁଜରାଟ ଟାଇଟନ୍ସ

ସମୟ: ସନ୍ଧ୍ୟା ୭.୩୦, ସ୍ଥାନ: କୋଲ୍‌କାତା

ନିତିଦିନ NITIDIN

# ମାର୍ଶ-ପୂରନ୍‌ଙ୍କ ବିସ୍ଫୋରଣରେ ଲକ୍ଷ୍ନୌ ବିଜୟୀ

**ଲକ୍ଷ୍ନୌ, ୧୫।୫/ଏଜେନ୍ସି:** ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ ଶୁକ୍ରବାର ଚଳିତ ଆଇପିଏଲ୍‌ରେ ଚେନ୍ନାଇ ସୁପର୍ କିଙ୍ଗ୍‌ସକୁ ୭ ୱିକେଟ୍‌ରେ ହରାଇ ଦେଇଛି। ଇକାନା ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଚେନ୍ନାଇ ପ୍ରଥମେ ୫ ୱିକେଟ୍ ହରାଇ ୧୮୭ ରନ୍ କରିଥିଲା। ଲକ୍ଷ୍ନୌ ୧୬.୪ ଓଭର୍‌ରେ ୩ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଛି। ଲକ୍ଷ୍ନୌ ବିଜୟରେ ମିଚେଲ୍ ମାର୍ଶ (୯୦ ରନ୍)ଙ୍କ ପ୍ରମୁଖ ଭୂମିକା ଥିଲା।

ରନ୍ ଚେଜ୍‌ରେ ମିଚେଲ୍ ମାର୍ଶ ଓ ଜୋଶ୍ ଇଙ୍ଗ୍‌ଲିସ୍ ପ୍ରଥମ ୱିକେଟ୍ ପାଇଁ ୧୩୫ ରନ୍‌ର ପାର୍ଟନରଶିପ୍ କରିଥିଲେ। ଏହି ଅବସରରେ ମାର୍ଶ ମାତ୍ର ୨୧ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ। ଇଙ୍ଗ୍‌ଲିସ୍ ମଧ୍ୟ କେତେକ ଦର୍ଶନୀୟ ଶଟ୍ ଖେଳିଥିଲେ। ଇଙ୍ଗ୍‌ଲିସ୍‌ଙ୍କୁ ଆଉଟ୍ କରି ମୁକେଶ କୁମାର ଏହି ଯୋଡ଼ି ଭାଙ୍ଗିଥିଲେ। ଇଙ୍ଗ୍‌ଲିସ୍ ୩୨ ବଲ୍‌ରେ ୩ ଚୌକା ଓ ଗୋଟିଏ ଛକା ବଳରେ ୩୬ ରନ୍‌ର ଯୋଗଦାନ ଦେଇଥିଲେ। ଏହାପରେ ମିଚେଲ୍ ମାର୍ଶ ଦୁର୍ଭାଗ୍ୟପୂର୍ଣ୍ଣ ଭାବେ ରନ୍‌ଆଉଟ୍ ହୋଇଥିଲେ ଏବଂ ନିଜ ଶତକ ପୂରା କରିପାରି ନଥିଲେ। ମାର୍ଶ ୯ ଚୌକା ଓ ୭ ଛକା ସହାୟତାରେ ୩୮ ବଲ୍‌ରେ ୯୦ ରନ୍‌ର ଇନିଂସ୍ ଖେଳିଥିଲେ। ଶେଷରେ ନିକୋଲାସ୍ ପୂରନ୍ ୪ ଛକା ଓ ଗୋଟିଏ ଚୌକା ବଳରେ ୧୭ ବଲ୍‌ରେ ଅପରାଜିତ ୩୨ ରନ୍ କରିଥିଲେ। ସେ ୧୭ତମ ଓଭର୍‌ରେ ଅଂଶୁଳ କମ୍ବୋଜଙ୍କୁ ଲଗାତାର ୪ ଛକା ମାରିଥିଲେ।

## ୩ ବିଜୟ ପରେ ହାରିଲା ଚେନ୍ନାଇ ସୁପର୍ କିଙ୍ଗ୍‌ସ



ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଚେନ୍ନାଇର ଆରମ୍ଭ ଭଲ ନଥିଲା ଏବଂ ପାୱାରପ୍ଲେରେ ଦୁଇଟି ବଡ଼ ୱିକେଟ୍ ହରାଇଥିଲା। କ୍ୟାପ୍‌ଟେନ୍ ଋତୁରାଜ ଗାଏକ୍‌ୱାଡ୍ ୧୩ ରନ୍ ଏବଂ ସଞ୍ଜୁ ସାମ୍‌ସ୍ ୨୦ ରନ୍ କରି ଆଉଟ୍ ହୋଇଥିଲେ। ତେବେ ଏହାପରେ କାର୍ତ୍ତିକ ଶର୍ମା ଏବଂ ଡେୱାଲ୍ଡ ବ୍ରେଭିସ୍ ଇନିଂସ୍ ସମ୍ଭାଳି ଚତୁର୍ଥ ୱିକେଟ୍ ପାଇଁ ୭୦ ରନ୍‌ର ପାର୍ଟନରଶିପ୍ କରିଥିଲେ। କାର୍ତ୍ତିକ ୪୨ ବଲ୍‌ରେ ୭୧ ରନ୍‌ର ଚମତ୍କାର ଇନିଂସ୍ ଖେଳିଥିଲେ। ଏଥିରେ ତାଙ୍କର ୬ ଚୌକା ଓ ୫ ଛକା ସାମିଲ ଥିଲା। ସେହିପରି ବ୍ରେଭିସ୍ ୧୬ ବଲ୍‌ରେ ୨୫ ରନ୍ ଯୋଡ଼ିଥିଲେ। ଶେଷରେ ଶିଭମ୍ ଦୁବେ ଦ୍ରୁତ ବ୍ୟାଟିଂ କରି ୧୬ ବଲ୍‌ରେ ୩ ଚୌକା ଓ ୨ ଛକା ସହାୟତାରେ ଅପରାଜିତ ୩୨ ରନ୍ କରିଥିଲେ। ପ୍ରଶାନ୍ତ ବୀର ୧୦ ବଲ୍‌ରେ ଅପରାଜିତ ୧୩ ରନ୍‌ର ଯୋଗଦାନ ଦେଇଥିଲେ। ଗତ ମ୍ୟାଚ୍‌ର ଶତକଧାରୀ ଉର୍ବିଲ୍ ପଟେଲ୍ ମାତ୍ର ୬ ରନ୍ କରି ଆଉଟ୍ ହୋଇଥିଲେ। ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସ ପକ୍ଷରୁ ଡେବ୍ୟୁ କରିଥିବା ଆକାଶ ସିଂହ ସବୁଠୁ ସଫଳ ବୋଲର୍ ଭାବେ ୪ ଓଭର୍‌ରେ ୨୬ ରନ୍ ଦେଇ ୩ଟି ୱିକେଟ୍ ନେଇଥିଲେ। ମହମ୍ମଦ ଶମୀ ଓ ଶାହବାଜ ଅହମଦ୍‌ଙ୍କୁ ୧-୧ ୱିକେଟ୍ ମିଳିଥିଲା।

# ମୁମ୍ବାଇ କୋଚ୍ ପୋଲାର୍ଡଙ୍କୁ ୧୫% ମ୍ୟାଚ୍ ଫି' ଜୋରିମାନା



**ଧର୍ମଶାଳା, ୧୫।୫/ଏଜେନ୍ସି:** ମୁମ୍ବାଇ ଇଣ୍ଡିଆନ୍ସ ବ୍ୟାଟିଂ କୋଚ୍ କିରୋନ୍ ପୋଲାର୍ଡ ଆଇପିଏଲ୍ ଆଚାର ସଂହିତା ଉଲ୍ଲଂଘନରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ମ୍ୟାଚ୍ ରେଫରି ତାଙ୍କୁ ମ୍ୟାଚର ଫି'ର ୧୫% ଜୋରିମାନା କରିବା ସହିତ ଗୋଟିଏ ଡିମେରିଟ୍ ପଏଣ୍ଟ ଦେଇଛନ୍ତି। ୩୯ ବର୍ଷୀୟ ଅଭିଜ୍ଞ ବ୍ୟାଟର୍ ଗୁରୁବାର ଧର୍ମଶାଳାରେ ଖେଳାଯାଇଥିବା ମୁମ୍ବାଇ ଇଣ୍ଡିଆନ୍ସ ଓ ପଞ୍ଜାବ କିଙ୍ଗ୍‌ସର ମ୍ୟାଚ୍‌ରେ ଚତୁର୍ଥ ଅମ୍ପାୟାର୍‌ଙ୍କ ସହିତ ଯୁକ୍ତିତର୍କ କରିଥିଲେ। ତାଙ୍କ ବିରୋଧରେ ଅଭଦ୍ର ଭାଷା ବ୍ୟବହାରର ଅଭିଯୋଗ ଲାଗିଥିଲା। ଏହି ମ୍ୟାଚ୍‌କୁ ମୁମ୍ବାଇ ୬ ୱିକେଟ୍‌ରେ ଜିତିଥିଲା।

ମୁମ୍ବାଇ ଇଣ୍ଡିଆନ୍ସ ଇନିଂସ୍‌ର ୧୯ତମ ଓଭର୍‌ରେ ଚତୁର୍ଥ ଅମ୍ପାୟାର୍‌ଙ୍କ ସହ ଯୁକ୍ତିତର୍କ ବେଳେ ପୋଲାର୍ଡ ଅଭଦ୍ର ଶବ୍ଦ ବ୍ୟବହାର କରିଥିଲେ। ମ୍ୟାଚ୍ ରେଫରି ପଙ୍କଜ ଧରମାନୀ ଏହାକୁ ଆଇପିଏଲ୍ ଆଚାର ସଂହିତାର ଲେଭଲ୍-୧ର ଉଲ୍ଲଂଘନ ମାନିଛନ୍ତି। ପୋଲାର୍ଡଙ୍କ ବିରୋଧରେ ଆଚାର ସଂହିତାର ଧାରା ୨.୩ ଅଧୀନରେ ଆରୋପ ଲାଗିଥିଲା। ମ୍ୟାଚ୍ ପରେ ଶୁଣାଣି ବେଳେ ପୋଲାର୍ଡ ନିଜର ଭୁଲ ସ୍ୱୀକାର କରିନେଇଛନ୍ତି। ଏହା ସହିତ ସେ ଜୋରିମାନା ପ୍ରତିବନ୍ଧକୁ ମାନି ନେଇଛନ୍ତି। ଫଳରେ ଔପଚାରିକ ଶୁଣାଣିର ଆବଶ୍ୟକତା ପଡ଼ିନାହିଁ।

# କୁଲଦୀପ୍ ଯାଦବ ସିଏସ୍‌କେରେ ସାମିଲ

## ଆର୍‌ସିବିରେ ଯୋଗଦେବେ ରିଚାର୍ଡ ଗ୍ଲିସନ୍



**ନୂଆଦିଲ୍ଲୀ, ୧୫।୫/ଏଜେନ୍ସି:** କୁଲ୍‌ଦୀପ୍ ଯାଦବ ଓ ରିଚାର୍ଡ ଗ୍ଲିସନ୍ ଯଥାକ୍ରମେ ଚେନ୍ନାଇ ସୁପର୍ କିଙ୍ଗ୍‌ସ (ସିଏସ୍‌କେ) ଏବଂ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲରୁ (ଆର୍‌ସିବି)ରେ ସାମିଲ କରାଯାଇଛି। କୁଲଦୀପ୍ ଓ ଗ୍ଲିସନ୍ ଯଥାକ୍ରମେ ଆହତ ହୋଇ ଚଳିତ ଆଇପିଏଲ୍‌ର ବାକି ମ୍ୟାଚ୍‌ରୁ ବାଦ୍ ପଡ଼ିଥିବା ଖଲିଲ୍ ଅହମଦ ଏବଂ ନୁୱାରନ୍ ତୁଷାରାଙ୍କ ସ୍ଥାନ ନେଇଛନ୍ତି। କୁଲଦୀପ୍ ଯାଦବ ୩୦ ଲକ୍ଷ ଟଙ୍କାରେ ସିଏସ୍‌କେରେ ସାମିଲ ହୋଇଥିବା ବେଳେ ରିଚାର୍ଡ ଗ୍ଲିସନ୍‌ଙ୍କୁ ୧.୬ କୋଟି ଟଙ୍କାରେ ଆର୍‌ସିବି ନିଜ ସହିତ ଯୋଡ଼ିଛି। ଜଣେ ମିଡିୟମ୍ ପେସର୍ କୁଲଦୀପ୍ ୨୦୨୧ରେ ରାଜସ୍ଥାନ ରୟାଲ୍ସ ପକ୍ଷରୁ ଆଇପିଏଲ୍ ଡେବ୍ୟୁ କରିଥିଲେ ଏବଂ ଫ୍ରାଞ୍ଚାଇଜି ପାଇଁ ୩ଟି ମ୍ୟାଚ୍ ଖେଳିଛନ୍ତି। ଅନ୍ୟପକ୍ଷରେ ଇଂଲିଶ୍ ଫାଷ୍ଟ ବୋଲର୍ ଗ୍ଲିସନ୍ ନିଜ ଦେଶ ପାଇଁ ଛଅ ଟି-୨୦ ମ୍ୟାଚ୍ ଖେଳି ୯ ୱିକେଟ୍ ନେଇଛନ୍ତି। ସେ ଆଇପିଏଲ୍‌ର ୨୦୨୪ ଏବଂ ୨୦୨୫ ସଂସ୍କରଣରେ ଯଥାକ୍ରମେ ସିଏସ୍‌କେ ଏବଂ ମୁମ୍ବାଇ ଇଣ୍ଡିଆନ୍ସର ପ୍ରତିନିଧିତ୍ୱ କରିଥିଲେ। ଏହି ଅବସରରେ ସେ ଚେନ୍ନାଇ ପକ୍ଷରୁ ଦୁଇଟି ଏବଂ ମୁମ୍ବାଇ ପାଇଁ ଗୋଟିଏ ମ୍ୟାଚ୍ ଖେଳିଥିଲେ।

# ଥାଇଲାଣ୍ଡ ଓପନ୍ ସେମିରେ ସାତ୍ତ୍ୱିକ-ଚିରାଗ



## କ୍ୱାର୍ଟର୍ ଫାଇନାଲ୍‌ରେ ସିନ୍ଧୁଙ୍କ ଅଭିଯାନ ଶେଷ

**ବ୍ୟାଙ୍କକ୍, ୧୫।୫/ଏଜେନ୍ସି:** ଦୁଇ ଥରର ଅଲିମ୍ପିକ୍ ପଦକ ବିଜେତା ପିଭି ସିନ୍ଧୁଙ୍କ ଅଭିଯାନ ଥାଇଲାଣ୍ଡ ଓପନ୍ ସୁପର୍ ୫୦୦ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ଶେଷ ହୋଇଛି। ଅନ୍ୟପକ୍ଷରେ ସାତ୍ତ୍ୱିକସାଇରାଜ ରାଙ୍କୀରେଡ୍ଡୀ ଏବଂ ଚିରାଗ ସେଟ୍ଟୀଙ୍କ ଷ୍ଟାର୍ ଭାରତୀୟ ଯୋଡ଼ି ପୁରୁଷ ଡବଲ୍ସର ସେମିଫାଇନାଲ୍‌ରେ ପହଞ୍ଚିଛନ୍ତି। ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିବା ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ୍‌ରେ ସିନ୍ଧୁଙ୍କୁ ଶୀର୍ଷ ସିଡ୍ ତଥା ବିଶ୍ୱ ନମ୍ବର-୩ ଜାପାନର ଅକାନେ ୟାମାଗୁଚୀ ୨୧-୧୯, ୧୮-୨୧, ୧୫-୨୧ରେ ହରାଇ ଦେଇଛନ୍ତି। ସିନ୍ଧୁ ପ୍ରଥମ ଗେମ୍ ନିଜ ନାମରେ କରିଥିବା ବେଳେ ପରବର୍ତ୍ତୀ ଦୁଇଟି ଗେମ୍ ହାରିଯାଇଥିଲେ। ପୁରୁଷ ଡବଲ୍ସ କ୍ୱାର୍ଟର୍ ଫାଇନାଲ୍‌ରେ ସାତ୍ତ୍ୱିକ୍ ଚିରାଗ ଯୋଡ଼ି ଜାପାନର ତାକୁମୀ ନୋମୁରା ଏବଂ ୟୁଇଚି ଶିମୋଗାମୀଙ୍କୁ ୪୧ ମିନିଟ୍ ମଧ୍ୟରେ ୨୧-୧୨, ୨୧-୧୩ ସିଧା ଗେମ୍‌ରେ ହରାଇ ଦେଇଛନ୍ତି। ଏହା ୨୦୨୬ରେ ବିଡବ୍ଲ୍ୟୁଏଫ୍ ଟୁର୍ ଇଭେଣ୍ଟ୍‌ରେ ଭାରତୀୟ ଯୋଡ଼ିର ପ୍ରଥମ ସେମିଫାଇନାଲ୍। ଜାପାନୀ ଯୋଡ଼ି ବିପକ୍ଷରେ ପ୍ରଥମ ଥର ଖେଳୁଥିବା ସାତ୍ତ୍ୱିକ-ଚିରାଗ ପ୍ରଥମରୁ ମ୍ୟାଚ୍ ଉପରେ ନିୟନ୍ତ୍ରଣ ହାସଲ କରି ପ୍ରଥମ ଗେମ୍‌ରେ ୧୦-୦ର ଚମତ୍କାର ଅଗ୍ରଣୀ ହାସଲ କରିଥିଲେ। ତେବେ ଏହାପରେ ଜାପାନୀ ଯୋଡ଼ି ପ୍ରତ୍ୟାବର୍ତ୍ତନ କରି ଅଗ୍ରଣୀକୁ ୧୪-୧୦ କରିଥିଲେ ମଧ୍ୟ ଭାରତୀୟ ଯୋଡ଼ି ଶୀଘ୍ର ଲୟ ହାସଲ କରି ପ୍ରଥମ ଗେମ୍ ସହଜରେ ନିଜ ନାମରେ କରିଥିଲେ। ଦ୍ୱିତୀୟ ଗେମ୍ ପ୍ରଥମରୁ ସଂଘର୍ଷପୂର୍ଣ୍ଣ ଥିଲା। ଜାପାନୀ ଯୋଡ଼ି ପ୍ରଥମାର୍ଦ୍ଧରେ ଅଧିକାଂଶ ସମୟ ଦୁଇ ଅଙ୍କ ଭିତରେ ରହିଥିଲେ। ମାତ୍ର ସାତ୍ତ୍ୱିକ୍-ଚିରାଗ ନିଜ ନିୟନ୍ତ୍ରଣ ନହରାଇ ଧୀରେ ଧୀରେ ଅଗ୍ରଣୀ ହାସଲ ସହିତ ମ୍ୟାଚ୍ ନିଜ ନାମରେ କରିଥିଲେ।

# ବକ୍ସର୍ ସାକ୍ଷୀ ଚୌଧୁରୀଙ୍କୁ ରାଜ୍ୟଗୋଷ୍ଠୀ ଓ ଏସିଆନ୍ ଗେମ୍ସ ଟିକେଟ୍

**ପଟିଆଲା, ୧୫।୫/ଏଜେନ୍ସି:** ହରିଆଣା ବକ୍ସର୍ ସାକ୍ଷୀ ଚୌଧୁରୀ ୨୦୨୬ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆନ୍ ଗେମ୍ସ ଟିକେଟ୍ ହାସଲ କରିଛନ୍ତି। ଶୁକ୍ରବାର ପଟିଆଲାରେ ଚାଲିଥିବା ସିଲେକ୍ସନ୍ ଟ୍ରାଏଲ୍ସର ଫାଇନାଲ୍‌ରେ ସେ ବିଶ୍ୱ ଚାମ୍ପିଅନ୍ ମୀନାକ୍ଷୀ ହୁଡ୍ଡାଙ୍କୁ ୫-୦ରେ ହରାଇଛନ୍ତି। ସର୍ଭିସେସ୍‌ରୁ ଖେଳୁଥିବା ସାକ୍ଷୀ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜେତା ନିକହତ୍ ଜରୀନ୍‌ଙ୍କୁ ୫୧ କିଗ୍ରା ବର୍ଗର ସେମିଫାଇନାଲ୍‌ରେ ୪-୧ରେ ହରାଇଥିଲେ। ଅନ୍ୟପକ୍ଷରେ ମୀନାକ୍ଷୀ ୪୮ କିଗ୍ରା ବର୍ଗରେ ନିତୁ ଘଙ୍ଘାସ୍‌ଙ୍କୁ ହରାଇ ଫାଇନାଲ୍‌ରେ ପ୍ରବେଶ କରିଥିଲେ। ୨୦୨୬ ରାଜ୍ୟଗେଷ୍ଠୀ କ୍ରୀଡ଼ା ଜୁଲାଇ-ଅଗଷ୍ଟରେ ଗ୍ଲାସ୍‌ଗୋରେ ହେବ। ଏହାପରେ ସେପ୍ଟେମ୍ବର-ଅକ୍ଟୋବରରେ ଜାପାନରେ ଏସିଆନ୍ ଗେମ୍ସର ଆୟୋଜନ ହେବ।

ମହିଳା ବର୍ଗରେ ପ୍ରୀତି ପୱାର୍ (୫୪ କିଗ୍ରା), ପ୍ରିୟା ଘଙ୍ଘାସ୍ (୬୦ କିଗ୍ରା), ଜାସ୍‌ମିନ୍ ଲାମ୍ବୋରିୟା (୫୭ କିଗ୍ରା) ଏବଂ ଅରୁନ୍ଧତି ଚୌଧୁରୀ (୭୦ କିଗ୍ରା) ଏସିଆନ୍ ଚାମ୍ପିଅନ୍‌ଶିପ୍ ଫାଇନାଲ୍‌ରେ ପହଞ୍ଚି ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ପୁରୁଷ ବର୍ଗରେ ସଚିନ୍ ସିୱାଚ୍ ମଧ୍ୟ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ସ୍ଥାନ ପକ୍କା କରିଛନ୍ତି। ବାକି ଚାରି ଓଜନ ବର୍ଗ ୫୫ କିଗ୍ରା, ୬୫ କିଗ୍ରା, ୭୦ କିଗ୍ରା ଏବଂ ୯୦+ କିଗ୍ରା ପାଇଁ ଟ୍ରାଏଲ୍ ଆୟୋଜିତ ହେଉଛି।

# ମନଜୋତ୍ କାଲ୍‌ରା ଏଲ୍‌ପିଏଲ୍‌ର ଜାଫ୍‌ନା କିଙ୍ଗ୍‌ସ ମାଲିକ

**ନୂଆଦିଲ୍ଲୀ, ୧୫।୫/ଏଜେନ୍ସି:** ଭାରତକୁ ୨୦୧୮ ଅଣ୍ଡର-୧୯ ବିଶ୍ୱକପ୍ ଜିତାଇଥିବା ଷ୍ଟାର୍ ବ୍ୟାଟର୍ ମନଜୋତ୍ କାଲ୍‌ରା ଏବେ କ୍ରିକେଟ୍ ପଡ଼ିଆ ବାହାରେ ନୂଆ ଇନିଂସ୍ ଆରମ୍ଭ କରିଛନ୍ତି। ଫାଇନାଲ୍‌ରେ ଶତକ ମାରି ଟିମ୍ ଇଣ୍ଡିଆକୁ ଚାମ୍ପିଅନ୍ କରିଥିବା କାଲ୍‌ରା ଏବେ ଶ୍ରୀଲଙ୍କାର ଟି-୨୦ ଲିଗ୍ ଲଙ୍କା ପ୍ରିମିୟର୍ ଲିଗ୍ (ଏଲ୍‌ପିଏଲ୍)ରେ ଟିମ୍ ମାଲିକ ହୋଇଛନ୍ତି। ଦିଲ୍ଲୀ ନିବାସୀ ମନଜୋତ୍ କାଲ୍‌ରା ଏବଂ ବ୍ୟବସାୟୀ ମୟଙ୍କ ଗୋୟଲ୍‌ଙ୍କ କମ୍ପାନୀ ସ୍ପୋର୍ଟ୍ସ କମ୍ୟୁନ୍ ଏଲ୍‌ପିଏଲ୍ ଫ୍ରାଞ୍ଚାଇଜି ଜାଫ୍‌ନା କିଙ୍ଗ୍‌ସରେ ଅଂଶଧନ ହାସଲ କରିଛନ୍ତି। ଏହି ଗ୍ରୁପ୍ ଏବେ ଟିମ୍‌ର ପରିଚାଳନା ଏବଂ ଭବିଷ୍ୟତ ରଣନୀତି ସମ୍ଭାଳିବ। ସ୍ପୋର୍ଟ୍ସ କମ୍ୟୁନ୍‌ର ଯୋଜନା କେବଳ ଟିମ୍ ଚଳାଇବାରେ ସୀମିତ ନାହିଁ। କମ୍ପାନୀ ଯୁବକମାନଙ୍କୁ କ୍ରିକେଟ୍ ସହ ଯୋଡ଼ିବା, ସ୍ପୋର୍ଟ୍ସ କଣ୍ଟେଣ୍ଟ ପ୍ରସ୍ତୁତ କରିବା, ଗ୍ରାସ୍‌ରୁଟ୍ କ୍ରିକେଟ୍‌କୁ ପ୍ରୋତ୍ସାହିତ କରିବା ଏବଂ ଦକ୍ଷିଣ ଏସିଆରେ ଫ୍ୟାନ୍ ଏନ୍‌ଗେଜ୍‌ମେଣ୍ଟ ବୃଦ୍ଧି ଉପରେ ଫୋକସ୍ କରିବ। ମୟଙ୍କ ଗୋୟଲ୍ ସାଇବର୍ ସିକ୍ୟୁରିଟି, ଇନ୍‌ସ୍ୟୁରାନ୍ସ ଏବଂ ସ୍ପୋର୍ଟ୍ସ ଡେଭେଲପ୍‌ମେଣ୍ଟ ସେକ୍ଟରରେ ମଧ୍ୟ ସକ୍ରିୟ ଅଛନ୍ତି। ସେ ବହୁ ୟୁଥ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଏବଂ କର୍ପୋରେଟ୍ କ୍ରିକେଟ୍ ଲିଗ୍‌ର ଆୟୋଜନରେ ଅଂଶଗ୍ରହଣ କରିଛନ୍ତି।

# ବେକ୍‌ହାମ୍ ୟୁକେର ପ୍ରଥମ ବିଲିୟନେୟାର୍ ଖେଳାଳି

**ଲଣ୍ଡନ, ୧୫।୫/ଏଜେନ୍ସି:** ଇଂଲଣ୍ଡର ପୂର୍ବତନ କ୍ୟାପ୍‌ଟେନ୍ ସାର୍ ଡେଭିଡ୍ ବେକ୍‌ହାମ୍ ୟୁକେ (ଯୁକ୍ତରାଜ୍ୟ)ର ପ୍ରଥମ ବିଲିୟନେୟାର୍ ଖେଳାଳି ହୋଇଛି। ୨୦୨୬ ସଣ୍ଡେ ଟାଇମ୍ସ ଧନୀ ତାଲିକା ଅନୁଯାୟୀ ବେକ୍‌ହାମ୍ ଏବଂ ତାଙ୍କ ପତ୍ନୀ ଭିକ୍ଟୋରିୟାଙ୍କ ମୋଟ ସମ୍ପତ୍ତି ୧.୧୮୫ ବିଲିୟନ୍ ପାଉଣ୍ଡରେ ପହଞ୍ଚିଛି। ମାଞ୍ଚେଷ୍ଟର୍ ୟୁନାଇଟେଡ୍‌ର ପୂର୍ବତନ ମିଡ୍‌ଫିଲ୍ଡର ବେକ୍‌ହାମ୍ ଏବେ ଆମେରିକାନ୍ କ୍ଲବ୍ ଇଣ୍ଟର ମିୟାମୀର ସହ-ମାଲିକ ଅଛି। ୟୁନାଇଟେଡ୍ ୧.୪୫ ବିଲିୟନ୍ ଡଲାର (୧.୦୭ ବିଲିୟନ୍ ପାଉଣ୍ଡ) ସହିତ ମେଜର ଲିଗ୍ ସକର୍‌ର ସର୍ବାଠୁ ଦାବୀ ଫ୍ରାଞ୍ଚାଇଜି। ନଭେମ୍ବରରେ ନାଇଟ୍‌ହୁଡ୍ ଉପାଧି ପାଇଥିବା ୫୧ ବର୍ଷୀୟ ବେକ୍‌ହାମ୍ ଏଡିଡାସ୍ ଏବଂ ହ୍ୟୁଗୋ ବସ୍ ପରି କମ୍ପାନୀର ବ୍ରାଣ୍ଡ ଆମ୍ବାସଡର୍ ମଧ୍ୟ ଅଛନ୍ତି। ପ୍ରଥମରୁ ସ୍ପାଇସ୍ ଗାର୍ଲସ୍ ସଦସ୍ୟ ଭାବେ ପ୍ରସିଦ୍ଧ ଅର୍ଜନ କରିଥିବା ଭିକ୍ଟୋରିୟା ବେକ୍‌ହାମଙ୍କ ଧନର ମୁଖ୍ୟ ସ୍ରୋତ ତାଙ୍କ ଫେସନ୍ ଲେଭଲ୍।

## ଦେଶ ବିଦେଶ

### ମୋଦୀଙ୍କ ୟୁଏଇ ଗସ୍ତ ଶେଷ, ୩ ଦିନିଆ ନେଦରଲାଣ୍ଡ ଗସ୍ତରେ ଗଲେ

# ନୂଆଦିଲ୍ଲୀ-ଆବୁଧାବି ଏଲ୍‌ପିଜି ସମେତ ୫ ଚୁକ୍ତି ସ୍ୱାକ୍ଷରିତ

**ଦୁବାଇ, ନୂଆଦିଲ୍ଲୀ, ୧୫।୫/ଏଜେନ୍ସି:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜ ୫ ଦିନିଆ ବିଦେଶ ଗସ୍ତ ଆରମ୍ଭ କରିଛନ୍ତି। ସେ ନିଜ ପ୍ରଥମ ଗସ୍ତ ୟୁଏଇକୁ କରିଥିଲେ। ଏଠାରେ ପହଞ୍ଚି ସେ ରାଷ୍ଟ୍ରପତି ମହମ୍ମଦ ବିନ୍ ଜାୟେଦ ଅଲ୍ ନାହୟାନ୍‌ଙ୍କୁ ସାକ୍ଷାତ କରିଛନ୍ତି। ଉଭୟ ନେତାଙ୍କ ମଧ୍ୟରେ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦୁଇ ଦେଶ ମଧ୍ୟରେ ଏଲ୍‌ପିଜି ଯୋଗାଣ ସମେତ ମୋଟ୍ ୫ଟି ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଭାରତୀୟ ତୈଳ କମ୍ପାନୀ (ଆଇଓସିଏଲ୍) ଏବଂ ଆବୁଧାବି ନ୍ୟାସନାଲ ଓଏଲ୍ କମ୍ପାନୀ (ଏଡିଏନ୍‌ଓସି) ମଧ୍ୟରେ ଦୀର୍ଘକାଳୀନ ଏଲ୍‌ପିଜି (ରନ୍ଧନ ଗ୍ୟାସ) ଯୋଗାଣ ପାଇଁ ଚୁକ୍ତି ହୋଇଛି। ପଶ୍ଚିମ ଏସିଆ ସଙ୍କଟ ଯୋଗୁଁ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍' ବନ୍ଦ ହେବା ଆଶଙ୍କା ଥିବାରୁ ଭାରତରେ ଖଚଏ ସଙ୍କଟ ଦେଖାଦେଇଥିଲା। ଏହି ଚୁକ୍ତି ଭାରତକୁ ସ୍ଥିର ଭାବେ ରନ୍ଧନ ଗ୍ୟାସ ଯୋଗାଇବାରେ ସାହାଯ୍ୟ କରିବ ବୋଲି କୁହାଯାଉଛି। ତେବେ ଭାରତ ଏବଂ ୟୁଏଇ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ଚୁକ୍ତିଗୁଡ଼ିକ ମଧ୍ୟରେ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ରିଜର୍ଭ, ପ୍ରତିରକ୍ଷା ସହଯୋଗ ଏବଂ ଗୁଜରାଟର ବାଡିନାର୍‌ରେ ସିପ୍ ରିପେୟାର କ୍ଲଷ୍ଟର ସହ ଜଡ଼ିତ ଏମ୍‌ଓୟୁ ମଧ୍ୟ ସାମିଲ ରହିଛି। ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ଶିଳ୍ପ, ସାମରିକ ସାମଗ୍ରୀର ଉଦ୍ଭାବନ, ପ୍ରଯୁକ୍ତିବିଦ୍ୟା ଆଦାନପ୍ରଦାନ ଏବଂ ସାଇବର ପ୍ରତିରକ୍ଷା କ୍ଷେତ୍ରରେ ମିଳିତ ଭାବେ କାମ କରିବାକୁ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି। ୟୁଏଇ ଭାରତୀୟ ଭିତ୍ତିଭୂମି (ଇନଫ୍ରାଷ୍ଟ୍ରକ୍‌ଚର), ଆର୍‌ବିଏଲ୍ ବ୍ୟାଙ୍କ ଏବଂ ସମ୍ମାନ କ୍ୟାପିଟାଲ୍‌ରେ ୫ ବିଲିୟନ ଡଲାର (୫ ଆରବ ଡଲାର) ନିବେଶ କରିବାକୁ ମଧ୍ୟ ଘୋଷଣା କରିଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଅନୁଯାୟୀ, ଦୁଇ ନେତା ଶକ୍ତି ସୁରକ୍ଷା, ବାଣିଜ୍ୟ, ନିବେଶ ଏବଂ ପଶ୍ଚିମ ଏସିଆର ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି।

ଆବୁଧାବିରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ 'ଗାର୍ଡ ଅଫ୍ ଅନର୍' ଦେଇ ଦେଇ ସ୍ୱାଗତ କରାଯାଇଥିଲା। ରିପୋର୍ଟ ଅନୁଯାୟୀ, ୟୁଏଇ ବାୟୁସେନାର ଏଫ୍-୧୬ ଫାଇଟର୍ ଜେଟ୍‌ଗୁଡ଼ିକ ପ୍ରଧାନମନ୍ତ୍ରୀଙ୍କ ବିମାନକୁ ଏସ୍କର୍ଟ (ସୁରକ୍ଷା ବଳୟ ମଧ୍ୟରେ ଆଣିବା) କରିଥିଲେ।



ୟୁଏଇ ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାୟେଦ ଅଲ୍ ନାହୟାନ୍ ନିଜେ ବିମାନବନ୍ଦରକୁ ଆସି ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସ୍ୱାଗତ କରିଥିଲେ। ସାମ୍ପ୍ରତିକି ସ୍ଥିତିରେ ପଶ୍ଚିମ ଏସିଆରେ ଚାଲିଥିବା ଉତ୍ତେଜନାପୂର୍ଣ୍ଣ ସ୍ଥିତି (ଇରାନ ଏବଂ ଆମେରିକା-ଇସ୍ରାଏଲ ମଧ୍ୟରେ ବିବାଦ) ମଧ୍ୟରେ ଏହି ବୈଠକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ଏହି ସଙ୍କଟ ସମୟରେ ୟୁଏଇ ଦେଖାଇଥିବା ସଂଯମତାକୁ ପ୍ରଧାନମନ୍ତ୍ରୀ ମୋଦୀ ପ୍ରଶଂସା କରିବା ସହ ଶାନ୍ତି ପ୍ରତିଷ୍ଠା ପାଇଁ ଭାରତ ସବୁ ପ୍ରକାର ସହଯୋଗ କରିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ମୋଦୀ ଏହି ସମୟରେ ପ୍ରାୟ ୩ ଘଣ୍ଟା ଧରି ୟୁଏଇରେ ରହିଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୟୁଏଇ ଗସ୍ତ ଶେଷ ହେବା ଅବସରରେ କହିଛନ୍ତି ଯେ, ତାଙ୍କର ଏହି ଗସ୍ତ ସଂକ୍ଷିପ୍ତ କିନ୍ତୁ ଅତ୍ୟନ୍ତ ଉପଯୋଗୀ ବା ଫଳପ୍ରଦ ରହିଲା। ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାୟେଦ ଅଲ୍ ନାହୟାନ୍‌ଙ୍କ ସହ ଭାରତ-ୟୁଏଇ ବ୍ୟାପକ ରଣନୀତିକ ସହଭାଗିତାକୁ ଆହୁରି ମଜବୁତ କରିବା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଛି। ତେବେ ତାଙ୍କର ଏହି ଗସ୍ତର ସଫଳ ପରିଣାମ ଦୁଇ ଦେଶର ବନ୍ଧୁତାକୁ ଆହୁରି ସୁଦୃଢ଼ କରିବ ଏବଂ ପ୍ରଗତିକୁ ଆଗକୁ ବଢ଼ାଇବ ବୋଲି ଆଶା ବ୍ୟକ୍ତ କରିଛନ୍ତି। ମୋଦୀ ନିଜ ୟୁଏଇ ଗସ୍ତ ଶେଷ କରିବା ସହ ସେଠାରୁ ସିଧାସଳଖ ନେଦରଲାଣ୍ଡ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ୧୫ ରୁ ୧୭ ମେ' ପର୍ଯ୍ୟନ୍ତ (୩ ଦିନ) ନେଦରଲାଣ୍ଡ ଗସ୍ତରେ ଯାଇଛନ୍ତି। ଭାରତ ଏବଂ ନେଦରଲାଣ୍ଡ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ମଜବୁତ କରିବା ଦୃଷ୍ଟିରୁ ଏହି ଗସ୍ତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି।

### ଧାର ଭୋଜଶାଳା ବିବାଦ

# ହିନ୍ଦୁ ପକ୍ଷ ସପକ୍ଷରେ ଆସିଲା ହାଇକୋର୍ଟ ରାୟ

**ନୂଆଦିଲ୍ଲୀ, ୧୫।୫/ଏଜେନ୍ସି:** ମଧ୍ୟପ୍ରଦେଶ ହାଇକୋର୍ଟ ଧାର ସ୍ଥିତ ଭୋଜଶାଳାକୁ ବାଗ୍‌ଦେବୀ (ଦେବୀ ସରସ୍ୱତୀ)ଙ୍କ ମନ୍ଦିର ବୋଲି ଗ୍ରହଣ କରିଛନ୍ତି। ଶୁକ୍ରବାର ଦିନ ଦେଇଥିବା ଏକ ସ୍ମରଣୀୟ ରାୟରେ ହାଇକୋର୍ଟ କହିଛନ୍ତି, ଆମେ ପ୍ରତ୍ନତାତ୍ତ୍ୱିକ ଓ ଐତିହାସିକ ତଥ୍ୟ ଏବଂ ଏଏସ୍‌ଆଇର ସର୍ଭେ ରିପୋର୍ଟ ଉପରେ ବିସ୍ତୃତ ବିଚାର କରିଛୁ। ଏଥିସହ ଏଏସ୍‌ଆଇ ଆକ୍ଟର ପ୍ରାବଧାନ ଏବଂ ଅଯୋଧ୍ୟା ମାମଲାର ରାୟକୁ ମଧ୍ୟ ଏହି ନିଷ୍ପତ୍ତିର ଆଧାର କରାଯାଇଛି। ନ୍ୟୁଜ୍ ୱେବସାଇଟ୍ 'ବାର୍ ଆଣ୍ଡ ବେଞ୍ଚ'ର ରିପୋର୍ଟ ଅନୁଯାୟୀ, ହାଇକୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଏହି ଐତିହାସିକ ତଥା ସଂରକ୍ଷିତ ସ୍ଥାନଟି ପ୍ରକୃତରେ ଦେବୀ ସରସ୍ୱତୀଙ୍କର ଏକ ମନ୍ଦିର ଅଟେ। କେନ୍ଦ୍ର ସରକାର ଏବଂ ଏଏସ୍‌ଆଇ ମିଳିତ ଭାବେ ନିଷ୍ପତ୍ତି ନେବେ ଯେ ଭୋଜଶାଳା ମନ୍ଦିରର ପରିଚାଳନା ବ୍ୟବସ୍ଥା କିଭଳି ରହିବ। କୋର୍ଟ ଏଏସ୍‌ଆଇର ୨୦୦୩ ମସିହାର ସେହି ପୁରୁଣା ଆଦେଶକୁ ରଦ୍ଦ କରିଦେଇଛନ୍ତି, ଯେଉଁଥିରେ ଭୋଜଶାଳା ପରିସରରେ ହିନ୍ଦୁମାନଙ୍କୁ ସମ୍ପୂର୍ଣ୍ଣ ପୂଜା କରିବାର ଅଧିକାର ଦିଆଯାଇନଥିଲା। ଏହା ସହିତ ମୁସଲିମ୍ ପକ୍ଷକୁ ସେଠାରେ ନମାଜ ପଢ଼ିବା ପାଇଁ ଅନୁମତି ଦେଇଥିବା ନିର୍ଦ୍ଦେଶକୁ ମଧ୍ୟ କୋର୍ଟ ଖାରଜ କରିଛନ୍ତି। ଭୋଜଶାଳାକୁ 'କମାଲ ମୌଲା ମସଜିଦ୍' ବୋଲି ଦାବି କରୁଥିବା ମୁସଲିମ୍ ପକ୍ଷକୁ କୋର୍ଟ କହିଛନ୍ତି ଯେ, ସେମାନେ ମସଜିଦ୍ ନିର୍ମାଣ ପାଇଁ ସରକାରଙ୍କଠାରୁ ଅଲଗା କୌଣସି ସ୍ଥାନରେ ଜମି ମାଗିପାରିବେ।




ନିତିଦିନ NITIDIN

**NEW AGE MEDIA & PUBLICATIONS PVT. LTD.**

Shed No.- TS-2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha

Invite application for the following posts:

| Name of the post | Location | Experience |
|---|---|---|
| Manager-HR | Bhubaneswar | Having more than 7 years experience in HR work |
| Layout Designer | Bhubaneswar | Minimum 2-3 years in Layout designing (Print media experience will given preference) |

Interested candidates may submit their Resume/CV through e-mail at hr@nitidin.com or Contact : 7681055980


### ଆର୍‌ଜି କର ମାମଲା: ତଦନ୍ତରେ ଅବହେଳା ଅଭିଯୋଗ

# ୩ ଆଇପିଏସ୍ ଅଧିକାରୀ ନିଲମ୍ବିତ

**କୋଲ୍‌କାତା, ୧୫।୫/ଏଜେନ୍ସି:** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଶୁକ୍ରବାର ଆକସ୍ମିକ ଭାବେ ଆର୍‌ଜି କର ହସ୍ପିଟାଲର ଦୁଷ୍କର୍ମ ଓ ହତ୍ୟା ଘଟଣାର ତଦନ୍ତ ପ୍ରକ୍ରିୟାରେ ସାମିଲ ଥିବା ୩ ଆଇପିଏସ୍ ଅଧିକାରୀଙ୍କୁ ନିଲମ୍ବିତ କରିଛନ୍ତି। ଏମାନଙ୍କ ବିରୋଧରେ ତଦନ୍ତରେ ଅବହେଳା କରିଥିବା ଅଭିଯୋଗ ହୋଇଥିଲା। ପୂର୍ବତନ କୋଲକାତା ପୋଲିସ କମିଶନର ବିନୀତ ଗୋୟଲ, ପୂର୍ବତନ ଡେପୁଟି କମିଶନର ଇନ୍ଦିରା ମୁଖାର୍ଜୀ ଏବଂ ଅଭିଷେକ ଗୁପ୍ତାଙ୍କ ବିରୋଧରେ ତଦନ୍ତରେ ଗଡ଼ବଡ଼ କରିବା, ପୀଡ଼ିତାଙ୍କ ପିତାମାତାଙ୍କୁ ଲାଞ୍ଚ ସ୍ୱରୂପ ଟଙ୍କା ଯାଚିବା ଏବଂ ବିନା ଅନୁମତିରେ ସାମ୍ବାଦିକ ସମ୍ମିଳନୀ (ପ୍ରେସ୍ କନଫରେନ୍ସ) କରିଥିବା ଅଭିଯୋଗ ରହିଛି। ଏହି ତିନି ଅଧିକାରୀଙ୍କ ବିରୋଧରେ ପ୍ରମାଣ ନଷ୍ଟ ଏବଂ ଗଡ଼ବଡ଼ କରିବା, ଘଟଣା ଘଟିବା ପରେ କ୍ରାଇମ୍ ସିନ୍ କୁ ସଠିକ୍ ଭାବେ ସୁରକ୍ଷିତ ନ ରଖିବା ଏବଂ ସେଠାରେ ନିର୍ମାଣ କାର୍ଯ୍ୟ କରି ପ୍ରମାଣ ନଷ୍ଟ କରିବାକୁ ଚେଷ୍ଟା କରିଥିବାର ଅଭିଯୋଗ ହୋଇଛି। ପୀଡିତାଙ୍କ ମା' ଏବେ ବିଜେପି ଟିକଟରେ ବିଧାୟିକା ଭାବେ ନିର୍ବାଚିତ ହୋଇଛନ୍ତି।

# ବେରୋଜଗାର ଯୁବକ ଅସରପା ସଦୃଶ: ସିଜେଆଇ

**ନୂଆଦିଲ୍ଲୀ, ୧୫।୫/ଏଜେନ୍ସି:** ଦେଶର ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଶୁକ୍ରବାର ଏକ ମାମଲାର ଶୁଣାଣି କରିବା ସମୟରେ ଦେଶର ବେରୋଜଗାର ଯୁବକମାନଙ୍କୁ କକ୍‌ରୋଚ୍ (ଅସରପା) ବୋଲି କହିଛନ୍ତି। ସେ କହିଛନ୍ତି- କିଛି ବେରୋଜଗାର ଯୁବକ ଅସରପା ଭଳି ହୋଇଥାନ୍ତି, ଯେଉଁମାନେ ପରବର୍ତ୍ତୀ ସମୟରେ ମିଡିଆ, ସୋସିଆଲ ମିଡିଆ କିମ୍ବା ଏନ୍‌ଜିଓ ଆକ୍ଟିଭିଷ୍ଟ ସାଜି ସିଷ୍ଟମ (ବ୍ୟବସ୍ଥା) ଉପରେ ଆକ୍ରମଣ କରିବାକୁ ଲାଗନ୍ତି। ସିଜେଆଇ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗଚୀଙ୍କ ବେଞ୍ଚ ଶୁକ୍ରବାର ଦିନ ଜଣେ ଓକିଲଙ୍କ ଆବେଦନ ଉପରେ ଶୁଣାଣି କରୁଥିଲେ, ଯେଉଁଥିରେ ସେ ସିନିୟର୍ ଆଡଭୋକେଟ (ବରିଷ୍ଠ ଆଇନଜୀବୀ) ପଦବୀ ପାଇବାକୁ ଦାବି କରିଥିଲେ। ବେଞ୍ଚ ଉକ୍ତ ଓକିଲଙ୍କୁ ଭର୍ତ୍ସନା କରି କହିଛନ୍ତି ସମାଜରେ ପୂର୍ବରୁ ହିଁ ପାରାସାଇଟ୍ (ପରଜୀବୀ) ଅଛନ୍ତି, ଯେଉଁମାନେ ସିଷ୍ଟମ ଉପରେ ଆକ୍ରମଣ କରୁଛନ୍ତି। ବେଞ୍ଚ କହିଛନ୍ତି ଯେ ଦୁନିଆରେ ପ୍ରତ୍ୟେକ ବ୍ୟକ୍ତି ସିନିୟର ହେବା ପାଇଁ ଯୋଗ୍ୟ ହୋଇପାରନ୍ତି, କିନ୍ତୁ ଆପଣ ଏହାର ହକ୍‌ଦାର ନୁହନ୍ତି। ଯଦି ଆପଣଙ୍କୁ ଦିଲ୍ଲୀ ହାଇକୋର୍ଟ ସିନିୟର ଆଡଭୋକେଟ୍ ମଧ୍ୟ ବନାଇ ଦିଆଯାଏ ତେବେ ମଧ୍ୟ, ସୁପ୍ରିମକୋର୍ଟ ଆପଣଙ୍କ ବ୍ୟବହାରକୁ ଦେଖି ସେହି ନିଷ୍ପତ୍ତିକୁ ରଦ୍ଦ କରିଦେବେ। ଆବେଦନକାରୀଙ୍କ ପାଖରେ କ'ଣ ଅନ୍ୟ କୌଣସି ମାମଲା ନାହିଁ ରୁଜୁ କରିବା ପାଇଁ। ବରିଷ୍ଠତା ନିଜ କର୍ମ ଏବଂ ଅଭିଜ୍ଞତା ଆଧାରରେ ହାସଲ କରାଯାଏ, ଏପ୍ରକାର ଆବେଦନ କରି କିମ୍ବା ମାଗି କରି ଏହାକୁ ହାସଲ କରାଯାଇପାରିବ ନାହିଁ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra